CMYK

• Vol.- 46, Issue No. 140
• Thursday, 20 August 2026
• ଗୁରୁବାର, ୨୦ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ପାକିସ୍ତାନକୁ ବିଶ୍ୱକପ୍‌ରୁ ବିଦା କଲା ଭାରତ

## ୫-୩ ଗୋଲ୍‌ରେ ହେଲା ପରାସ୍ତ




ନୂଆଦିଲ୍ଲୀ,୧୯।୮: ଏଫଆଇଏଚ୍ ହକି ବିଶ୍ୱକପ୍ ୨୦୨୬ ର ଏକ ରୋମାଞ୍ଚକର ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ପାକିସ୍ତାନକୁ ୫-୩ ଗୋଲ୍‌ରେ ପରାସ୍ତ କରି ରାଉଣ୍ଡ-୨କୁ ସ୍ଥାନ ପକ୍କା କରିଛି। ନେଦରଲ୍ୟାଣ୍ଡର ଆମଷ୍ଟେଲଭିନ୍‌ରେ ଖେଳାଯାଇଥିବା ଏହି ପୁଲ୍ ଡି ର ଶେଷ ମୁକାବିଲାରେ ଭାରତୀୟ ଖେଳାଳିମାନେ ଆରମ୍ଭରୁ ହିଁ ନିଜର ଦବ୍‌ଦବା ବଜାୟ ରଖିଥିଲେ। ଏହି ବିଜୟରେ ଭାରତୀୟ ଅଧିନାୟକ ତଥା ଷ୍ଟାର୍ ଡ୍ରାଗ୍-ଫ୍ଲିକର୍ ହରମନପ୍ରୀତ ସିଂହ ମୁଖ୍ୟ ଆକର୍ଷଣ ସାଜିଥିଲେ, ଯିଏ ଗୋଲ୍ ଖାତା ଖୋଲିବା ସହ ୨ ଥର ପାକିସ୍ତାନୀ ଗୋଲ୍‌ପୋଷ୍ଟକୁ ଭେଦ କରିଥିଲେ। ତାଙ୍କ ବ୍ୟତୀତ ଅଭିଷେକ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଦଳ ପାଇଁ ଅନ୍ୟ ୨ଟି ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରୁ ହିଁ ଭାରତୀୟ ଦଳ ପାକିସ୍ତାନୀ ଡିଫେନ୍ସ ଉପରେ କ୍ରମାଗତ ଚାପ ସୃଷ୍ଟି କରିଥିଲା, ଯାହା ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା।

## ‘ଆମ ସାଥୀ’ ହ୍ୱାଟ୍ସଆପ୍ ଚାଟ୍ ବଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୯।୮(ନିପ୍ର): ଏଣିକି ହ୍ୱାଟ୍ସଆପ୍‌ରେ ମିଳିବ ରାଜସ୍ୱ ବିଭାଗର ପ୍ରମୁଖ ସେବା। ‘ଆମ ସାଥୀ’ ହ୍ୱାଟ୍ସଆପ୍ ଚାଟ୍ ବଟ୍‌ର ଶୁଭାରମ୍ଭ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏବେ ରାଜସ୍ୱ ବିଭାଗର ୧୬ ଓ ପରେ ଆଉ ୨ଟି ସେବା ପାଇପାରିବେ। କିସମ ପରିବର୍ତ୍ତନ, ବିବାହ ପଞ୍ଜୀକରଣ,ମ୍ୟୁଟେସନ୍ ସେବା ଉପଲବ୍ଧ ହେବ। ଜାତି, ଆୟ, ରେସିଡେନ୍ସ ଭଳି ପ୍ରମାଣପତ୍ର ସେବା ଉପଲବ୍ଧ ହେବ। ବିପର୍ଯ୍ୟୟ ବେଳେ ମଧ୍ୟ ଲୋକେ ଘରେ ଥାଇ ଏହି ସେବା ପାଇପାରିବେ।

### ଓଡ଼ିଶା ପାଇଁ କେନ୍ଦ୍ରର ଭେଟି

# ୩ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ ମଞ୍ଜୁରି

**କେନ୍ଦ୍ର କ୍ୟାବିନେଟ୍**

- ୪ ରାଜ୍ୟର ୮ ଜିଲ୍ଲାବାସୀ ହେବେ ଉପକୃତ
- ବର୍ତ୍ତମାନର ନେଟୱାର୍କ ପ୍ରାୟ ୪୧୦ କିମି ବୃଦ୍ଧି ପାଇବ
- ମୋଟ୍ ୯,୪୫୦ କୋଟି ଟଙ୍କା ବ୍ୟୟବରାଦ
- ୨୦୩୦-୩୧ ସୁଦ୍ଧା ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ



ନୂଆଦିଲ୍ଲୀ,୧୯।୮:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୁଧବାର ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ଚାରୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି: ଖଡ଼ଗପୁର - ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ - ୧୭୩ କିଲୋମିଟର (ପଶ୍ଚିମବଙ୍ଗ ଏବଂ ଓଡିଶା) ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା)ଗୁମ୍ମିଡିପୁଣ୍ଡି - ଗୁଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିଲୋମିଟର (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡ୍ରୁ)କଟକ - ପାରାଦୀପ (ବଡ଼ବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିଲୋମିଟର (ଓଡିଶା)। ବର୍ଦ୍ଧିତ ରେଳ ଲାଇନ କ୍ଷମତା ଟ୍ରାଫିକ ପ୍ରବାହରେ ଯଥେଷ୍ଟ ସୁଧାର ଆଣିବ। ଫଳରେ ଭାରତୀୟ ରେଳବାଇର କାର୍ଯ୍ୟଦକ୍ଷତା ଏବଂ ସେବା ବିଶ୍ୱସନୀୟତା ବୃଦ୍ଧି ପାଇବ। ଏହି ରେଳଲାଇନ ସମ୍ପ୍ରସାରଣ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ। ଏହାର ଲକ୍ଷ୍ୟ ହେଉଛି, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବ୍ୟାପକ ବିକାଶ ମାଧ୍ୟମରେ ସେଠାକାର ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଯାହାଦ୍ୱାରା ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି/ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ।ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା। ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ। ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡ୍ରୁ ଏବଂ ଆନ୍ଧ୍ରପ୍ରଦେଶର ଆଠଟି ଜିଲ୍ଲା ଏସବୁ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ। ଏହି ଚାରୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ।ଏହି ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦ୍ୱାରା ଓଡ଼ିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା’ ଭଦ୍ରକାଳୀ ମନ୍ଦିର, ମା’ ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀ ସମେତ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡ଼ୁର ପୁଲିକେଟ୍ ହ୍ରଦ, ନେଲାପଟ୍ଟୁ ପକ୍ଷୀ ଅଭୟାରଣ୍ୟ, ବୀରରାଘବ ପେରୁମଲ ମନ୍ଦିର ଆଦି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର୍, ଅଟୋ ମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ।

### ଏସସିବି ଓ ରାଉରକେଲା ହନୁମାନ ବାଟିକା ପ୍ରକଳ୍ପ ପୁନଃବିକାଶ : ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଚିକିତ୍ସା ସେବା ପାଇଁ ହେବ ନୂତନ ଭିତ୍ତିଭୂମି

**ବିଶ୍ୱସ୍ତରୀୟ ଏସସିବି ମେଗା ପ୍ରକଳ୍ପ: ୪ କ୍ଲିନିକାଲ ବ୍ଲକ୍, ଗୋଟିଏ ଆବାସିକ ବ୍ଲକ ନିର୍ମାଣ ଖୁବ୍ ଶୀଘ୍ର ଶେଷ ହେବ**


**ହେବ ନୂଆ ମେଡିସିନ୍ ବ୍ଲକ**

**ବହୁତଳ କାର ପାର୍କିଂ ନିର୍ମାଣ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ**



ଭୁବନେଶ୍ୱର,୧୯।୮(ନିପ୍ର): କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ୍ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ମେଡିକାଲ ପରିସରକୁ ଆସୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଡାକ୍ତରମାନଙ୍କ ପାଇଁ ଯାତାୟାତ ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବା ଏହି ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ। ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ଅଧୀନରେ ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁନେଇ ଏହିବୈଠକରେ ଆଲୋଚନା କରାଯାଇଛି।

## ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର




ଭୁବନେଶ୍ୱର,୧୯।୮: ଇମ୍ଫାର ସିଏସଆର ଶାଖା ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମପାକ୍ଟ) ଓଡିଆ ଭାଷାରେ ଉଲ୍ଲେଖନୀୟ ସାହିତ୍ୟିକ କୃତିତ୍ୱକୁ ସମ୍ମାନିତ କରିବା ପାଇଁ ପ୍ରତିଷ୍ଠିତ ୪୭ତମ ସାରଳା ପୁରସ୍କାରର ପ୍ରାପ୍ତକର୍ତ୍ତାଙ୍କ ନାମ ଘୋଷଣା କରିଛି। ଚଳିତ ବର୍ଷ ପ୍ରସିଦ୍ଧ ସାରଳା ପୁରସ୍କାର ପ୍ରସିଦ୍ଧ ଓଡିଆ କବି ଏବଂ ପ୍ରାବନ୍ଧିକ ଡକ୍ଟର ଆଶୁତୋଷ ପରିଡାଙ୍କୁ ତାଙ୍କର ପ୍ରଶଂସିତ କବିତା ସଂଗ୍ରହ ‘ବିଶ୍ୱାସ ଦେ ପୃଥ୍ୱୀ’ ପାଇଁ ନାମ ଘୋଷିତ ହୋଇଛି। ପ୍ରଦର୍ଶନ କଳାରେ ଅବଦାନ ପାଇଁ ଓଡିଶୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଏବଂ ଦୃଶ୍ୟ କଳାରେ ଉତ୍କର୍ଷତା ପାଇଁ ମୂର୍ତ୍ତିକାର ଏବଂ କଳା ଶିକ୍ଷକ ଦାମୋଦର ବେହେରାଙ୍କୁ କଳା ସମ୍ମାନ ପ୍ରଦାନ କରାଯିବ।

## ଦାରା ସିଂ ମୁକ୍ତି ମାମଲା: ସୁପ୍ରିମ କୋର୍ଟଙ୍କ ତାଗିଦା

### ସେପ୍ଟେମ୍ବର ୨ ସୁଦ୍ଧା ନିଷ୍ପତ୍ତି ନେଉ ଓଡ଼ିଶା ବନ୍ଦୀ ମୁକ୍ତି ସମୀକ୍ଷା ବୋର୍ଡ

ନୂଆଦିଲ୍ଲୀ,୧୯।୮: ଗ୍ରାହମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂଙ୍କ ମୁକ୍ତି ଆବେଦନର ଶୁଣାଣି ପୁଣି ଘୁଞ୍ଚିଛି। ଦାରା ସିଂଙ୍କ ମୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବାକୁ ଓଡ଼ିଶା ବନ୍ଦୀ ମୁକ୍ତି ସମୀକ୍ଷା ବୋର୍ଡକୁ ସୁପ୍ରିମକୋର୍ଟ ଆଉ ଏକ ଶେଷ ସୁଯୋଗ ଦେଇଛନ୍ତି। ପୂର୍ବ ଶୁଣାଣିରେ ଆଜି ସୁଦ୍ଧା ଦାରା ସିଂଙ୍କ ମୁକ୍ତି ଆବେଦନ ଉପରେ ନିଷ୍ପତ୍ତି ନେବାକୁ ଓଡ଼ିଶା ସରକାରଙ୍କୁ କୁହାଯାଇଥିଲା। ତେବେ ଆଜିର ଶୁଣାଣିରେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବା ସରକାରୀ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା। ଏପର୍ଯ୍ୟନ୍ତ ନିଷ୍ପତ୍ତି କାହିଁକି ନିଆଯାଇନାହିଁ ବୋଲି ବିଚାରପତିମାନେ ପ୍ରଶ୍ନ କରିଥିଲେ। ଏହାସହ ଜେଲ୍ ମହାନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଇଥିବା ଏକ ଚିଠି କୋର୍ଟରେ ଦାଖଲ ହେବା ନେଇ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ଦାରା ସିଂ ଉତ୍ତରପ୍ରଦେଶର ମୂଳ ବାସିନ୍ଦା ହୋଇଥିବାରୁ ତାଙ୍କ ପୂର୍ବ ପୃଷ୍ଠଭୂମି ଓ ଆଚରଣ ସମ୍ପର୍କିତ ତଥ୍ୟ ସେଠାକାର କର୍ତ୍ତୃପକ୍ଷଙ୍କଠାରୁ ମଗାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା।



## ୪୦୦ ଗାଡ଼ିର ରଦ୍ଦ ହେବ ଆର୍‌ସି

ଭୁବନେଶ୍ୱର,୧୯।୮: ରାଜଧାନୀରେ ବିଶୃଙ୍ଖଳା ସୃଷ୍ଟି କରିବା, ପୋଲିସକୁ ଆକ୍ରମଣ କରିବା ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଘଟଣାରେ ସାମିଲ ଗାଡ଼ି ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପରିବହନ ବିଭାଗ। ବିଶୃଙ୍ଖଳାରେ ବ୍ୟବହୃତ ସମସ୍ତ ଗାଡ଼ିର ପରମିଟ୍ ବାତିଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଯାଏଁ ପାଖାପାଖି ୪୦୦ଟି ଗାଡ଼ି ଚିହ୍ନଟ ହୋଇଥିବା ସୂଚନା ମିଳିଛି।କେବଳ ପରମିଟ୍ ବାତିଲ ନୁହେଁ, ସମ୍ପୃକ୍ତ ଗାଡ଼ିଗୁଡ଼ିକର ଆର୍‌ସି ମଧ୍ୟ ରଦ୍ଦ କରିବାକୁ ପଦକ୍ଷେପ ନେବ ପରିବହନ ବିଭାଗ। ଏହାସହ ଆଗାମୀ ଦିନରେ ଯେପରି ଏହି ଗାଡ଼ିଗୁଡ଼ିକ ଓଡ଼ିଶାର କୌଣସି ସ୍ଥାନରେ ଚଳାଚଳ କରିନପାରନ୍ତି, ସେନେଇ ମଧ୍ୟ ବ୍ୟବସ୍ଥା କରାଯିବ। ବିଶୃଙ୍ଖଳାରେ ସାମିଲ ଥିବା ଗାଡ଼ିଗୁଡ଼ିକୁ ଚିହ୍ନଟ କରି ପରମିଟ୍ ବାତିଲ ପାଇଁ ପରିବହନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ସମ୍ପୃକ୍ତ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ବାତିଲ କରିବାକୁ ବିଚାର କରାଯାଉଛି। ଅନୁମତି ମିଳିଲେ ଡ୍ରାଇଭରମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର ସମରେନ୍ଦ୍ର ପଟ୍ଟନାୟକ।

### ଅନଲାଇନ୍ ଗାଡ଼ି ଚାଳକ-ପୋଲିସ ଧସ୍ତାଧସ୍ତି

# ଲୋୟର ପିଏମ୍‌ଜିରେ ବିକ୍ଷୋଭ

- ୧୪ ‘ଆମ ବସ୍’ କ୍ଷତିଗ୍ରସ୍ତ, ଯାତ୍ରୀ ହନ୍ତସନ୍ତ
- ୫୦ରୁ ଅଧିକ ଚାଳକ ଗିରଫ !



ଭୁବନେଶ୍ୱର, ୧୯।୮(ନିପ୍ର): ରାଜଧାନୀରେ ଅନଲାଇନ୍ ଚାଳକ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ତୃତୀୟ ଦିନରେ ଜୋରଦାର ହୋଇଛି। ଲୋୟର ପିଏମଜି ଓ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଓଲା, ଉବର ଓ ରାପିଡୋ ଚାଳକମାନେ ଏକାଠି ହୋଇ କିଛି ଦାବି ନେଇ ବିକ୍ଷୋଭ ସାଙ୍ଗକୁ ଜୋର୍‌ଦାର ପ୍ରତିବାଦ କରିଛନ୍ତି। ଭୁବନେଶ୍ୱରରେ ଅନଲାଇନ୍ ଗାଡ଼ି ଚାଳକ-ପୋଲିସ ଧସ୍ତାଧସ୍ତି ହୋଇଛି। ଲୋୟର ପିଏମଜି ଓ ମାଷ୍ଟର କ୍ୟାଣ୍ଟିନ୍ ଛକରେ ମୁହାଁମୁହିଁ ହୋଇଛନ୍ତି। ଖଣ୍ଡଯୁଦ୍ଧ ପରିସ୍ଥିତି,ପୋଲିସ ଉପରକୁ ଟେକା ପଥର ମାଡ଼ ହୋଇଛି। ଆନ୍ଦୋଳନ ଯୋଗୁଁ ରେଲୱେ ଷ୍ଟେସନରୁ ଏୟାରପୋର୍ଟ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଛି। ଷ୍ଟେସନ୍ ଓ ଏୟାରପୋର୍ଟରୁ ଫେରୁଥିବା ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଚାଳକମାନଙ୍କ ଅଭିଯୋଗ ଅନୁସାରେ, ଅନଲାଇନ୍ କ୍ୟାବ୍ ଓ ବାଇକ୍ ସେବାରେ ଦୀର୍ଘ ସମୟ କାମ କରିବା ସତ୍ତ୍ୱେ ଆୟ ଅନୁପାତରେ ଖର୍ଚ୍ଚବଢ଼ି ଚାଲିଛି। ତେଣୁ ପ୍ରାପ୍ୟ ବୃଦ୍ଧି, ଉଚିତ ପାରିଶ୍ରମିକ ଏବଂ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଆନ୍ଦୋଳନ ବେଳେ ଉପୁଜିଥିବା ଉତ୍ତେଜନା ଓ ହିଂସାକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛି କମିଶନରେଟ୍ ପୋଲିସ। ଏହି ଘଟଣାରେ ୫୦ରୁ ଅଧିକ ଚାଳକଙ୍କୁ ଗିରଫ କରାଯାଇଥିବା ଏକ ସୂତ୍ରରୁ ପ୍ରକାଶ। ଆହୁରି କିଏ କିଏ ସାମିଲ ଥିଲେ, ସେନେଇ ତଦନ୍ତ ଜାରି ରହିଛି। ଆନ୍ଦୋଳନକାରୀମାନେ ପୋଲିସକୁ ଢେଲାପଥର ମାଡ଼ କରିବା ସହ ସରକାରୀ ବସ୍‌କୁ ନିଶାଣ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଖଣ୍ଡଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀଙ୍କ ଭଙ୍ଗାରୁଜାରେ ୧୪ଟି ‘ଆମ ବସ୍’ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ଭୋଟର ତାଲିକା ସଂଶୋଧନର ଶେଷ ପର୍ଯ୍ୟାୟ

### ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ତାଲିକା

ଭୁବନେଶ୍ୱର,୧୯।୮: ଓଡ଼ିଶାରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର୍) ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ। ବୁଧବାର ଦାବି ଓ ଆପତ୍ତି ଦାଖଲର ଶେଷ ଦିନ ଥିବା ବେଳେ ଆସନ୍ତା ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ପୂର୍ବରୁ ଶୁଣାଣି, ଯାଞ୍ଚ ଓ ବିଚାରାଧୀନ ମାମଲାଗୁଡ଼ିକର ଫଇସଲା ପ୍ରକ୍ରିୟା ଶେଷ କରାଯିବ।ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁସାରେ, ଏପର୍ଯ୍ୟନ୍ତ ୫୮,୩୬,୪୩୦ ଜଣ ଭୋଟରଙ୍କୁ ନୋଟିସ୍ ଜାରି କରାଯାଇଛି। ସେଥିରୁ ୫୮,୩୬,୩୭୪ଟି ନୋଟିସ୍ ସଫଳତାର ସହ ହସ୍ତାନ୍ତର ହୋଇଛି।ନୋଟିସ୍ ପାଇଥିବା ଭୋଟରଙ୍କ ମଧ୍ୟରୁ ବହୁ ସଂଖ୍ୟକଙ୍କ ଶୁଣାଣି ଶେଷ ହୋଇଛି। ଯାଞ୍ଚ ପରେ ୫୪,୨୧,୮୭୨ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ବଜାୟ ରଖାଯାଇଛି।

# ପ୍ରଭୁ ଶିବଙ୍କ ପୂଜାରେ କାହିଁକି ଅର୍ପଣ ହୁଏନି ତୁଳସୀ



> ଭଗବାନ ବିଷ୍ଣୁଙ୍କ ଅଭିଶାପ ପାଇଁ ବୃନ୍ଦା କାଠରେ ପରିଣତ ହୋଇଗଲେ । ତେବେ ଭଗବାନଙ୍କ ଏହି ଅଭିଶାପ ଯୋଗୁଁ ତୁଳସୀ ଆଜି ପର୍ଯ୍ୟନ୍ତ ଅଭିଶପ୍ତ ଜୀବନ କାଟୁଛନ୍ତି । ତେଣୁ ଆଜି ବି ଭଗବାନ ଶିବଙ୍କ ପୂଜାରେ ତୁଳସୀ ଅର୍ପଣ କରାଯାଏ ନାହିଁ ।



ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଛି । ଶ୍ରଦ୍ଧାଳୁ ପୂଜା ସମୟରେ ନିଜର ଇଷ୍ଟଦେବଙ୍କୁ ତାଙ୍କ ମନ ପସନ୍ଦର ଜିନିଷ ଅର୍ପଣ କରି ବିଧି ଅନୁଯାୟୀ ପୂଜା କରିଥାନ୍ତି । କିନ୍ତୁ ବର୍ତ୍ତମାନ ଶ୍ରାବଣ ମାସ ଯୋଗୁଁ ସବୁ ଶିବ ମନ୍ଦିରରେ ଅଧିକ ଭିଡ଼ ଦେଖାଯାଉଛି । ତେବେ ଜାଣିଛନ୍ତି କି, ଭଗବାନ ଶିବଙ୍କ ପୂଜାରେ ପବିତ୍ର ତୁଳସୀ ପତ୍ର ଲାଗି ହୋଇନଥାଏ । ହିନ୍ଦୁ ଧର୍ମାବଲମ୍ବୀମାନେ ସମସ୍ତ ଦେବାଦେବୀଙ୍କୁ ଧାର୍ମିକ ମାନ୍ୟତା ଅନୁସାରେ, ଇଷ୍ଟଦେବଙ୍କ ପସନ୍ଦର ସବୁ ଜିନିଷ ଅର୍ପଣ କରିଥାନ୍ତି । ଧାର୍ମିକ ମାନ୍ୟତା ଅନୁସାରେ, ଭଗବାନ ଶିବଙ୍କୁ ଜଳ, କେଶର, ଚିନି, କ୍ଷୀର, ଦହି, ଘିଅ, ଚନ୍ଦନ ଇତ୍ୟାଦିରେ ଅଭିଷେକ କରାଯାଇଥାଏ । କିନ୍ତୁ ବାବା ଭୋଳାନାଥଙ୍କୁ ବେଲପତ୍ର ଖୁବ ପସନ୍ଦ ହୋଇଥାଏ । ସେଥିପାଇଁ ପ୍ରତ୍ୟେକ ଶିବରାତ୍ରୀରେ ଭୋଳାଶଙ୍କରଙ୍କୁ ଏହି ବେଲପତ୍ର ଅର୍ପଣ କରାଯାଏ । କିନ୍ତୁ ତୁଳସୀ ଅର୍ପଣ କରାଯାଏ ନାହିଁ । ଅନେକ ଲୋକେ ଏ ସମ୍ପର୍କରେ ଅଜଣା ରହିଥିବେ । ତେବେ ଏହାର ପ୍ରକୃତ କାରଣ ପୁରାଣ ସହ ଜଡ଼ିତ ରହିଛି । କୁହାଯାଏ, ଏକଦା ଜଳନ୍ଧର ନାମକ ଏକ ରାକ୍ଷସ ନିଜ ଅତ୍ୟାଚାରରେ ଆତଙ୍କ ସୃଷ୍ଟି କରିଥିଲା । ଜଳନ୍ଧର ନିଜ ପତ୍ନୀ ବୃନ୍ଦାଙ୍କ ଉପରେ ମଧ୍ୟ ଅତ୍ୟାଚାର କରୁଥିଲା । ଏହା ଦେଖି ଭଗବାନ ଶିବ କ୍ରୋଧିତ ହୋଇ ଜଳନ୍ଧରକୁ ଶିକ୍ଷା ଦେବା ପାଇଁ ବିଷ୍ଣୁ ଭଗବାନଙ୍କୁ କହିଥିଲେ । କିନ୍ତୁ ବୃନ୍ଦାଙ୍କ ପାତିବ୍ରତ୍ୟ ଏଥିରେ ବାଧା ହୋଇଥିଲା । ତେଣୁ ଭଗବାନ ବିଷ୍ଣୁ ଜଳନ୍ଧର ରୂପ ଧାରଣ କରି ବୃନ୍ଦାଙ୍କ ଧର୍ମ ଭଙ୍ଗ କରିଦେଲେ । କୁହାଯାଏ ଯେ, ପୂର୍ବ ଜନ୍ମରେ ତୁଳସୀଙ୍କ ନାମ ଥିଲା ବୃନ୍ଦା ଏବଂ ଶିବଙ୍କ ଅଂଶ ଥିଲା ଜଳନ୍ଧର । କୁକର୍ମ ଯୋଗୁଁ ଜଳନ୍ଧରକୁ ରାକ୍ଷସ କୂଳରେ ଜନ୍ମ ନେବାକୁ ପଡ଼ିଥିଲା । ନିଜ ପତ୍ନୀଙ୍କ ପାତିବ୍ରତ୍ୟ ଯୋଗୁଁ ଜୀବିତ ଥିବା ଅସୁରରାଜ ଜଳନ୍ଧରକୁ ନିଜ ଶକ୍ତି ଏବଂ ବୀରତା ଉପରେ ଖୁବ ଗର୍ବ ଓ ଅହଙ୍କାର ଥିଲା । ଭଗବାନ ଶିବ ଏବଂ ବିଷ୍ଣୁଙ୍କ ଏହି ଯୋଜନା ବିଷୟରେ ଜାଣି ପାରିଥିଲେ ପତ୍ନୀ ବୃନ୍ଦା । ତେଣୁ ବୃନ୍ଦାଙ୍କ ପାତିବ୍ରତ୍ୟ ଧର୍ମକୁ ଭାଙ୍ଗିଦେବା ପରେ ସେ ଭଗବାନ ବିଷ୍ଣୁଙ୍କୁ ଅଭିଶାପ ଦେଇଥିଲେ । ତେବେ ଏହି ଅଭିଶାପ ପରେ ଭଗବାନ ବିଷ୍ଣୁ ବୃନ୍ଦାଙ୍କୁ ସମସ୍ତ ସତ୍ୟ କହିଥିଲେ । ରାକ୍ଷସ ପତିଙ୍କ କବଳରୁ ରକ୍ଷା କରୁଥିବା ବୃନ୍ଦାଙ୍କୁ କହିଥିଲେ ଭଗବାନ ବିଷ୍ଣୁ । ଏହାପରେ ଭଗବାନ ବିଷ୍ଣୁଙ୍କ ଅଭିଶାପ ପାଇ ବୃନ୍ଦା କାଠରେ ପରିଣତ ହୋଇଗଲେ । ତେବେ ଭଗବାନଙ୍କ ଏହି ଅଭିଶାପ ଯୋଗୁଁ ତୁଳସୀ ଆଜି ପର୍ଯ୍ୟନ୍ତ ଅଭିଶପ୍ତ ଜୀବନ କାଟୁଛନ୍ତି । ତେଣୁ ଆଜି ବି ଭଗବାନ ଶିବଙ୍କ ପୂଜାରେ ତୁଳସୀ ଅର୍ପଣ କରାଯାଏ ନାହିଁ । ତୁଳସୀ ପରିବର୍ତ୍ତେ ଭଗବାନ ଶିବଙ୍କୁ କେତକୀ ଫୁଲ, ନଡ଼ିଆ ପାଣି, କଳା ରାଶି, ସିନ୍ଦୂର ଏବଂ ହଳଦୀ ଇତ୍ୟାଦି ଅର୍ପଣ କରାଯାଏ ।

# ବେଲପତ୍ରରେ ରହିଛି ବହୁ ଧାର୍ମିକ ମହତ୍ତ୍ୱ



ପ୍ରଭୁ ଶିବଶଙ୍କରଙ୍କୁ ବେଲପତ୍ର ଖୁବ ପ୍ରିୟ, ଏହାର ଶିବ ପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଛି । ତେଣୁ ସମସ୍ତ ଭକ୍ତ ଶ୍ରଦ୍ଧାର ଭାବ ସହ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ବେଲ ପତ୍ର ଅର୍ପଣ କରିଥାଆନ୍ତି । ଏହାଦ୍ୱାରା ପ୍ରଭୁ ଖୁବ ପ୍ରସନ୍ନ ହେବା ସହ ଭକ୍ତଙ୍କ ଉପରେ କୃପା ଓ ଆଶୀର୍ବାଦ ଦେଇଥାଆନ୍ତି । ପ୍ରଭୁଙ୍କୁ ବେଲପତ୍ର ଅର୍ପଣ କରିବା ସହ ଏହାର ମହତ୍ତ୍ୱ ମଧ୍ୟ ଜାଣନ୍ତୁ । ବେଲ ଗଛକୁ ଶ୍ରୀବୃକ୍ଷ ମଧ୍ୟ କୁହାଯାଏ । ମାନ୍ୟତା ଅନୁଯାୟୀ, ଏଥିରେ ପ୍ରଭୁ ମହାଦେବ ବାସ କରନ୍ତି । ତିନିଟି ପତ୍ର ବିଶିଷ୍ଟ ବେଲପତ୍ରକୁ ତ୍ରିଦେବଙ୍କ ଏକ ରୂପ ବୋଲି ମଧ୍ୟ କୁହାଯାଏ । କିମ୍ବଦନ୍ତୀ ଅନୁଯାୟୀ, ଏକଦା ମାତା ପାର୍ବତୀ ଆଙ୍ଗୁଠିରେ ନିଜ ମଥାରେ ଥିବା ଝାଳକୁ ପୋଛି ପକାଇଦେଇଥିଲେ । ସେହି ଝାଳରୁ କିଛି ବୁନ୍ଦା ମନ୍ଦାର ପର୍ବତରେ ପଡ଼ିଥିଲା । ସେଥିରୁ ହିଁ ବେଲଗଛ ଉତ୍ପନ୍ନ ହୋଇଛି ବୋଲି କୁହାଯାଏ । ଏହି ବେଲ ବୃକ୍ଷ ଅଧିକାଂଶ କେବଳ ମନ୍ଦିର ନିକଟରେ ହିଁ ଥାଏ । ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି, ଘରର ବଗିଚାରେ ବେଲ ବୃକ୍ଷ ଲଗାଇବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଯେଉଁ ସ୍ଥାନରେ ଏହି ବୃକ୍ଷ ରହିଥାଏ, ତାହା କାଶୀ ତୀର୍ଥ ଭଳି ପବିତ୍ର ଓ ପୂଜନୀୟସ୍ଥଳ । ଏହାର ପ୍ରଭାବରେ ଘରର ସଦସ୍ୟଙ୍କ ଉପରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ । ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ଭାବ ରହିଥାଏ । ଘରେ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ । ଏହା ବାତାବରଣକୁ ଶୁଦ୍ଧ ଓ ପବିତ୍ର କରିଥାଏ । ଏହି ବୃକ୍ଷର ପ୍ରଭାବରେ କୌଣସି କ୍ଷତିକାରକ ଜୀବଜନ୍ତୁ ରୁହନ୍ତି ନାହିଁ । ବେଲପତ୍ର ତୋଳିବା ସମୟରେ କିଛି ସ୍ୱତନ୍ତ୍ର ନିୟମ ପ୍ରତି ଧ୍ୟାନ ରଖିବା ସହ ପ୍ରଭୁ ଭୋଳାଶଙ୍କରଙ୍କୁ ଅର୍ପଣ କରିବା ଶ୍ରେଷ୍ଠ ବୋଲି କୁହାଯାଏ । ଶୁଖିଯାଇଥିବା ଓ ଛିଣ୍ଡିଥିବା ବେଲପତ୍ର ପ୍ରଭୁଙ୍କୁ ଅର୍ପଣ କରିବା ଉଚିତ ନୁହେଁ ।




# କେବେ ପାଳନ ହେବ ଜନ୍ମାଷ୍ଟମୀ ପର୍ବ



ଜନ୍ମାଷ୍ଟମୀ କେବଳ ଆସ୍ଥାର ପର୍ବ ନୁହେଁ, ଏହା ଭକ୍ତି ଓ ପ୍ରେମର ଏକ ପବିତ୍ର ପର୍ବ ବୋଲି ବିଶ୍ୱାସ ରହିଛି । ଏହି ଦିନ ଭକ୍ତମାନେ ବିଭିନ୍ନ ମନସ୍କାମନା ନେଇ ଉପବାସ ରଖିବା ସହ ରାତିରେ ଶ୍ରୀକୃଷ୍ଣଙ୍କ ଜନ୍ମ ସମୟରେ ପୂଜା କରିଥାନ୍ତି । ୨୦୨୬ରେ ଜନ୍ମାଷ୍ଟମୀ ପର୍ବ ସେପ୍ଟେମ୍ବର ୪ ଶୁକ୍ରବାର ଦିନ ପାଳନ କରାଯିବ । ଚଳିତ ଜନ୍ମାଷ୍ଟମୀକୁ ଶ୍ରୀକୃଷ୍ଣଙ୍କ ୫୨୫୩ତମ ଜନ୍ମୋତ୍ସବ ଭାବେ ମଧ୍ୟ ଉଲ୍ଲେଖ କରାଯାଉଛି । ଭାଦ୍ରବ ମାସର କୃଷ୍ଣ ପକ୍ଷ ଅଷ୍ଟମୀ ତିଥି ୪ ସେପ୍ଟେମ୍ବର ୨୦୨୬ ରାତି ୨ଟା ୨୫ ମିନିଟ୍‌ରେ ଜନ୍ମାଷ୍ଟମୀ ପର୍ବ ଆରମ୍ଭ ହେବ ଏବଂ ପରଦିନ ସେପ୍ଟେମ୍ବର ୫ ସକାଳ ୧୨ଟା ୧୩ ମିନିଟ୍‌ରେ ଶେଷ ହେବ । ଜନ୍ମାଷ୍ଟମୀ ନିଶିଥ ପୂଜା ସମୟ ସେପ୍ଟେମ୍ବର ୫ ରାତି ୧୧ଟା ୫୭ ମିନିଟ୍‌ରୁ ସକାଳ ୧୨ଟା ୪୩ ମିନିଟ୍ ପର୍ଯ୍ୟନ୍ତ ରହିଛି । ଏକାଦଶୀ ବ୍ରତ ସମୟରେ ଯେଉଁ ସମସ୍ତ ନିୟମ ପାଳନ କରାଯାଏ, ଜନ୍ମାଷ୍ଟମୀ ବ୍ରତ ସମୟରେ ମଧ୍ୟ ସେହି ନିୟମଗୁଡ଼ିକ ପାଳନ କରିବା ଉଚିତ । ଜନ୍ମାଷ୍ଟମୀ ବ୍ରତ ସମୟରେ କୌଣସି ପ୍ରକାରର ଶସ୍ୟ ବା ଅନ୍ନ ଗ୍ରହଣ କରିବା ଉଚିତ ନୁହେଁ । ଜନ୍ମାଷ୍ଟମୀ ବ୍ରତ ପରଦିନ ସୂର୍ଯ୍ୟୋଦୟ ପରେ ଏକ ନିର୍ଦ୍ଦିଷ୍ଟ ସମୟରେ ଭଙ୍ଗ କରାଯାଏ । ଏହି ନିର୍ଦ୍ଦିଷ୍ଟ ସମୟକୁ ଜନ୍ମାଷ୍ଟମୀ ପାରାୟଣ ସମୟ କୁହାଯାଏ ।



# ପରହିତ ପରି ଧର୍ମ ନାହିଁ କି ପରପୀଡ଼ା ପରି ପାପ ନାହିଁ




ଭାରତୀୟ ଭକ୍ତି ସାହିତ୍ୟ ପରମ୍ପରାର ତୁଳସୀ ଦାସ ଜଣେ ଉଜ୍ଜ୍ୱଳ ନକ୍ଷତ୍ର । ସେ ଥିଲେ ମହାନ୍ ରାମଭକ୍ତ, ସାଧକ ଓ ଲୋକ-ଶିକ୍ଷକ । ତାଙ୍କର ଶ୍ରେଷ୍ଠକୃତି 'ଶ୍ରୀରାମଚରିତ ମାନସ' । ଏହା ଭାରତୀୟ ଜନମାନସରେ ଶ୍ରୀରାମଙ୍କର ଆଦର୍ଶକୁ ଅତ୍ୟନ୍ତ ସରଳ, ସାବଲୀଳ ଓ ହୃଦୟସ୍ପର୍ଶୀ ଭାଷାରେ ଉପସ୍ଥାପିତ କରିଛି । ତୁଳସୀଦାସଙ୍କ ସଂପର୍କରେ ଅନେକ ଲୋକକଥା ବା କିଂବଦନ୍ତି ପ୍ରଚଳିତ ଅଛି । ସେସବୁ ମଧ୍ୟରୁ ଗୋଟିଏ ଚର୍ଚ୍ଚିତ କଥା ଆମକୁ କହେ, ଯେ ସାଂସାରିକ ଆସକ୍ତି ହିଁ ତାଙ୍କୁ ଶ୍ରୀରାମଙ୍କର ଜଣେ ଏକନିଷ୍ଠ ଭକ୍ତରେ ପରିଣତ କରିଥିଲା । ସେହି କଥାଟି ହେଉଛି- ତୁଳସୀ ଦାସଙ୍କର ପତ୍ନୀ ଥିଲେ ରତ୍ନାବଳୀ । ପତ୍ନୀଙ୍କ ପ୍ରତି ତାଙ୍କର ଅତ୍ୟଧିକ ଆସକ୍ତି ଥିଲା । ଏକଦା ରତ୍ନାବଳୀ ତାଙ୍କ ପିତାଙ୍କ ଘରକୁ ଯାଇଥିଲେ । ମାତ୍ର ତାଙ୍କ ସହ ମିଳିତ ହେବା ପାଇଁ ତୁଳସୀ ଦାସ ଏତେ ବ୍ୟାକୁଳ ହୋଇପଡ଼ିଲେ ଯେ ବର୍ଷା ଓ ଅନ୍ଧାର ରାତିକୁ ଖାତର ନ କରି ଦୀର୍ଘପଥ ଚାଲି ଚାଲି ଯାଇ ପତ୍ନୀଙ୍କ ନିକଟରେ ପହଞ୍ଚି ଯାଇଥିଲେ । ଏପରିକି ପଥ ମଧ୍ୟରେ ଥିବା ଏକ ନଦୀର ସ୍ରୋତ ମଧ୍ୟ ତାଙ୍କର ଗତିରୋଧ କରିପାରି ନ ଥିଲା । ତାଙ୍କର ସେହି ଅତ୍ୟଧିକ ଆସକ୍ତି ଦେଖି ପତ୍ନୀ ରତ୍ନାବଳୀ ତାଙ୍କୁ ଗୋଟିଏ ଦୋହା ଶୁଣାଇଥିଲେ । ଦୋହାଟି ହେଉଛି- ଏହାର ଅର୍ଥ- "ମୋର ଏହି ଅସ୍ଥିଚର୍ମମୟ ଶରୀର ପ୍ରତି ତୁମର ଯେତିକି ପ୍ରେମ, ତାହାର ଅର୍ଦ୍ଧମାତ୍ର ଯଦି ଶ୍ରୀରାମଙ୍କ ପ୍ରତି ଥାଆନ୍ତା, ତେବେ ତୁମର ଆଉ ସଂସାରର ଭୟ ରହନ୍ତା ନାହିଁ ।" ସ୍ତ୍ରୀଙ୍କର ଏହି କଥାଟି ତୁଳସୀଦାସଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ସେ ହୋଇଯାଇଥିଲେ ଶ୍ରୀରାମଙ୍କର ଏକନିଷ୍ଠ ଭକ୍ତ । ତୁଳସୀ ଦାସ ମଧ୍ୟ ଅନେକ ଲୋକଶିକ୍ଷାମୂଳକ ଦୋହାର ରଚୟିତା । ଉପରେ ଉଦ୍ଧୃତ ସୁଭାଷିତ ତାହାର ଏକ ଉଦାହରଣ । ଏଥିରେ ସେ କହିଛନ୍ତି- "ପରର ହିତ କରିବା ପରି ଧର୍ମ ନାହିଁ କି ପରକୁ ପୀଡ଼ା ଦେବାପରି ପାପ ନାହିଁ ।" ଅଷ୍ଟାଦଶ ପୁରାଣର ରଚୟିତା ବ୍ୟାସଦେବଙ୍କ ସଂପର୍କରେ ମଧ୍ୟ ଏହିପରି ଗୋଟିଏ କଥା ପ୍ରଚଳିତ ଅଛି । ସେଥିରେ କୁହାଯାଇଛି- ଅଷ୍ଟାଦଶ ପୁରାଣରେ ବ୍ୟାସଦେବ ଯେଉଁ ଦୁଇଟି ମାତ୍ର ସାରକଥା କହିଛନ୍ତି, ତାହା ହେଉଛି- "ପରୋପକାର ପୁଣ୍ୟ ଓ ପରପୀଡ଼ନ ପାପ ।"

## ଶିବ ପୂଜାରେ ପରିବାରର ମହତ୍ତ୍ୱ

ଶିବ ପୂଜାର ଆଉ ଏକ ବିଶିଷ୍ଟ କଥା ହେଉଛି ଶିବ ପରିବାରର ମାହାତ୍ମ୍ୟ । ଶିବଙ୍କର ବାହନ ବୃଷଭ । ନାଗ ଶିବଙ୍କର ଅଙ୍ଗାଭରଣ । ଆଦି ଶକ୍ତି ମାତା ପାର୍ବତୀଙ୍କ ବାହନ ସିଂହ । କାର୍ତ୍ତିକେଶ୍ୱରଙ୍କର ବାହନ ମୟୂର ଓ ଗଣେଶଙ୍କ ବାହନ ମୂଷା । ଏ ସମସ୍ତେ ପରସ୍ପରର ଶତ୍ରୁ । ମାତ୍ର ଗୋଟିଏ ପରିବାରରେ ସେମାନଙ୍କର ସହାବସ୍ଥାନ ଏ ମଣିଷକୁ ଶିକ୍ଷା ଦିଏ ସମାଜରେ ତଥା ପରିବାରରେ ଏହିପରି ବିଭିନ୍ନ ପ୍ରକୃତିର ଲୋକ ଅଛନ୍ତି, ମାତ୍ର ଶିବ ପରିବାର ପରି ସମସ୍ତଙ୍କୁ ନେଇ ଶାନ୍ତିରେ ସହାବସ୍ଥାନ ଆମର କାମ୍ୟ ।


# ଶିବଙ୍କ ପୂଜାରେ ଶଙ୍ଖ କାହିଁକି ବ୍ୟବହାର ହୁଏନି ?



ହିନ୍ଦୁ ଧର୍ମରେ ଶଙ୍ଖନାଦକୁ ବିଜୟ ଓ ଶୁଭର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଭଗବାନ ବିଷ୍ଣୁଙ୍କର ଅନ୍ୟତମ ଆୟୁଧ ଓ ଆଭୂଷଣ ହେଉଛି ଶଙ୍ଖ । ପୁରାଣ ଅନୁସାରେ, ସମୁଦ୍ର ମନ୍ଥନ ସମୟରେ ପ୍ରାପ୍ତ ଅମୂଲ୍ୟ ରତ୍ନଗୁଡ଼ିକ ମଧ୍ୟରେ ଶଙ୍ଖ ଅନ୍ୟତମ । ବିଭିନ୍ନ ପୂଜାପାଠ ଓ ଧାର୍ମିକ କାର୍ଯ୍ୟରେ ଶଙ୍ଖର ବ୍ୟବହାର ହୋଇଥାଏ । ପ୍ରାୟ ପ୍ରତ୍ୟେକ ହିନ୍ଦୁ ପରିବାରର ଠାକୁର ଘରେ ମଧ୍ୟ ଶଙ୍ଖର ସ୍ଥାନ ରହିଥାଏ । ତେବେ ଅନ୍ୟ ଦେବଦେବୀଙ୍କ ପୂଜାରେ ଶଙ୍ଖ ବ୍ୟବହାର କରାଯାଉଥିବାବେଳେ ଭଗବାନ ଶିବଙ୍କ ପୂଜାରେ ଶଙ୍ଖ ବ୍ୟବହାର କରାଯାଏ ନାହିଁ । ଏପରିକି ଶଙ୍ଖରେ ଜଳ ନେଇ ଶିବଲିଙ୍ଗର ଅଭିଷେକ କରିବାକୁ ମଧ୍ୟ ଅନେକ ପରମ୍ପରାରେ ନିଷିଦ୍ଧ କରାଯାଇଛି । ଏହା ପଛରେ ଏକ ପୌରାଣିକ କାହାଣୀ ରହିଛି । ପୁରାଣ କଥା ଅନୁସାରେ, ଦୈତ୍ୟରାଜ ନାମକ ଜଣେ ଅସୁର ନିଃସନ୍ତାନ ଥିଲା । ସନ୍ତାନ ପ୍ରାପ୍ତି ଆଶାରେ ସେ ଘୋର ତପସ୍ୟା କରି ଭଗବାନ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିଥିଲା । ବିଷ୍ଣୁ ତାର ତପସ୍ୟାରେ ପ୍ରସନ୍ନ ହୋଇ ବର ମାଗିବାକୁ କହିବାରୁ ଦୈତ୍ୟରାଜ ଜଣେ ତ୍ରିପୁରବିଜୟୀ ପୁତ୍ର ସନ୍ତାନ ପାଇଁ ପ୍ରାର୍ଥନା କରିଥିଲା । ଭଗବାନ ବିଷ୍ଣୁ ତାକୁ 'ତଥାସ୍ତୁ' କହିଥିଲେ । ବିଷ୍ଣୁଙ୍କ ଆଶୀର୍ବାଦରେ ଦୈତ୍ୟରାଜଙ୍କର ଜଣେ ପୁତ୍ର ଜନ୍ମ ନେଲା । ତାର ନାମ ରଖାଗଲା ଶଙ୍ଖଚୂଡ଼ । ବିଷ୍ଣୁଙ୍କ ବରର ପ୍ରଭାବରେ ଶଙ୍ଖଚୂଡ଼ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ତ୍ରିଭୁବନ ବିଜୟ କରିଥିଲା । ତାର ଅତ୍ୟାଚାରରେ ଦେବତାମାନେ ଅତିଷ୍ଠ ହୋଇ ଭଗବାନ ଶିବଙ୍କ ଶରଣ ପଶିଥିଲେ । ଦେବତାମାନଙ୍କ ଦୁଃଖ ଦୂର କରିବା ପାଇଁ ଭଗବାନ ଶିବ ଶଙ୍ଖଚୂଡ଼ ସହ ଯୁଦ୍ଧ କରି ତାକୁ ବଧ କରିଥିଲେ । ପୌରାଣିକ ବିଶ୍ୱାସ ଅନୁସାରେ, ଶଙ୍ଖଚୂଡ଼ଙ୍କ ହାଡ଼ରୁ ଶଙ୍ଖର ଉତ୍ପତ୍ତି ହୋଇଥିଲା । ଏହି କାରଣରୁ ଶଙ୍ଖକୁ ଭଗବାନ ଶିବଙ୍କ ପୂଜାରେ ବ୍ୟବହାର ନକରିବାର ପରମ୍ପରା ରହିଛି । ଶିବ ପୁରାଣର ରୁଦ୍ର ସଂହିତାରେ ମଧ୍ୟ ଶଙ୍ଖରେ ଭଗବାନ ଶିବଙ୍କ ପୂଜା ନକରିବା ସମ୍ପର୍କରେ ଉଲ୍ଲେଖ ଥିବା ବିଶ୍ୱାସ କରାଯାଏ । ତେଣୁ ହିନ୍ଦୁ ଧାର୍ମିକ ପରମ୍ପରାରେ ଶଙ୍ଖ ଅତ୍ୟନ୍ତ ପବିତ୍ର ହୋଇଥିଲେ ମଧ୍ୟ ଶିବପୂଜାରେ ଏହାର ବ୍ୟବହାରକୁ ବାରଣ କରାଯାଇଛି ।

# ଋଷି ଋଷ୍ୟଶୃଙ୍ଗ

ଦଶହରା ଦିନ ହିଁ ପ୍ରଭୁ ଶ୍ରୀରାମ ଲଙ୍କାପତି ରାବଣର ବଧ କରିଥିଲେ । ଭଗବାନ ଶ୍ରୀରାମଙ୍କ ଜନ୍ମ କଥା ତ' ସମସ୍ତେ ଜାଣନ୍ତି । କିନ୍ତୁ ଯେଉଁ ଋଷି ରାଜା ଦଶରଥଙ୍କ ପାଇଁ ପୁତ୍ରକାମେଷ୍ଟି ଯଜ୍ଞ କରାଇଥିଲେ, ତାଙ୍କ ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି । ତାଙ୍କ ବିଷୟରେ ଏଠାରେ ସଂକ୍ଷେପରେ ଆଲୋଚନା । ରାମାୟଣରେ ଉଲ୍ଲେଖ ରହିଛି ଯେ ଋଷି ଋଷ୍ୟଶୃଙ୍ଗଙ୍କ ଜନ୍ମ ହରିଣୀ ଗର୍ଭରୁ ହୋଇଥିଲା । ତ୍ରେତୟା ଯୁଗର କଥା । ସେତେବେଳେ ରାଜୁତି କରୁଥିବା ରାଜା ରୋମପାଦଙ୍କ ରାଜ୍ୟରେ ଭୟଙ୍କର ମରୁଡ଼ି ପଡ଼ିଲା । ଏହି ସମୟରେ ଋଷ୍ୟଶୃଙ୍ଗଙ୍କ ପ୍ରଭାବରୁ ହିଁ ସେହି ରାଜ୍ୟରେ ବର୍ଷା ହୋଇଥିଲା । ଅନ୍ୟ ଏକ ମାନ୍ୟତା ଅନୁଯାୟୀ ରାଜା ଦଶରଥଙ୍କ କନ୍ୟା ଶାନ୍ତାଙ୍କ ବିବାହ ଋଷି ଋଷ୍ୟଶୃଙ୍ଗଙ୍କ ସହିତ ହୋଇଥିଲା । ଋଷ୍ୟଶୃଙ୍ଗ ହିଁ ରାଜା ଦଶରଥଙ୍କ ପାଇଁ ପୁତ୍ରକାମେଷ୍ଟି ଯଜ୍ଞ କରାଇଥିଲେ । ଫଳରେ ଶ୍ରୀରାମ, ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନଙ୍କ ଜନ୍ମ ସମ୍ଭବ ହୋଇଥିଲା । ମହର୍ଷି ବିଭାଣ୍ଡକଙ୍କ ପୁତ୍ର ଥିଲେ ଋଷି ଋଷ୍ୟଶୃଙ୍ଗ । ମହର୍ଷି ବିଭାଣ୍ଡକ ଅତ୍ୟନ୍ତ ପ୍ରତାପୀ ଋଷି ଥିଲେ । ଥରେ ସେ ସରୋବରରେ ସ୍ନାନ କରିବାକୁ ଯାଇଥିଲେ । ଏହି ସମୟରେ ଉର୍ବଶୀ ନାମ୍ନୀ ଅପ୍ସରାଙ୍କୁ ଦେଖି ଜଳରେ ତାଙ୍କର ରେତପାତ ହୋଇଗଲା । ଏହି ରେତମିଶ୍ରିତ ଜଳ ପାନ କରି ଏକ ହରିଣୀ ଗର୍ଭବତୀ ହେଲା । ବାସ୍ତବରେ ସେହି ହରିଣୀ ଏକ ଦେବକନ୍ୟା ଥିଲା । କୌଣସି କାରଣରୁ ବ୍ରହ୍ମାଙ୍କ ଠାରୁ ଅଭିଶାପ ପାଇଁ ସେ ହରିଣ ହୋଇଯାଇଥିଲା । ତେବେ ସେ ମୁନି ପୁତ୍ରକୁ ଜନ୍ମ ଦେଲେ ଶାପମୁକ୍ତ ହୋଇପାରିବ ବୋଲି ବ୍ରହ୍ମା ବରଦାନ ଦେଇଥିଲେ । ଏହି ଅଭିଶାପ କାରଣରୁ ମହାମୁନି ଋଷ୍ୟଶୃଙ୍ଗ ସେହି ହରିଣୀର ପୁତ୍ର ରୂପରେ ଜନ୍ମ ନେଇଥିଲେ । ତାଙ୍କ ମୁଣ୍ଡରେ ଏକ ଶିଙ୍ଘ ଥିଲା । ସେଥିପାଇଁ ତାଙ୍କ ନାମ 'ଋଷ୍ୟଶୃଙ୍ଗ' ହୋଇଥିଲା । ତ୍ରେତୟା ଯୁଗରେ ଅଙ୍ଗଦେଶରେ ରାଜୁତି କରୁଥିଲେ ରାଜା ରୋମପାଦ । ତାଙ୍କ ରାଜ୍ୟରେ କୌଣସି କାରଣରୁ ଅନେକ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲା ନାହିଁ । ଏହି କାରଣରୁ ଭୟଙ୍କର ମରୁଡ଼ି ପଡ଼ିଲା । ରାଜା ଏଥିରୁ ମୁକ୍ତି ପାଇବା ଲାଗି ବ୍ରାହ୍ମଣମାନଙ୍କୁ ଉପାୟ ପଚାରିଲେ । ସେମାନେ କହିଲେ ଯେ ମହର୍ଷି ବିଭାଣ୍ଡକଙ୍କ ପୁତ୍ର ଅଟନ୍ତି ଋଷ୍ୟଶୃଙ୍ଗ । ସେ ସ୍ତ୍ରୀଙ୍କ ବିଷୟରେ କିଛି ଜାଣନ୍ତି ନାହିଁ । ସେ ଯଦି ଏଠାକୁ ଆସିବେ, ତା'ହେଲେ ତୁରନ୍ତ ବର୍ଷା ହେବ । ରାଜା ଲୋମପାଦ ଏଥିପାଇଁ ଜଣେ ଗଣିକାକୁ ନିଯୁକ୍ତ କଲେ । ମହର୍ଷି ବିଭାଣ୍ଡକ ଆଶ୍ରମରେ ଅନୁପସ୍ଥିତ ସମୟରେ ସେହି ଗଣିକା ଯାଇ ମହର୍ଷି ଋଷ୍ୟଶୃଙ୍ଗଙ୍କୁ ଭେଟିଲା । ମୁନି ଋଷ୍ୟଶୃଙ୍ଗ ସେହି ଗଣିକାକୁ ଜାଣିପାରିଲେ ନାହିଁ । କାରଣ ନାରୀମାନଙ୍କ ବିଷୟରେ ତାଙ୍କର କୌଣସି ଜ୍ଞାନ ନଥିଲା । ସେ ତା'କୁ ମୁନି ବୋଲି ଭାବିଲେ । ତେବେ ଗଣିକାର ରୂପଲାବଣ୍ୟରେ ଆକର୍ଷିତ ହୋଇ ସେ ତା' ସହିତ ଅଙ୍ଗ ଦେଶକୁ ଚାଲିଆସିଲେ । ସେ ଆସିବା କ୍ଷଣି ରାଜା ରୋମପାଦଙ୍କ ରାଜ୍ୟରେ ବର୍ଷା ହେବାକୁ ଲାଗିଲା ଏବଂ ସମସ୍ତ ଅକାଳ ଶେଷ ହୋଇଗଲା । ଏଥିରେ ପ୍ରସନ୍ନ ହୋଇ ରୋମପାଦ ନିଜ ପାଳିତା କନ୍ୟା ଶାନ୍ତାଙ୍କ ବିବାହ ଋଷି ଋଷ୍ୟଶୃଙ୍ଗଙ୍କ ସହିତ କରାଇଦେଇଥିଲେ । ଜନଶ୍ରୁତି ଅନୁଯାୟୀ, ଯେଉଁ ଶାନ୍ତାଙ୍କ ସହିତ ଋଷ୍ୟଶୃଙ୍ଗଙ୍କ ବିବାହ ହୋଇଥିଲା ପ୍ରକୃତରେ ସେ ଥିଲେ ଭଗବାନ ଶ୍ରୀରାମଙ୍କ ଭଉଣୀ ଏବଂ ଦଶରଥ-କୌଶଲ୍ୟାଙ୍କ କନ୍ୟା । ରାଜା ରୋମପାଦ ଅଯୋଧ୍ୟାର ରାଜା ଦଶରଥଙ୍କ ଉତ୍ତମ ମିତ୍ର ଥିଲେ । ଦିନେ ସେ ଅଯୋଧ୍ୟା ଆସିଥିବା ସମୟରେ ଶାନ୍ତାଙ୍କୁ ଦେଖିପାରିଲେ । ତାଙ୍କ ଗୁଣରେ ମୁଗ୍ଧ ହୋଇ ସେ କନ୍ୟା ରୂପରେ ତାଙ୍କୁ ଗ୍ରହଣ କରିବା ଲାଗି ରାଜା ଦଶରଥଙ୍କୁ ବଚନ ମାଗିଲେ । ରାଜା ଦଶରଥ ଦେଇଥିବା ବଚନ ଅନୁଯାୟୀ, ଶାନ୍ତାଙ୍କୁ ପୋଷ୍ୟା କନ୍ୟା ଭାବେ ଲୋମପାଦ ଗ୍ରହଣ କରିଥିଲେ ।



# କପାସିଆ -ନୟାପାଟଣା ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତାରେ ପରିଣତ



ବୋଲଗଡ,(ନିପ୍ର): ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଓ ଲୋକମାନଙ୍କ ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ବୋଲଗଡ଼ ବ୍ଲକ ଅଞ୍ଚଳରେ ତାହା ବିଫଳ ଘଟିଛି । କପାସିଆ - ନୟାପାଟଣା- ଭାୟା ବେଲପଦର ଗ୍ରାମପର୍ଯ୍ୟନ୍ତ ୧. ୫କିମି ଗ୍ରାମ୍ୟ ଉନ୍ନୟନ ରାସ୍ତା ନୂତନ ଭାବେ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। କିନ୍ତୁ ଦୀର୍ଘ ବହୁ ବର୍ଷ ହେବ ଏପର୍ଯ୍ୟନ୍ତ ଏହି ରାସ୍ତାରେ ମାଟି ଗାଣ୍ଡୁଏ ପଡ଼ିନଥିବା ଓ ବାରମ୍ବାର ଜିଲ୍ଲା ପ୍ରଶାସନଙ୍କୁ ଲୋକମାନେ ଅବଗତ କଲେ ମଧ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀମାନେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପ୍ରତିଦିନ ଦିନରାତି ବହୁ ସଂଖ୍ୟାରେ ଭାରୀଯାନ ଗୁଡିକ ଯାତାୟାତ କରୁଥିବାରୁ ରାସ୍ତାରେ ବଡ଼ବଡ଼ ଖାଲମାନ ସୃଷ୍ଟି ହୋଇ ମରଣଯନ୍ତାରେ ପରିଣତ ହୋଇଛି। ଏହି ବିପଦ ପୂର୍ଣ୍ଣ ରାସ୍ତାରେ ପ୍ରତିଦିନ ଶହଶହ ଛାତ୍ରଛାତ୍ରୀ, ବ୍ୟବସାୟୀ, ଆମ୍ବୁଲାନ୍ସ ଗାଡି, ଜନସାଧାରଣ ଓ ଚାଷୀମାନେ ଅନ୍ଧାର ରାତିରେ ଯାତାୟାତ କରୁଥିବାରୁ ଛୋଟ ଓ ବଡ଼ ରାସ୍ତା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତୁରାଜ ଓ ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ପ୍ରମୁଖ ମିଳିତ ଭାବେ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର କପାସିଆ -ନୟାପାଟଣା-ଭାୟା ବେଲପଦର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦୃଢ଼ ଦାବୀ କରିବା ସହିତ ଏହାର ସମାଧାନ ନହେଲେ ଆଗାମୀ ଦିନରେ ବଡଧରଣର ଜନ ଆନ୍ଦୋଳନ କରାଯିବାକୁ ଚେତାବନୀ ଦେଇଛନ୍ତି।

## ‘ନିଶା ହଟାଅ, ଦେଶ ବଞ୍ଚାଅ କାର୍ଯ୍ୟକ୍ରମ’




ଭୁବନେଶ୍ୱର:ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ,ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମା କୁମାରୀର ରଞ୍ଜୁ ଭଉଣୀ, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଶୋକ କୁମାର ମହାରଣା, ଚିନ୍ମୟୀ ଭଉଣୀ, ଅନିମା ଭଉଣୀ, ଗୌତମ ଭାଇ ପ୍ରମୁଖ ନିଶା ହଟାଅ, ଦେଶ ବଞ୍ଚାଅ କାର୍ଯ୍ୟରେ ସାମିଲ ହୋଇଥିଲେ। ରାଜଧାନୀ ଭୁବନେଶ୍ୱରରେ ଗାନ୍ଧୀବାଦୀ ବର୍ଷୀୟାନ୍ ନେତା ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ମଦ ହଟାଅ କାର୍ଯ୍ୟକ୍ରମ ଦୀର୍ଘ ପନ୍ଦର ବର୍ଷ ଧରି ଚାଲୁ ରହିଛି। ବର୍ତ୍ତମାନ ତ୍ରିରଙ୍ଗା ଯାତ୍ରା ବିଧାନ ସଭାସ୍ଥ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଠାରୁ ରାଜଭବନ ନିକଟସ୍ଥ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଦୈନନ୍ଦିନ ଚାଲୁ ରହିଅଛି। ବିଭିନ୍ନ ଅଞ୍ଚଳର ମାତୃଶକ୍ତି , ମଦର ଶିକାର ହେଉଥିବା ବ୍ୟକ୍ତି ବିଶେଷ, ସମାଜ ସଂସ୍କାରକ ମଦ ହଟାଅ, ଦେଶ ବଞ୍ଚାଅ କାର୍ଯ୍ୟକ୍ରମରେ ଲାଗିପଡିଛନ୍ତି। ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ ଓ ଗୁରୁମା ସାମିଲ ହୋଇ ଏ କାର୍ଯ୍ୟରେ ସହଯୋଗ କରିଥିଲେ।

## ଅତିରିକ୍ତ ନିର୍ବାହୀ ଯନ୍ତ୍ରୀଙ୍କ ଖଣ୍ଡାବା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ



କାଶୀନଗର(ନିପ୍ର): କାଶୀନଗର ପଞ୍ଚାୟତ ସମିତି ଅଧୀନରେ ଥିବା ଖଣ୍ଡାବା ଗ୍ରାମ ପଞ୍ଚାୟତସ୍ଥ ଖଣ୍ଡାବା ଓ ସାରା ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟର ପରିଦର୍ଶନ ଓ ସ୍ଥିତି ଅନୁଧ୍ୟାନ ପାଇଁ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ତ୍ରିପାଠୀ ବି ଡ଼ି ଓ ଡମ୍ବୁରୁ ଧର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଗସ୍ତ କରିଥିଲେ। ଖଣ୍ଡାବା ଗ୍ରାମରେ ନିର୍ମାଣଧୀନ ପଞ୍ଚାୟତ ଭବନ ଅନୁଧ୍ୟାନ କରିବା ସହ ସେହି ଗ୍ରାମ ନିକଟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ସକାଶେ ସ୍ଥାନ ନିରୂପଣ ପାଇଁ ସାଧାରଣ ଲୋକଙ୍କ ଆଲୋଚନା କରିଥିଲେ। ଏହା ପରେ ଯନ୍ତ୍ରୀ ସାରା ଗ୍ରାମଠାରେ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଥିବା କମ୍ୟୁନିଟି ହଲ ପରିଦର୍ଶନ କରି ସ୍ଥିତ ପରଖି ଥିଲେ। ଯନ୍ତ୍ରୀଙ୍କ ଗସ୍ତ ସମୟରେ ଜେ.ଇ ରବୀନ୍ଦ୍ର କୁମାର ଗୌଡ଼ ଖଣ୍ଡାବା ସେମିତି ସଭ୍ୟ ଜଗନ୍ନାଥ ଦୋରା ଓ ସରପଞ୍ଚ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ବୈଠକ: ପ୍ରଶାସନ ଅସହଯୋଗ ନେଇ ଅସନ୍ତୋଷ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ପଂଚାୟତ ସମିତି ଅଧୀନରେ କାର୍ଯ୍ୟରତ ୨୦ରୁ ଉର୍ଦ୍ଧ୍ୱ ସାମାଜିକ ସଂଗଠନ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖିବା ଦିଗରେ କର୍ମକର୍ତ୍ତାମାନେ ସହମତି ପ୍ରକାଶ କରି ସରକାରୀଯୋଜନାର ସଫଳ ରୂପାୟନ ପାଇଁ ସହଯୋଗର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ଆୟୋଜିତ ଏକ ବୈଠକରେ ମତ ପ୍ରକାଶ ପାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପ୍ରଶାସନ ମଧ୍ୟରେ ସମ୍ମନ୍ୱୟ ଓ ସହଯୋଗପାଇଁ ସାମ୍ବିଧାନିକ ବ୍ୟବସ୍ଥା ଥିବା ବେଳେ ନିମାପଡ଼ା ବ୍ଲକ୍ ପ୍ରଶାସନ ସହଯୋଗ କରୁ ନଥିବା ସମିତି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ନିହିଡ଼ା ସଂପାଦକ ଭକ୍ତ ବିହାରୀ ମିଶ୍ର ସମ୍ମନ୍ୱୟକୁ ମଜଭୁତ କରିବା ଦିଗରେ ଉପାଦେୟ ପ୍ରସ୍ତାବ ମାନ ଦେଇଥିଲେ। ସନ୍ତୋଷ ଜେନା, ବାମନ ମହାନ୍ତି, ଶଶୀପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇ ପୌରାଂଚଳ ଅନୁଷ୍ଠାନ ମଧ୍ୟରେ ସମ୍ମନ୍ୱୟ ରଖି ପ୍ରଶାସନିକ ଅଧିକାରୀଙ୍କ ଅସହଯୋଗ ମନୋଭାବକୁ ମୁକାବିଲା କରାଯିବ ବୋଲି ପ୍ରତିକ୍ରିୟା ରଖିଥିଲେ।

## ନାଗବସ୍ତ ଉଚ୍ଚବିଦ୍ୟାଳୟ ଛାତ୍ରୀ ପୁରୀ ଜିଲ୍ଲାରେ ଦ୍ୱିତୀୟ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ବ୍ଲକ୍‌ଅନ୍ତର୍ଗତ ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅଭିଲିପ୍‌ସା ଦାଶ (ଦଶମ ଶ୍ରେଣୀ) ଜିଲ୍ଲା ସ୍ତରୀୟପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜଙ୍ଗଲ ଓପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଂଟିଆଙ୍କ ହାତରୁ ସିଲ୍‌ଡ଼ ଓ ପ୍ରମାଣପତ୍ର ଗ୍ରହଣ କରି ଛାତ୍ରୀ ଅଭିଲିପ୍ସା ନିଜ ଗ୍ରାମ ପାଇଁ ସାମାଜିକ କାର୍ଯ୍ୟକରିବା ଦିଗରେ ଉଦ୍ୟମ କରିବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ଜିଲ୍ଲାପାଳଦିବ୍ୟଜ୍ୟୋତି ପରିଡ଼ା ଉକ୍ତ ଛାତ୍ରୀଙ୍କୁ ଆର୍ଶୀବାଦପୂର୍ବକ ଭଲ ଶିକ୍ଷାର୍ଥୀ ହେବା ଦିଗରେ ଗୁରୁତ୍ୱ ଦେଇଥିଲେ । ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ଅଭିନନ୍ଦନ ଜଣାଇଥିଲେ।

## ଶିକ୍ଷା ବିକାଶରେ ରାଜକିଶୋର ରାମ୍‌ଙ୍କ ଅବଦାନ ଅତୁଳନୀୟ

### ଚୌଦ୍ୱାର ମହାବିଦ୍ୟାଳୟ ୪୮ତମ ପ୍ରତିଷ୍ଠା ଦିବସ ସମାରୋହ



ଭୁବନେଶ୍ୱର, (ନିପ୍ର): ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମଙ୍କ ବଳିଷ୍ଠ ଭୂମିକା ଏବଂ ଉଲ୍ଲେଖନୀୟ ଅବଦାନ ଅବିସ୍ମରଣୀୟ। ୧୯୭୮ ମସିହାର ସ୍ୱର୍ଗତ ରାମଙ୍କ ନିଷ୍ଠାପର ଉଦ୍ୟମ ଓ ଶିକ୍ଷାର ପ୍ରସାର ପାଇଁ ପ୍ରତିବଦ୍ଧତା ବଳରେ ଶିଳ୍ପନଗରୀ ଚୌଦ୍ୱାରଠାରେ ପ୍ରତିଷ୍ଠା ହୋଇଥିବା ଚୌଦ୍ୱାର ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ବିଶେଷକରି କଟକ ଜିଲ୍ଲାରେ ଏକ ବୃହତ୍ ତଥା ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନଭାବେ ପରିଗଣିତ ହେଉଛି ବୋଲି ବହୁ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି। ଚୌଦ୍ୱାର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳନକରାଯାଇଥିଲା। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ଅଧକ୍ଷତାକରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ସମୟର ଗଭର୍ଣ୍ଣିଂବଡି ସଦସ୍ୟ ତଥାବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ ପ୍ରଧାନ, ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ହରପ୍ରିୟା ମହାପାତ୍ର, ସ୍ୱର୍ଗତ ରାମ୍‌ଙ୍କ ସୁଯୋଗ୍ୟ ପୁତ୍ରତଥା ବରିଷ୍ଠ ଅଧିକାରୀ ବାପୁପ୍ରିୟ ରାମ୍, ବୋହୂ ସମାଜସେବୀ ରୀନା ରାମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତରାମ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସ୍ୱର୍ଗତ ରାମ୍‌ଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ରେଣୁବାଳା ସ୍ୱାଇଁ,ଝୁଲେନ୍ଦ୍ର ନାୟକ, ଚୌଦ୍ୱାର ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ଉପରେ ସ୍ମୃତି ବଖାଣିଥିଲେ। ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାରମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରନେତା ସୌମିତ୍ର ସ୍ୱାଇଁ,କ୍ଷୀରୋଦ୍ ବେହେରା, ମୁରଲୀଧର ବେହୁରା, ବିବେକାନନ୍ଦ ବେହେରା, ଜୟନ୍ତସାହୁ, ଶ୍ରୀନିବାସ ସାହୁ, ବିଜୟ ସ୍ୱାଇଁ, କିଶୋର ସାହୁ, ହରିହର ସାହୁ,ହରିହର ପରିଡ଼ା, ରାଜକିଶୋର ସାମନ୍ତରାୟ, ଚି□ରଂଜନ ନାୟକ,କବିତା ପରିଡ଼ା, ଅଜୟ କୁମାର ବଳ, ହେମନ୍ତମହାନ୍ତି, ପ୍ରମୋଦ ଚନ୍ଦ୍ର ଓଝା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ଜବତ ହେଲା ୭୦ କୁଇଣ୍ଟାଲ ଅପମିଶ୍ରିତ ପନିର

କଟକ(ନିପ୍ର) : ପନିର ପାଇଁ ଟଙ୍କା ଦେଉଛନ୍ତି, ହେଲେ ଘରକୁ ନେଉଛନ୍ତି ମଇଦା ମିଶା ପନିର। କଟକ ମର୍କତ ନଗରରୁ ବିପୁଳ ପରିମାଣର ଅପମିଶ୍ରିତ ପନିର ଜବତ ପରେ ଏବେ କଟକ ସହରକୁ ଆସୁଥିବା ପନିରର ମାନକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ନିଆଳି ଅଞ୍ଚଳରୁ ଅଟୋ ଯୋଗେ ଆସିଥିବା ଏହି ପନିରକୁ ବିଭିନ୍ନ ମିଠା ଦୋକାନରେ ବିକ୍ରି କରାଯିବାର ଯୋଜନା ଥିବା ଜଣାପଡ଼ିଛି । କଟକ ମହାନଗର ନିଗମ ଖାଦ୍ୟ ନିରାପତ୍ତା ଟିମ୍‌ର ଯାଞ୍ଚ ବେଳେ ଏହି ପନିରରେ ଛେନାର ପରିମାଣ କମ୍ ଥିବା ବେଳେ ମଇଦାର ମାତ୍ରା ଅଧିକ ଥିବା ଜଣାପଡ଼ିଛି। ଫଳରେ ଏହା ଅପମିଶ୍ରିତ ପନିର ବୋଲି ଜଣାପଡ଼ିବା ପରେ ଟିମ୍ ଏହାକୁ ଜବତ କରିଛି। ବିଭିନ୍ନ ମିଠା ଦୋକାନରେ ଏହି ପନିର ପହଞ୍ଚିବା ପୂର୍ବରୁ ଏହା ଧରାପଡ଼ିଥିବାରୁ ବଡ଼ ବିପଦ ଟଳିଛି। ପ୍ରାୟ ୭୦ କ୍ୱଇଣ୍ଟାଲରୁ ଅଧିକ ପରିମାଣର ପନିର ଜବତ କରାଯାଇଛି । ସୂଚନା ଅନୁସାରେ, ନିଆଳି ଅଞ୍ଚଳରୁ କଟକର ବିଭିନ୍ନ ମିଠା ଦୋକାନକୁ ଦୈନିକ ବିପୁଳ ପରିମାଣର ଛେନା ଓ ପନିର ଆସୁଥିବା ଜଣାପଡ଼ିଛି।

## ରାକ୍ଷୀପୂର୍ଣ୍ଣିମା ପାଇଁ ବୁଗୁଡ଼ା ଅଞ୍ଚଳ ଚଳଚଞ୍ଚଳ




ବୁଗୁଡ଼ା(ନିପ୍ର):ଆଗକୁ ଆସୁଛି ରାକ୍ଷୀ ପୂର୍ଣ୍ଣିମା। ପ୍ରଭୁ ବଳଦେବ ଜିଉଙ୍କର ଜନ୍ମଦିନ ଶ୍ରାବଣ ପୂର୍ଣ୍ଣିମାରେ ପାଳନ ହେଉଥିବା ରକ୍ଷାବନ୍ଧନ ଉତ୍ସବ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ଼ କରିଥାଏ । ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀମାନେ ଚନ୍ଦନ,ହଳଦୀ, ଦୀପ, ଅରୁଆ ଚାଉଳ ରଖି ପୂଜାଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ତା’ର ଶୁଭମନାସୀ ଦୀର୍ଘାୟୁ କାମନା କରିଥାନ୍ତି ଓଭାଇ ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଅଗଷ୍ଟ ୨୮ ତାରିଖ ଶୁକ୍ରବାର ଦିନ ସହର ଠାରୁ ଆରମ୍ଭକରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସର ସହ ପାଳିତ ହେବ ପବିତ୍ର ରକ୍ଷାବନ୍ଧନ ଉତ୍ସବ। ରକ୍ଷାବନ୍ଧନ ଉତ୍ସବକୁ ନେଇ ବୁଗୁଡ଼ାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇ ପଡିଥିଲା ବେଳେ ରାକ୍ଷୀ ବ୍ୟବସାୟ ଜୋର୍ ଧରିଛି । ରାକ୍ଷୀ ପୂର୍ଣ୍ଣିମାକୁ ନେଇ ବୁଗୁଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମାଳ ମାଳ ରାକ୍ଷୀ ଦୋକାନ ଦେଖିବାକୁ ମିଳିଛି । ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ବେଳେ ୫ ଟଙ୍କାରୁ ଆରମ୍ଭକରି ୫୦୦ ଟଙ୍କାର ରାକ୍ଷୀ ବିକ୍ରି ହେଉଛି । ବିଶେଷ କରି ବ୍ରେସଲେଟ୍ ଶୈଳୀର ଷ୍ଟୋନ୍ ରାକ୍ଷୀର ଚାହିଦା ବେଶ୍ ରହିଛି । ଅନ୍ୟପକ୍ଷରେ, ରାକ୍ଷୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଏ ବର୍ଷ ରାକ୍ଷୀ ବିକ୍ରି କରି ଭଲ ଦି’ ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଥିବା ଜଣାଯାଇଛି ।

## ଭଦ୍ରକ ଜିଲ୍ଲାର ବନ୍ୟା ପରିସ୍ଥିତି ନେଇ ଜିଲ୍ଲାପାଳଙ୍କ ସୂଚନା

# ୧,୦୫,୩୮୨ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର; ୧୨୨ ମୁକ୍ତ ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାରେ ଚାଲିଥିବା ବନ୍ୟା ପରିସ୍ଥିତି ସମ୍ପର୍କରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସାମ୍ବାଦିକମାନଙ୍କୁ ମିଡିଆ ବ୍ରିଫିଂ ମାଧମରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ସୂଚନାନୁଯାୟୀ, ବର୍ତ୍ତମାନ ଜିଲ୍ଲାର ୫ଟି ବ୍ଲକ୍—ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ଭଦ୍ରକ ଏବଂ ଧୂଷୁରୀ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୪୬ଟି ଗ୍ରାମ ପଞ୍ଚାୟତ, ୨୧୨ଟି ଗ୍ରାମ ଓ ୪ଟିୱାର୍ଡ ପ୍ରଭାବିତ ହୋଇଥିବା ବେଳେ ୨,୭୯,୭୦୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବିପଦପ୍ରବଣ ଅଞ୍ଚଳରୁ ୧,୦୫,୩୮୨ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ଏବଂ ସ୍ଥାନାନ୍ତରିତ ସମସ୍ତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବନ୍ୟାଜନିତ କୌଣସି ମାନବ ମୃତ୍ୟୁ ହୋଇନାହିଁ। ଘର, କୃଷି ଓ ଉଦ୍ୟାନ କୃଷି ଫସଲର କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଜାରି ରହିଛି ।ରିଲିଫ୍ ଓ ପାନୀୟଜଳ ବ୍ୟବସ୍ଥା ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ଯୋଗାଣ ପାଇଁ ୧୨୨ଟି ମୁକ୍ତ ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ୪୦,୮୦୦ ବୋତଲ ପାନୀୟଜଳ ଓ ୬୭,୦୦୦ ପାଣି ପାଉଚ୍ ବଣ୍ଟନ କରାଯାଇଛି। ୧,୦୫୦ ରୋଲ୍ ପଲିଥିନ୍, ୧୪୭.୦୭ କୁଇଣ୍ଟାଲ୍ ଚୁଡ଼ା ଓ ୨୨.୪୫ କୁଇଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ଜଳ ଯୋଗାଣ ପାଇଁ ୪ଟି ମୋବାଇଲ୍ ଜଳ ବିଶୋଧନ ପ୍ଲାଣ୍ଟ ଓ ୧୯ଟି ପାଣି ଟ୍ୟାଙ୍କର ନିୟୋଜିତ ହୋଇଛି। ଉପଲବ୍ଧ ୧୧୦ ମେଟ୍ରିକ୍ ଟନ୍ ଗୋଖାଦ୍ୟ ମଧ୍ୟରୁ ୮୫ ମେଟ୍ରିକ୍ ଟନ୍ ବଣ୍ଟନ ହୋଇଛି ।ପଶୁସମ୍ପଦ ସୁରକ୍ଷାବନ୍ୟାରେ ୧,୧୨,୭୫୩ଟି ପଶୁସମ୍ପଦ ଓ ୧୦,୮୦୦ଟି କୁକୁଡ଼ା ପ୍ରଭାବିତ ହୋଇଛି।

## କିଡ୍‌ନୀ ନଷ୍ଟ; ଜୀବନ ପାଇଁ ସଂଘର୍ଷରତ



ନିମାପଡ଼ା,(ନିପ୍ର):ଏହିବ୍ଲକ୍ ଅନ୍ତର୍ଗତ ମିଟେଇପୁର ଗ୍ରାମର ଜନୈକ ଗାଡ଼ି ଚାଳକ ଚିତରଂଜନ ବାରିକ (ଚିନୁ) ଦୁଇଟି କିଡ଼ନୀ ନଷ୍ଟହୋଇଯାଇ ଥିବାରୁ ପରିବାର ଉପରେ ଚଡ଼କ ପଡ଼ିଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ପିତା ସ୍ୱର୍ଗତ ନବଘନ ବାରିକ, ଧର୍ମପତ୍ନୀ ମାନସ ବାରିକ, ୪ବର୍ଷର ଏକମାତ୍ର କନ୍ୟା ସନ୍ତାନ ଏବଂ ବିଧବା ମାଆ ନୟନା ବାରିକଙ୍କୁ ବୁଝାଏ ଚିନୁଙ୍କ ପରିବାର। ଚିନୁଙ୍କ ଜୀବନ ବଂଚାଇବା ପାଇଁ କିଡ଼ନୀ ପ୍ରତିରୋପଣ କରାଯିବାର ଆବଶ୍ୟକତା ରହିଛି। ତାଙ୍କ ଧର୍ମପତ୍ନୀ ଗୋଟିଏ କିଡ଼ନୀ ଦେବା ପାଇଁ ଆଗେଇଆସିଥିବା ବେଳେ ପରିବାରରେ ଆଶାର ଆଲୋକ ସୃଷ୍ଟି ହୋଇଛି । ଉପଯୁକ୍ତ ଚିକିତ୍ସା ଏବଂ ଅପରେସନପାଇଁ ସରକାରୀ ସହାୟତା/କାର୍ଡ଼ ଅର୍ଥ ପର୍ଯ୍ୟାପ୍ତ ହେଉନଥିବାରୁ ଆଉ ଆନୁମାନିକ ୭-୮ ଲକ୍ଷ ଆବଶ୍ୟକ ପଡୁଅଛି । ଏହିଭଳି ସମୟରେ ଦୟାଳୁ ବ୍ୟକ୍ତି ବିଶେଷ, ସାମାଜିକ କର୍ମୀ, ବଦାନ୍ୟ ବ୍ୟକ୍ତି ଗଣ ଆର୍ଥିକ ସହଯୋଗ ପାଇଁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି । ପତ୍ନୀ ମାନସୀ ସହ ୯୫୫୬୬୪୩୮୮୫ ସହଯୋଗାଯୋଗ ନିମନ୍ତେ ସୂଚନା ଦିଆଯାଇଛି ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ

# ଯୁବପିଢ଼ି ନିୟମିତ ପ୍ରୟାସ କରିବାକୁ କୁଳପତିଙ୍କ ପରାମର୍ଶ



ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଫଟୋ ପ୍ରଦର୍ଶନୀର ପ୍ରଶଂସା କରିବା ସହ ଫଟୋଗ୍ରାଫି କଳାର ବିକାଶ ନିମନ୍ତେ ସମସାମୟିକ ଯୁବପିଢ଼ି ନିୟମିତ ପ୍ରୟାସ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସମର ମୁଦାଲି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଜୀବନରେ ଫଟୋଗ୍ରାଫିର ଆବଶ୍ୟକତା ଓ ଏହାର ବାସ୍ତବତା ସଂପର୍କରେ ସମସ୍ତେ ସଚେତନ ଥିବା ଯୋଗୁଁ ସଂପ୍ରତି ଯୁବପିଢ଼ି ଏଥିପାଇଁ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଇଛି ବୋଲି କହିଥିଲେ । ବରିଷ୍ଠ ଫଟୋ ସାମ୍ବାଦିକ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଗଣମାଧ୍ୟମରେ ଫଟୋଗ୍ରାଫିର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିବା ସହ ଫଟୋଗ୍ରାଫିକୁ ନେଇ ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଫଟୋ ସାମ୍ବାଦିକ ପୀୟୂଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫଟୋଗ୍ରାଫି କଳାର ବିଶେଷତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଫଟୋଗ୍ରାଫିର ବିକଶିତ ଓ ପରିବର୍ତ୍ତିତ ଦିଗ ବିଷୟରେ ବକ୍ତବ୍ୟ ରଖିଥିଲେ । ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ବିଶ୍ୱ ଫଟୋଗ୍ରାଫି ଦିବସର ପ୍ରାସଙ୍ଗିକତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ସମ୍ବରୁ ଶୋଭରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଫଟୋ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି: ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି



କେନ୍ଦ୍ରାପଡ଼ା,(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଚିକିତ୍ସା ସେବା ନିରନ୍ତର ଭାବେ ଜାରି ରହିଛି। ବର୍ତ୍ତମାନ ଜିଲ୍ଲାର ୬ଟି ବ୍ଲକ୍ ଆଳି, ଡେରାବିଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକା ବନ୍ୟା ପ୍ରଭାବିତ ହୋଇଛି। ମୋଟ ୬୮ଟି ଗ୍ରାମ ପଞ୍ଚାୟତ ଓ ୧୫୫ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ମୋଟ ୨,୪୦,୪୬୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ପାଇଁ ଏପର୍ଯ୍ୟନ୍ତ ୨୮ଟି ଆଶ୍ରୟ କେନ୍ଦ୍ରକୁ ମୋଟ ୫,୦୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆଜି ୧୦ଟି କେନ୍ଦ୍ରରେ ୧,୭୩୫ ଜଣ ଆଶ୍ରୟ ନେଇଛନ୍ତି। ମୋଟ ୨୨ଟି ମାଗଣା ରନ୍ଧନ କେନ୍ଦ୍ର/ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୧୦ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଆଜି ପର୍ଯ୍ୟନ୍ତ ରିଲିଫ୍ କାର୍ଯ୍ୟରେ ୪୧୯.୯୮ କ୍ୱିଣ୍ଟାଲ ଚାଉଳ, ୨୧୪.୫ କ୍ୱିଣ୍ଟାଲ ଚୁଡ଼ା, ୨୯.୭୫ କ୍ୱିଣ୍ଟାଲ ଗୁଡ଼/ଚିନି ଓ ୫୦ ପିସ୍ ପଲିଥିନ୍ ବଣ୍ଟନ କରାଯାଇଛି। ଏହାସହିତ ବିସ୍କୁଟ, ପାଣି ବୋତଲ ଓ ପାଣି ପାଉଚ୍ ମଧ୍ୟ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ଏହାମଧ୍ୟରୁ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୧ଟି, ରାଜନଗରରେ ୩ଟି ଓ ରାଜକନିକାରେ ୨ଟି ଟିମ୍ କାର୍ଯ୍ୟରତ ଅଛନ୍ତି। ଏହାସହିତ ୬ଟି ଭେଟେରିନାରୀ ଟିମ୍ ମଧ୍ୟ ନିୟୋଜିତ ଅଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା ପରେ ଘରବାଡ଼ି ଓ ଅନ୍ୟାନ୍ୟ କ୍ଷୟକ୍ଷତିର ବିସ୍ତୃତ ଆକଳନ କରାଯିବ। ଏପର୍ଯ୍ୟନ୍ତ କୌଣସି ପଶୁସମ୍ପଦ ମୃତ୍ୟୁ ରିପୋର୍ଟ ହୋଇନାହିଁ। ବନ୍ୟା ଯୋଗୁଁ ୧୨୭ଟି ରାସ୍ତା ଜଳମଗ୍ନ ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି । ବିଦ୍ୟୁତ୍, ଜଳଯୋଗାଣ ଓ ଅନ୍ୟାନ୍ୟ ଭିତ୍ତିଭୂମିରେ ଗୁରୁତର ବାଧା ସମ୍ପର୍କିତ କୌଣସି କ୍ଷୟକ୍ଷତି ରିପୋର୍ଟ ହୋଇନାହିଁ। ଉଦ୍ଧାର ଓ ସ୍ଥାନାନ୍ତରଣ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୭ଟି ପାୱାର ବୋଟ୍, ୧୨୧ଟି ଦେଶୀ ଡଙ୍ଗା ଓ ୧୨ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ବ୍ରାହ୍ମଣୀ ନଦୀ ଅଳଭାରେ ବିପଦ ସଙ୍କେତ ୪.୮୮ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୬.୦୦ ମିଟର ରହିଛି। ଗୋପାଳପୁରରେ ବିପଦ ସଙ୍କେତ ୧୦.୦୫ ମିଟର ଓ ବର୍ତ୍ତମାନ ଜଳସ୍ତର ୧୦.୬୯ ମିଟର। ଜେନାପୁର ଆନିକଟ୍‌ରେ ବିପଦ ସଙ୍କେତ ୬୭ ଫୁଟ୍ ଓ ବର୍ତ୍ତମାନ ଜଳସ୍ତର ୬୫.୪୦ ଫୁଟ୍ ରହିଛି। ବୈତରଣୀ ନଦୀ ଆଖୁଆପଦାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୧୮.୫୦ ମିଟର ରହିଛି। ମୁଣ୍ଡଳୀଠାରେ ୨,୦୯,୫୨୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସତର୍କ ରହିବା ସହିତ ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମା ପାଳନ କରିବାକୁ ଅନୁରୋଧ କରାଯାଇଛି। ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ସେବା ଯୋଗାଣ ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଛି।

ତିଥି :(ଅଷ୍ଟମୀ): (ବିଶାଖା, ବିଛା )
ଅମୃତ ବେଳା: ପ୍ରାତଃ ୫ ।୩୨ ରୁ ଘ ୭ ।୦୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଚାଷୀର ଦୁଃଖ ଓ ଆଶ୍ୱସ୍ତି

ଜୁନ ପହିଲାରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ରାଜ୍ୟରେ ପ୍ରାୟ ୯୫୩ ମି.ମି. ବର୍ଷା ରେକର୍ଡ ହୋଇଛି,ଯାହା ସ୍ୱାଭାବିକ ବର୍ଷାଠାରୁ ପ୍ରାୟ ୨୭ ପ୍ରତିଶତ ଅଧିକ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ବନ୍ୟା ବିପ୍ରାତ କମ୍ ସମୟ ବ୍ୟବଧାନରେ ଲାଗି ରହିଛି, ଯାହା ଗତ ଦୁଇ ଦଶନ୍ଧିରେ କେବେ ଦେଖାଯାଇ ନଥିଲା। ଅଗଷ୍ଟ ୧୬ ସୁଦ୍ଧା ୨୪ ଜିଲ୍ଲାରେ୧୩.୭୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ ଓ ୮୯,୮୨୪ ହେକ୍ଟର ଚାଷଜମିରେ ଧାନ,ପରିବା ଆଦି ବିଭିନ୍ନ କିସମ ଫସଲ ନଷ୍ଟ ହୋଇଛି। ଅଗଷ୍ଟ ୧୭ ସୁଦ୍ଧା ସମନ୍ୱିତ ରିପୋର୍ଟ ଅନୁଯାୟୀ, ୪୨ ହଜାର ୨୧୬.୭ ହେକ୍ଟର ଜମିର ଫସଲ ପ୍ରଭାବିତ ହୋଇଛି। ଏ ହେଉଛି ଗଣମାଧ୍ୟମର ରିପୋର୍ଟ। ବାସ୍ତବରେ କେତେ ଜମିର ଫସଲ ନଷ୍ଟ ହୋଇଛି ସେଥିନେଇ ଚାଷୀମନରେ ଥିବା ଦ୍ୱନ୍ଦ୍ୱ ଦୂର ହେବା ଉଚିତ।

ପୁଣି ସଦ୍ୟତମ ବର୍ଷା ପରିମାଣ ସଂପର୍କରେ କୁହାଯାଇଛି ଗତ ତିନି ମାସରେ ୧୧ ଶହ ମିମି ରୁ ଅଧିକ ବର୍ଷା ହୋଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୩୪ ପ୍ରତିଶତ ଅଧିକ। ଆଗାମୀ ୨୩ ବେଳକୁ ଲଘୁଚାପ କ୍ଷେତ୍ର ପୁଣି ସୃଷ୍ଟି ହେବା ସମ୍ଭାବନା ଥିବା ହେତୁ ଯଦି ବର୍ଷା ହୁଏ ତେବେ ସେତେବେଳକୁ ଜଣାପଡ଼ିବ ବର୍ଷା କେତେ ମାତ୍ରାରେ ଆଉ ଅଧିକ ହେଲା ।ରାଜ୍ୟକୁ ବର୍ଷା ଓ ବନ୍ୟା ବିପ୍ରାତ ଏଥରର ଅଭୂତପୂର୍ବ। ବନ୍ୟା ଜଳ ପ୍ଳାବିତ ଚୁଲି ଧୋଇ ହୋଇଯିବା ପରେ ପୁଣି ସଜାଡ଼ିବା ବେଳକୁ ବନ୍ୟା ଆଉ ଥରେ ମାଡ଼ିଆସୁଛି। ବିକାଶର ସ୍ୱପ୍ନରେ ଏହା ଆଘାତ ହିଁ ପହଞ୍ଚାଇ ଚାଲିଛି ଓ ପ୍ରଯୁକ୍ତି ବିଦ୍ୟା ଏ ବାବଦରେ ଅଗ୍ରଗତି ଆଶାନୁରୂପ ନ ହେବା ଆହ୍ୱାନ ବୋଲି ହିଁ କୁହାଯିବ। ରାଜ୍ୟ ସରକାର ସଦ୍ୟ ଘୋଷଣା କରିଥିବା ଏକ ହଜାର କୋଟିର ପ୍ୟାକେଜରେ କୃଷି କ୍ଷେତ୍ର ପାଇଁ ନିଶ୍ଚୟ ଏକ ବଡଭାଗ ରହୁଛି। ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଯେ ଚୂଡାନ୍ତ ଆକଳନ ପରେ ସହାୟତା ରାଶି ପରିମାଣ ବୃଦ୍ଧି ପାଇପାରେ।

ରାଜ୍ୟ ଅର୍ଥନୀତିରେ ଅନ୍ୟତମ ଦିଗ କୃଷି ଓ ଏହା ଚାଷୀଙ୍କ ମେରୁଦଣ୍ଡ ଭାବରେ ଜଣାଶୁଣା। ଜୁନରେ ଯେତେବେଳେ ଚାଷ କାର୍ଯ୍ୟ ଆରମ୍ଭ ହେଲା, ସେତେବେଳେ ବର୍ଷା ହୋଇ ନଥିଲା । ଏଲନିନୋ କାରଣରୁ ସମ୍ଭାବ୍ୟ ବର୍ଷା କମ୍ ହୋଇପାରେ ଏପରି ଆକଳନ କରାଯାଇଥିଲା। ତେବେ ଏହି ଆକଳନ ସଂପୂର୍ଣ୍ଣ ବଦଳି ଯାଇଛି। ଜୁଲାଇ ପ୍ରଥମ ସପ୍ତାହ ବେଳକୁ ସୃଷ୍ଟ ଲଘୁଚାପ କାରଣରୁ ଭଲ ବର୍ଷା ହେବା ଦେଖି ଚାଷୀ ଉତ୍ସାହିତ ହୋଇ ଧାନ ତଳି ପକାଇଥିଲେ। ତଳି ବଢୁଥିଲା। ତେବେ ଗଭୀର ଅବପାତ ପ୍ରଭାବରେ ବନ୍ୟା ଆସିବ ଏବଂ ତାହା ତଳି ଓ ପରିବା ଫସଲ ନଷ୍ଟ କରିଦେବ,ଚାଷୀ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନଥିଲା।

ଚାଷୀ କିପରି ପୁଣି ଧାନ ଚାଷ କରିବ। ପୁଣି ଠିଆ ହେବ ସେଥିନେଇ ଚିନ୍ତାରେ। ବହୁ ଚାଷୀ ଉଜୁଡ଼ା କ୍ଷେତ ଦେଖିବା ପରେ ସେମାନଙ୍କ ଆଖିରେ ପଲକ ପଡୁ ନାହିଁ। ତଟସ୍ଥ ହୋଇଯାଇଛନ୍ତି। ଆଗକୁ ପାଣି କ୍ଷେତରୁ ଛାଡ଼ିଲେ କମ୍ ଅବଧି ବିଶିଷ୍ଟ ଉନ୍ନତ କିସମ ଧାନ ଓ ଅନ୍ୟାନ୍ୟ ଫସଲର ଆବଶ୍ୟକତା ରହିଛି।'ଚାଷ ତର ତର ବଣିଜ ମଠ' ବୋଲି ଯେଉଁ ଲୋକୋକ୍ତି ରହିଛି ସେହି ଅନୁଯାୟୀ ଚାଷ ଅନୁକୂଳ -ପରିବେଶ ଉପରେ ନିର୍ଭରଶୀଳ,ତେଣୁ ବିଳମ୍ବ ହେବା ଅନୁଚିତ। ପ୍ରଭାବିତ ଚାଷୀ ଯଦି କେଉଁଠି କେଉଁଠି ଦ୍ୱନ୍ଦ୍ୱରେ ପଡିବା ସ୍ୱାଭାବିକ, ସେପରି ସ୍ଥଳେ ପ୍ରଶାସନିକ ସହାୟତା ପାଖେ ପାଖେ ମିଳିବା ନେଇ ରାଜ୍ୟ ସରକାର ସକ୍ରିୟ ହେବା ଉଚିତ।

# ବନ୍ୟା : ସେହି ନଦୀବନ୍ଧ କାହିଁକି ଦୁର୍ବଳ ?

**ସୌଭାଗ୍ୟ ରଞ୍ଜନ ମହାନ୍ତି**

"

**ପ୍ରତିବର୍ଷ ବନ୍ୟା ପରେ ଆମେ ଯଦି ପୁଣି ସେହି ପ୍ରଶ୍ନ କରୁ— "ନଦୀବନ୍ଧ କାହିଁକି ଦୁର୍ବଳ ?"—ତେବେ ତାହାର ଅର୍ଥ ହେବ ଆମେ ପୂର୍ବ ଅନୁଭବରୁ ପର୍ଯ୍ୟାପ୍ତ ଶିଖିନାହୁଁ। ଏବେ ସମୟ ଆସିଛି ପ୍ରଶ୍ନକୁ ଆଉ ଏକ ପଦକ୍ଷେପ ଆଗକୁ ନେବାର—କେଉଁ ବନ୍ଧ ଦୁର୍ବଳ, କାହିଁକି ଦୁର୍ବଳ, କେବେଠାରୁ ଦୁର୍ବଳ, ମରାମତି ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ମରାମତି ପରେ ପୁଣି ସମସ୍ୟା କାହିଁକି ହେଲା ଏବଂ ଏଥିପାଇଁ ଦାୟିତ୍ୱ କାହାର ? ଏହି ପ୍ରଶ୍ନର ଉତ୍ତର ଲୋକଙ୍କ ସାମ୍ନାରେ ଆସିବା ଦରକାର।**

ବନ୍ୟା ପ୍ରତିବର୍ଷ, ପ୍ରଶ୍ନ ସେହି—ନଦୀବନ୍ଧ କାହିଁକି ଦୁର୍ବଳ ?" ବନ୍ୟା ପ୍ରତିବର୍ଷ ଆସୁଛି, ବର୍ଷା ପ୍ରତିବର୍ଷ ହେଉଛି, ନଦୀ ପ୍ରତିବର୍ଷ ଫୁଲୁଛି, ଲୋକେ ପ୍ରତିବର୍ଷ ଭୟରେ ରାତି କାଟୁଛନ୍ତି, ଘରଦ୍ୱାର ଛାଡ଼ି ଆଶ୍ରୟସ୍ଥଳକୁ ଯାଉଛନ୍ତି, ଚାଷଜମି ଜଳମଗ୍ନ ହେଉଛି, ରାସ୍ତାଘାଟ ଭାସୁଛି, ପଶୁଧନ ହାନି ହେଉଛି, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେଉଛି, ଅନେକ ପରିବାରର ସଞ୍ଚିତ ସମ୍ପତ୍ତି ଗୋଟିଏ ରାତିରେ ଜଳରେ ମିଶିଯାଉଛି, ତଥାପି ବନ୍ୟା ଆସିଲେ ଆମର ପ୍ରଶ୍ନ ପୁଣି ସେହି— ନଦୀବନ୍ଧ କାହିଁକି ଦୁର୍ବଳ ? ଏହା କେବଳ ଏକ ନଦୀବନ୍ଧର ପ୍ରଶ୍ନ ନୁହେଁ, ଏହା ଯୋଜନା, ରକ୍ଷଣାବେକ୍ଷଣ, ପ୍ରଶାସନିକ ଦାୟିତ୍ୱ, ନଦୀର ସ୍ୱାଭାବିକ ପ୍ରବାହ, ଜଳପରିଚାଳନା ଓ ଲୋକଙ୍କ ସୁରକ୍ଷା ସହିତ ଜଡ଼ିତ ଏକ ବଡ଼ ପ୍ରଶ୍ନ। ନଦୀବନ୍ଧ ହେଉଛି ଲୋକଙ୍କ ଆଶାର ପ୍ରାଚୀର। ଜଣେ ଚାଷୀ ନିଜ ଜମିରେ ବିହନ ପକାଇବା ବେଳେ ଯେପରି ଆକାଶକୁ ଦେଖି ବର୍ଷାର ଆଶା କରେ, ସେହିପରି ନଦୀକୂଳରେ ବସୁଥିବା ପରିବାର ନଦୀବନ୍ଧକୁ ନିଜ ଘର, ଜମି ଓ ଜୀବନର ରକ୍ଷାକବଚ ବୋଲି ଭାବେ। ସେହି ରକ୍ଷାକବଚରେ ଯଦି ଛୋଟ ଫାଟ ହୁଏ, ତାହା କେବଳ ମାଟିର ଫାଟ ନୁହେଁ, ଏହା ହଜାର ହଜାର ପରିବାରର ମନରେ ଭୟର ଫାଟ। ବର୍ଷା ଆସିବା ପୂର୍ବରୁ ନଦୀବନ୍ଧର ଯାଞ୍ଚ ହେବା ଦରକାର, ଦୁର୍ବଳ ସ୍ଥାନ ଚିହ୍ନଟ ହେବା ଦରକାର, ଆବଶ୍ୟକ ସ୍ଥାନରେ ମରାମତି ହେବା ଦରକାର, ଜଳଚାପ ବଢ଼ିଲେ କେଉଁ ଅଞ୍ଚଳ ସର୍ବାଧିକ ବିପଦରେ ପଡ଼ିବ ତାହା ଆଗରୁ ଜଣାଯିବା ଦରକାର। କିନ୍ତୁ ପ୍ରଶ୍ନ ହେଉଛି—ଏହି କାମଗୁଡ଼ିକ କେବଳ ବନ୍ୟା ଆସିବାର କିଛି ଦିନ ପୂର୍ବରୁ କରିଲେ ଚାଲିବ କି ? ନିଶ୍ଚିତ ଭାବେ ନୁହେଁ। ନଦୀବନ୍ଧର ରକ୍ଷଣାବେକ୍ଷଣ ଏକ ଚାଲୁଥିବା ପ୍ରକ୍ରିୟା। ଗ୍ରୀଷ୍ମ ଋତୁରେ ଯେତେବେଳେ ଜଳସ୍ତର କମ୍ ଥାଏ, ସେତେବେଳେ ଦୁର୍ବଳତା ଖୋଜିବା, ମାଟି ଭରିବା, ଧସିଥିବା ଅଂଶ ସୁଦୃଢ଼ କରିବା, ନଦୀବନ୍ଧର ଢାଲ ଓ ଉଚ୍ଚତା ଯାଞ୍ଚ କରିବା, ଜଳପ୍ରବାହର ଗତି ଅନୁସାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ଅଧିକ ଫଳପ୍ରଦ। ବନ୍ୟା ମଧ୍ୟରେ ବାଲିବସ୍ତା ପକାଇ ତୁରନ୍ତ ପ୍ରତିରୋଧ କରିବା ଜରୁରୀ ହୋଇପାରେ, କିନ୍ତୁ ସେହିଟା ସ୍ଥାୟୀ ସମାଧାନ ନୁହେଁ। ପ୍ରତିବର୍ଷ ବନ୍ୟା ଆସିବା ପରେ ଜରୁରୀ ମରାମତି କରିବା ଏବଂ ପରବର୍ତ୍ତୀ ବର୍ଷ ପୁଣି ସେହି ସ୍ଥାନରେ ସମସ୍ୟା ଦେଖାଦେବା ମାନେ ଆମେ ରୋଗର ମୂଳ କାରଣକୁ ଚିକିତ୍ସା କରୁନାହୁଁ, କେବଳ ଲକ୍ଷଣକୁ ଢାଙ୍କୁଛୁ। ଆଉ ଏକ ବଡ଼ ପ୍ରଶ୍ନ ହେଉଛି ନଦୀବନ୍ଧ ନିର୍ମାଣ ଓ ମରାମତିର ଗୁଣମାନ। ସରକାରୀ ଅର୍ଥ ଲୋକଙ୍କ ଟଙ୍କା। ସେହି ଅର୍ଥରେ ତିଆରି ହେଉଥିବା ନଦୀବନ୍ଧ କେବଳ ନିର୍ମାଣ ଶେଷ ହେବାର ପ୍ରମାଣପତ୍ର ପାଇଁ ନୁହେଁ, ଦଶକ ଦଶକ ଧରି ଲୋକଙ୍କ ଜୀବନର ସୁରକ୍ଷା ପାଇଁ ହେବା ଦରକାର। ନିର୍ମାଣରେ ନିମ୍ନମାନର ମାଟି, ଅପର୍ଯ୍ୟାପ୍ତ ସଂକୋଚନ, ଅନୁଚିତ ଢାଲ, ଜଳପ୍ରବାହର ଚାପକୁ ଅବହେଳା କରିବା କିମ୍ବା ନିର୍ଦ୍ଧାରିତ ମାନଦଣ୍ଡକୁ ଅଣଦେଖା କରିବା ଭଳି କୌଣସି ଅଭିଯୋଗ ଥିଲେ ତାହାର ନିଷ୍ପକ୍ଷ ଯାଞ୍ଚ ଆବଶ୍ୟକ। କାରଣ ଏଠାରେ ଭୁଲର ମୂଲ୍ୟ କେବଳ ଅର୍ଥଦଣ୍ଡ ନୁହେଁ; ଭୁଲର ମୂଲ୍ୟ ହୋଇପାରେ ମଣିଷର ଜୀବନ, ଚାଷୀର ବର୍ଷଭରିର ପରିଶ୍ରମ ଓ ଏକ ପରିବାରର ସମଗ୍ର ସଞ୍ଚୟ। ତେଣୁ ନଦୀବନ୍ଧ ନିର୍ମାଣରେ ସ୍ୱଚ୍ଛତା, ନିୟମିତ ଗୁଣମାନ ଯାଞ୍ଚ ଓ ଦାୟିତ୍ୱ ନିର୍ଦ୍ଧାରଣ ଅତ୍ୟନ୍ତ ଜରୁରୀ। ନଦୀବନ୍ଧ କେବଳ ଗୋଟିଏ ପ୍ରକଳ୍ପ ନୁହେଁ, ଏହା ଜୀବନରକ୍ଷା ପ୍ରକଳ୍ପ। ଏହା ସହିତ ଜଡ଼ିତ ଆଉ ଏକ ସମସ୍ୟା ହେଉଛି ନଦୀପଥର ପରିବର୍ତ୍ତନ ଓ ଅତ୍ୟଧିକ ପଙ୍କ ଜମା। ନଦୀ ଯେଉଁଠାରେ ସ୍ୱାଭାବିକ ଭାବେ ବହିବାକୁ ଚାହେଁ, ସେଠାରେ ଯଦି ଅବରୋଧ ବଢ଼ିଯାଏ, ନଦୀର ଜଳଧାରଣ କ୍ଷମତା କମିଯାଏ, ତେବେ ଅଧିକ ବର୍ଷା ସମୟରେ ଜଳସ୍ତର ଶୀଘ୍ର ବଢ଼ିପାରେ।

ନଦୀକୁ କେବଳ ଦୁଇ ପାର୍ଶ୍ୱରେ ବନ୍ଧ ଦେଇ ନିୟନ୍ତ୍ରଣ କରିଦେଲେ ହେବ ନାହିଁ। ନଦୀର ସମଗ୍ର ପ୍ରବାହପଥ, ଉପନଦୀ, ଜଳାଶୟ, ଜଳଭୂମି, ନିମ୍ନାଞ୍ଚଳ ଓ ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ପଥକୁ ଏକାସାଥିରେ ଦେଖିବାକୁ ପଡ଼ିବ। ଆମେ ଅନେକ ସମୟରେ ବନ୍ୟାକୁ ନଦୀର ସମସ୍ୟା ବୋଲି ଭାବୁ, କିନ୍ତୁ ଅନେକ ସ୍ଥାନରେ ସମସ୍ୟା ହେଉଛି ଜଳ ବାହାରିବାର ପଥ ଅବରୋଧ ହେବା। ରାସ୍ତା, ପୋଲ, ନିର୍ମାଣ, ଅନିୟମିତ ମାଟିପକାଇବା, ଜଳାଶୟ ଓ ନାଳର ଅବସ୍ଥା ମଧ୍ୟ ବନ୍ୟାର ତୀବ୍ରତାକୁ ପ୍ରଭାବିତ କରେ। ତେଣୁ ବନ୍ୟା ପରିଚାଳନାର ଅର୍ଥ କେବଳ ନଦୀବନ୍ଧ ମରାମତି ନୁହେଁ; ଏହା ଏକ ସମଗ୍ର ଜଳପରିଚାଳନା ବ୍ୟବସ୍ଥା। ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ପାଇଁ ପୂର୍ବ ସଚେତନତା ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଜରୁରୀ। ନଦୀର ଜଳସ୍ତର ବଢୁଥିବା ବେଳେ କେଉଁ ଗାଁ କେତେ ସମୟ ମଧ୍ୟରେ ବିପଦରେ ପଡ଼ିପାରେ, କେଉଁ ରାସ୍ତା ନିରାପଦ, କେଉଁ



ଆଶ୍ରୟସ୍ଥଳ ଉପଲବ୍ଧ, କେଉଁ ପରିବାରରେ ବୃଦ୍ଧ, ଶିଶୁ କିମ୍ବା ଦିବ୍ୟାଙ୍ଗ ଅଛନ୍ତି—ଏହି ସମସ୍ତ ତଥ୍ୟ ଆଗରୁ ଥିଲେ ଜୀବନହାନି କମାଇହେବ। ପ୍ରଶାସନର ତ୍ୱରିତ ପଦକ୍ଷେପ ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଏଠାରେ ଅମୂଲ୍ୟ। ନଦୀକୂଳର ଲୋକ ନଦୀବନ୍ଧର ପ୍ରଥମ ପ୍ରହରୀ। ସେମାନେ ଛୋଟ ଫାଟ, କିମ୍ବା ଅସ୍ୱାଭାବିକ ଜଳପ୍ରବାହ ଅନେକ ସମୟରେ ଅଧିକାରୀଙ୍କ ପୂର୍ବରୁ ଦେଖିପାରନ୍ତି। ତେଣୁ ଗାଁସ୍ତରରେ ନଦୀବନ୍ଧ ନିରୀକ୍ଷଣ ଦଳ ଗଠନ, ଅଭିଯୋଗ ପାଇଁ ତ୍ୱରିତ ବ୍ୟବସ୍ଥା ଓ ସ୍ଥାନୀୟ ଲୋକଙ୍କୁ ନିୟମିତ ଭାବେ ସଚେତନ କରିବା ଦରକାର। ନଦୀବନ୍ଧର ସୁରକ୍ଷାକୁ କେବଳ ବିଭାଗୀୟ ଫାଇଲରେ ସୀମିତ ରଖିହେବ ନାହିଁ। ପ୍ରତ୍ୟେକ ଦୁର୍ବଳ ସ୍ଥାନର ତଥ୍ୟ, ମରାମତିର ଇତିହାସ, ବ୍ୟୟ ଓ ଦାୟୀ ସଂସ୍ଥାର ବିବରଣୀ ସ୍ୱଚ୍ଛ ଭାବେ ଉପଲବ୍ଧ ହେବା ଉଚିତ। ଏଥିରେ ଲୋକଙ୍କ ନିରୀକ୍ଷଣ ବଢ଼ିବ ଓ ଦାୟିତ୍ୱ ମଧ୍ୟ ସ୍ପଷ୍ଟ ହେବ। ଆଉ ଏକ ଗୁରୁତର ପ୍ରଶ୍ନ ହେଉଛି ନଦୀବନ୍ଧ ନିକଟରେ ଅନିୟନ୍ତ୍ରିତ ମାଟିକାଟିବା, ବାଲି ଉତ୍ତୋଳନ କିମ୍ବା ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପର ପ୍ରଭାବ। ଯେଉଁଠାରେ ନଦୀର ତଳଭାଗ ଓ ପ୍ରବାହପଥର ସ୍ୱାଭାବିକ ଗଠନ ବଦଳିଯାଏ, ସେଠାରେ ଜଳର ଗତି ଓ ଚାପ ମଧ୍ୟ ବଦଳିପାରେ। ତେଣୁ ନଦୀ ପରିଚାଳନାରେ ଅଲଗା ଅଲଗା ବିଭାଗ ନୁହେଁ, ସମନ୍ୱିତ ଦୃଷ୍ଟିକୋଣ ଆବଶ୍ୟକ। ବନ୍ୟା ଆସିଲା, ଲୋକଙ୍କୁ ସ୍ଥାନାନ୍ତର କରାଗଲା, ରିଲିଫ ଦିଆଗଲା, ପରେ ବନ୍ୟା ଚାଲିଗଲା—ଏହି ପୁରୁଣା ଚକ୍ରକୁ ଭାଙ୍ଗିବାର ସମୟ ଆସିଛି। ରିଲିଫ ଜରୁରୀ, କିନ୍ତୁ ରିଲିଫ ହେଉଛି ବିପଦ ପରବର୍ତ୍ତୀ ପଦକ୍ଷେପ। ଆମର ଲକ୍ଷ୍ୟ ହେବା ଉଚିତ ବିପଦ ପୂର୍ବରୁ କ୍ଷତି କମାଇବା। ଏଥିପାଇଁ ଦୀର୍ଘମିଆଦି ନଦୀ ପରିଚାଳନା ଯୋଜନା, ନଦୀବନ୍ଧର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ବୈଜ୍ଞାନିକ ନିର୍ମାଣ, ଆଧୁନିକ ନିରୀକ୍ଷଣ, ସମୟୋପଯୋଗୀ ମରାମତି ଓ ଦାୟିତ୍ୱର ସ୍ପଷ୍ଟ ବଣ୍ଟନ ଦରକାର। ପ୍ରତ୍ୟେକ ବନ୍ୟା ପରେ କେବଳ କେତେ କ୍ଷତି ହେଲା ତାହା ଗଣନା କଲେ ହେବ ନାହିଁ; କେଉଁଠି ତ୍ରୁଟି ହେଲା, କାହିଁକି ହେଲା, ପରବର୍ତ୍ତୀ ବର୍ଷ ସେହି ତ୍ରୁଟି ପୁଣି ହେବ ନାହିଁ କିପରି—ତାହାର ମଧ୍ୟ ହିସାବ ଦରକାର। ଜଣେ ଚାଷୀଙ୍କ ପାଇଁ ବନ୍ୟା କେବଳ ଜଳ ନୁହେଁ; ଏହା ତାଙ୍କର ଛଅ ମାସର ପରିଶ୍ରମର ଧ୍ୱଂସ। ଜଣେ ମାଆଙ୍କ ପାଇଁ ନଦୀବନ୍ଧ ଭାଙ୍ଗିବାର ଖବର କେବଳ ଏକ ସମ୍ବାଦ ନୁହେଁ; ଏହା ତାଙ୍କ ଶିଶୁର ସୁରକ୍ଷା ପାଇଁ ଆତଙ୍କ। ଜଣେ ବୃଦ୍ଧଙ୍କ ପାଇଁ ଘର ଛାଡ଼ି ଆଶ୍ରୟସ୍ଥଳକୁ ଯିବା ମାନେ ସ୍ମୃତିଭରା ଜୀବନକୁ ପଛରେ ଛାଡ଼ିବା। ତେଣୁ ବନ୍ୟା ପରିଚାଳନାକୁ ମାତ୍ର ଯାନ୍ତ୍ରିକ ବିଷୟ ଭାବେ ଦେଖିଲେ ଚାଲିବ ନାହିଁ। ଏହା ମାନବିକତାର ପ୍ରଶ୍ନ। ସରକାରଙ୍କ ଦାୟିତ୍ୱ ହେଉଛି ଯଥାସମୟରେ ଯଥାପ୍ରକାର ପ୍ରସ୍ତୁତି ନେବା, ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ କରିବା, ଆବଶ୍ୟକ ଅର୍ଥ ଯୋଗାଇବା ଓ କାର୍ଯ୍ୟର ଗୁଣମାନ ନିଶ୍ଚିତ କରିବା। ଅଧିକାରୀଙ୍କ ଦାୟିତ୍ୱ ହେଉଛି ଭୂମିସ୍ତରର ସତ୍ୟକୁ ଫାଇଲର ତଥ୍ୟ ସହିତ ମେଳ କରିବା। ଠିକାଦାରଙ୍କ ଦାୟିତ୍ୱ ହେଉଛି ମାନଦଣ୍ଡ ଅନୁସାରେ କାମ କରିବା। ସ୍ଥାନୀୟ ଲୋକଙ୍କ ଦାୟିତ୍ୱ ହେଉଛି ନଦୀବନ୍ଧକୁ ଅନାବଶ୍ୟକ ଭାବେ କ୍ଷତି କରୁଥିବା କାର୍ଯ୍ୟକଳାପକୁ ରୋକିବା ଓ ଅସୁବିଧା ଦେଖିଲେ ତୁରନ୍ତ ଜଣାଇବା। ଏହି ସମସ୍ତଙ୍କ ମିଳିତ ଦାୟିତ୍ୱ ବିନା ନଦୀବନ୍ଧ ସୁରକ୍ଷିତ ହେବ ନାହିଁ। ଆଜି ଆବଶ୍ୟକ ହେଉଛି ଏକ ନୂଆ ଚିନ୍ତାଧାରା—ବନ୍ୟାକୁ ଅଟକାଇବା ନୁହେଁ, ବନ୍ୟାର କ୍ଷତିକୁ ସର୍ବନିମ୍ନ କରିବା। ନଦୀକୁ ଶତ୍ରୁ ଭାବିବା ନୁହେଁ, ତାହାର ସ୍ୱାଭାବିକ ପ୍ରବାହକୁ ବୁଝିବା। ନଦୀବନ୍ଧକୁ କେବଳ ମାଟିର ପ୍ରାଚୀର ଭାବେ ନୁହେଁ, ଏକ ସମଗ୍ର ଜଳସୁରକ୍ଷା ବ୍ୟବସ୍ଥାର ଅଂଶ ଭାବେ ଦେଖିବା। ପ୍ରତିବର୍ଷ ବନ୍ୟା ପରେ ଆମେ ଯଦି ପୁଣି ସେହି ପ୍ରଶ୍ନ କରୁ—"ନଦୀବନ୍ଧ କାହିଁକି ଦୁର୍ବଳ ?"—ତେବେ ତାହାର ଅର୍ଥ ହେବ ଆମେ ପୂର୍ବ ଅନୁଭବରୁ ପର୍ଯ୍ୟାପ୍ତ ଶିଖିନାହୁଁ। ଏବେ ସମୟ ଆସିଛି ପ୍ରଶ୍ନକୁ ଆଉ ଏକ ପଦକ୍ଷେପ ଆଗକୁ ନେବାର—କେଉଁ ବନ୍ଧ ଦୁର୍ବଳ, କାହିଁକି ଦୁର୍ବଳ, କେବେଠାରୁ ଦୁର୍ବଳ, ମରାମତି ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ମରାମତି ପରେ ପୁଣି ସମସ୍ୟା କାହିଁକି ହେଲା ଏବଂ ଏଥିପାଇଁ ଦାୟିତ୍ୱ କାହାର ? ଏହି ପ୍ରଶ୍ନର ଉତ୍ତର ଲୋକଙ୍କ ସାମ୍ନାରେ ଆସିବା ଦରକାର। କାରଣ ନଦୀବନ୍ଧର ସୁରକ୍ଷା କୌଣସି ଏକ ବିଭାଗର ସଫଳତାର ପ୍ରଶ୍ନ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ, ଜୀବିକା ଓ ଭବିଷ୍ୟତର ସୁରକ୍ଷାର ପ୍ରଶ୍ନ। ଆଜିର ସବୁଠାରୁ ବଡ଼ ଦାବି ହେବା ଉଚିତ—ବନ୍ୟା ଆସିବା ପରେ ନୁହେଁ, ବନ୍ୟା ଆସିବା ପୂର୍ବରୁ ନଦୀବନ୍ଧର ସମ୍ପୂର୍ଣ୍ଣ ଯାଞ୍ଚ; କାଗଜରେ ନୁହେଁ, ଭୂମିସ୍ତରରେ ସୁରକ୍ଷା; ଘୋଷଣାରେ ନୁହେଁ, ସ୍ଥାୟୀ କାର୍ଯ୍ୟରେ ସମାଧାନ। ଯେଉଁ ଦିନ ନଦୀକୂଳର ଜଣେ ଚାଷୀ ବର୍ଷାର ରାତିରେ ନିଜ ଘର ଓ ଫସଲକୁ ନେଇ ଭୟଭୀତ ହେବେ ନାହିଁ, ଯେଉଁ ଦିନ ଜଣେ ମାଆ ନିଜ ଶିଶୁକୁ କୋଳରେ ଧରି ନଦୀବନ୍ଧ ଭାଙ୍ଗିବ କି ନାହିଁ ବୋଲି ରାତି ଜାଗିବେ ନାହିଁ, ସେହି ଦିନ ହିଁ ଆମେ କହିପାରିବା— ବନ୍ୟା ସହିତ ଲଢ଼ିବାରେ ଓଡ଼ିଶା ସତରେ ଏକ ପଦକ୍ଷେପ ଆଗକୁ ବଢ଼ିଛି। ନଦୀକୁ ଦୋଷ ଦେଇ ନୁହେଁ, ନିଜ ବ୍ୟବସ୍ଥାକୁ ସୁଦୃଢ଼ କରି ହିଁ ଓଡ଼ିଶା ତାହାର ନଦୀକୂଳର ଲୋକଙ୍କୁ ନିରାପଦ ଭବିଷ୍ୟତ ଦେଇପାରିବ।

ମୋ-୯୪୩୭୯୯୪୩୭୯

# ସାମାଜିକ ଗଣମାଧ୍ୟମର ମାୟାଜାଲ ଓ ଗଣତାନ୍ତ୍ରିକ ବାସ୍ତବତା

**ପ୍ରଜ୍ଞା ପ୍ରସାଦ ତଥାଗତ**

ଆଧୁନିକ ଭାରତୀୟ ରାଜନୀତିର ଗତିପଥରେ ଡିଜିଟାଲ୍ ବିପ୍ଳବ ଏକ ପ୍ରମୁଖ ପରିବର୍ତ୍ତନ ଆଣିଛି ।ଦିନେ ଯେଉଁ ରାଜନୈତିକ ଚର୍ଚ୍ଚା କେବେ ଗାଁ, ଚା' ଦୋକାନ କିମ୍ବା ସହରର ଗଳିକନ୍ଦିରେ ସୀମିତ ଥିଲା,ତାହା ଏବେ ଇନଷ୍ଟାଗ୍ରାମ ରିଲ୍ସ,ୟୁଟ୍ୟୁବ୍ ଓ ଏକ୍ସ ପ୍ଲାଟଫର୍ମର କମେଣ୍ଟ ବକ୍ସ ଭିତରେ ଆବଦ୍ଧ ହୋଇଯାଇଛି ।ଇଣ୍ଟରନେଟ ଦୁନିଆରେ ସୃଷ୍ଟି ହେଉଥିବା ଏହି କୋଳାହଳ ପ୍ରାୟତଃ ଏକ ଆଭାସୀ ରାଜନୈତିକ ଭ୍ରମ ସୃଷ୍ଟି କରେ,ଯାହାର ବାସ୍ତବ ଜନମତ କିମ୍ବା ନିର୍ବାଚନୀ ଫଳାଫଳ ସହିତ ପ୍ରତ୍ୟକ୍ଷ ସମ୍ପର୍କ ନଥାଏ ।ଡିଜିଟାଲ୍ ସ୍ପେସରେ ମିଳୁଥିବା ମିଲିୟନ୍ସ ଭିୟୁଜ୍ ଓ ଲାଇକ୍ସକୁ ପ୍ରକୃତ ଜନସମର୍ଥନ ଭାବିବା ଏକ ବଡ଼ ଭୁଲ୍ । କୌଣସି ବିଜୟ କେବଳ ସ୍କ୍ରିନ୍ ସ୍କ୍ରୋଲ କରିବାରେ ଆସେନାହିଁ ବରଂ ତାହା ମଇଦାନରେ ସାଙ୍ଗଠନିକ ପରିଶ୍ରମ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ସାମ୍ପ୍ରତିକ ପରିସ୍ଥିତିରେ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ପରୀକ୍ଷା ପରିଚାଳନାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଦୁର୍ନୀତି,ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଓ ରୋଜଗାରର ଅଭାବକୁ ନେଇ ଗଭୀର ଅସନ୍ତୋଷ ରହିଛି ।ମାତ୍ର ଏହି ଆକ୍ରୋଶକୁ ଏକ ସଂଗଠିତ ଓ ରାଷ୍ଟ୍ରବ୍ୟାପୀ ଦୃଢ଼ ଆନ୍ଦୋଳନରେ ରୂପାନ୍ତରିତ କରିବା ପାଇଁ ଏକ ସ୍ୱଷ୍ଟ ନେତୃତ୍ୱର ଅଭାବ ଦେଖାଯାଉଛି ।ଯେଉଁ ସାଧାରଣ ନାଗରିକ ପ୍ରତିଦିନ ବିଜୁଳି,ପାଣି, ସ୍ୱାସ୍ଥ୍ୟ,ମୁଦ୍ରାସ୍ଫୀତି ଓ ଜୀବିକା ଭଳି ମୌଳିକ ସମସ୍ୟା ସହିତ ସଂଗ୍ରାମ କରୁଛି,ସେ ସୋସିଆଲ୍ ମିଡିଆର ଆଲଗୋରିଦମଠାରୁ ଦୂରରେ ଥାଇ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଜମିରେ ଲଢ଼େଇ କରୁଛି । ଇଣ୍ଟରନେଟର ଏହି କୃତ୍ରିମ କୋଳାହଳ ମଧ୍ୟରେ ଶାସକ ଦଳର ଦୀର୍ଘାୟୁ ଓ ସାଂଗଠନିକ ମଜଭୁତିର ପ୍ରମୁଖ କାରଣ ହେଉଛି ସେମାନେ କେବଳ ଜଣେ ଶୀର୍ଷ ନେତାଙ୍କ ଉପରେ ନିର୍ଭର ନକରି ପ୍ରତ୍ୟେକ ରାଜ୍ୟରେ ବୈଚାରିକ ଭାବେ ଦକ୍ଷ ଦ୍ୱିତୀୟ ପିଢ଼ିର ଆଞ୍ଚଳିକ ନେତୃତ୍ୱ ତିଆରି କରିପାରିଛନ୍ତି ।ଯେଉଁଠାରେ ବିରୋଧୀ ଦଳଗୁଡ଼ିକ କେବଳ ଟ୍ୱିଟର ଓ ଟିଭି ଷ୍ଟୁଡିଓ ମଧ୍ୟରେ ନିଜକୁ ସୀମିତ ରଖୁଛନ୍ତି,ସେଠାରେ ଶାସକ ଦଳର ସଂଗଠନ ତୃଣମୂଳ ସ୍ତରରେ ସକ୍ରିୟ ରହି ଏକ ଅଭେଦ୍ୟ ଦୁର୍ଗ ପ୍ରସ୍ତୁତ କରୁଛି ।ଗଣତନ୍ତ୍ରରେ ବିପକ୍ଷର ମୁଖ୍ୟ ଦାୟିତ୍ୱ ହେଉଛି ଜନସାଧାରଣଙ୍କ ସମସ୍ୟାକୁ ନେଇ ସରକାରଙ୍କୁ ଘେରିବା କିନ୍ତୁ ସାଂଗଠନିକ ଦୁର୍ବଳତା ଯୋଗୁଁ ବିପକ୍ଷ ଜନଆକ୍ରୋଶକୁ ନିର୍ବାଚନୀ ଭୋଟରେ ପରିଣତ କରିବାରେ ବିଫଳ ହେଉଛି ।

ତଥାପି,ଏହି ରାଜନୈତିକ ଆଧିପତ୍ୟ ସମ୍ପୂର୍ଣ୍ଣ ଦୋଷମୁକ୍ତ ନୁହେଁ । ଭାରତ ଭଳି ବିବିଧତାପୂର୍ଣ୍ଣ ଦେଶରେ ପ୍ରତ୍ୟେକ ରାଜ୍ୟର ରାଜନୈତିକ ପରିବେଶ ଭିନ୍ନ ।ଉତ୍ତର ପ୍ରଦେଶ,ପଶ୍ଚିମବଙ୍ଗ,ମହାରାଷ୍ଟ୍ର କିମ୍ବା ବିହାର ଭଳି ରାଜ୍ୟଗୁଡ଼ିକରେ ସାମାଜିକ ସମୀକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।କିଛି କଣ୍ଟେଣ୍ଟ କ୍ରିଏଟର ଓ ରାଜନୈତିକ ଦଳ ନିଜର ଲାଭ ପାଇଁ ଜାତିଗତ ଓ ସାଂପ୍ରଦାୟିକ ସମ୍ବେଦନଶୀଳତାକୁ ବ୍ୟବହାର କରୁଛନ୍ତି,ଯାହା ତୃଣମୂଳ ସ୍ତରରେ ସାମାଜିକ ସୌହାର୍ଦ୍ଦ୍ୟକୁ ଦୁର୍ବଳ କରୁଛି । ସେହିପରି ରାଜନୈତିକ ହିଂସା ଓ ଦୁର୍ନୀତିର ସମସ୍ୟାକୁ କେବଳ ଡିଜିଟାଲ୍ ଭାଷଣବାଜି ଦ୍ୱାରା ସମାଧାନ କରାଯାଇପାରିବ ନାହିଁ ।ସ୍ଥାନୀୟ ସମସ୍ୟାକୁ ନବୁଝି କେବଳ ଭାବପ୍ରବଣ ନେରେଟିଭ୍ ମାଧ୍ୟମରେ ଭୋଟରଙ୍କ ଆସ୍ଥା ଜିତିବା ସମ୍ଭବ ନୁହେଁ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯେତେବେଳେ ଜନସାଧାରଣ ଦୀର୍ଘଦିନର ଶାସନ ନୀତି ଯୋଗୁଁ ବିକଳ୍ପର ସନ୍ଧାନ କରନ୍ତି,ଠିକ୍ ସେହି ସମ୍ବେଦନଶୀଳ ମୋଡ଼ରେ ବିପକ୍ଷ ଶିବିର କିମ୍ବା ସେମାନଙ୍କ ଡିଜିଟାଲ୍ ସମର୍ଥକମାନଙ୍କ ବୈଚାରିକ ଓ ସାଂସ୍କୃତିକ ଭୁଲ୍ ବହୁସଂଖ୍ୟକ ମତଦାତାଙ୍କୁ ଆହତ କରେ ।ଦେଶର ମୌଳିକ ସଂସ୍କୃତି କିମ୍ବା ଜନଭାବନାକୁ ଆକ୍ଷେପ କରାଗଲେ ସରକାରଙ୍କ ପ୍ରତି ଥିବା ଲୋକଙ୍କ ଅସନ୍ତୋଷ ଗୌଣ ହୋଇଯାଏ ।ପରିଣାମ ସ୍ୱରୂପ,ଏକ ଦିଗହୀନ ବିପକ୍ଷ ବିକଳ୍ପ ସାଜି ନପାରିବାରୁ ଭୋଟରମାନେ ବାଧ୍ୟ ହୋଇ ସ୍ଥାପିତ ଶାସନ ବ୍ୟବସ୍ଥା ଆଡ଼କୁ ଫେରିଯାଆନ୍ତି ।ସେମାନେ ଭାବନ୍ତି ଯେ,ସ୍ଥାପିତ ସରକାରଙ୍କ ହାତରେ ଦେଶର ସୁରକ୍ଷା ଓ ସ୍ଥିରତା ବଜାୟ ରହିବ। ସୋସିଆଲ୍ ମିଡିଆର ଆଭାସୀ ଦୁନିଆରେ ଯେଉଁ ରାଜନୈତିକ ବାତାବରଣ ତିଆରି ହୁଏ,ତାହା କେବଳ କିଛି ନିର୍ଦ୍ଦିଷ୍ଟ ଶିକ୍ଷିତ ଓ ସହରୀ ବର୍ଗ ମଧ୍ୟରେ ସୀମିତ ।ଭାରତର ପ୍ରକୃତ ଆତ୍ମା ଏବେ ବି ଗାଁ,କ୍ଷେତ,ଶ୍ରମିକ ଓ ତୃଣମୂଳ ଶ୍ରେଣୀର ଲୋକଙ୍କ ମଧ୍ୟରେ ବାସ କରେ ।ଯେପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକ ମୋବାଇଲ୍ ସ୍କ୍ରିନର ମୋହ ଛାଡ଼ି ଦେଶର ମାଟି ଓ ଅସଲି ମୁଦ୍ଦା ସହିତ ନିଜକୁ ନ ଯୋଡ଼ିଛନ୍ତି, ସେପର୍ଯ୍ୟନ୍ତ ଭାରତୀୟ ରାଜନୀତିର ପ୍ରକୃତ ଗତିପଥକୁ ବୁଝିବା ଅସମ୍ଭବ। ଭବିଷ୍ୟତର ଭାରତୀୟ ରାଜନୀତିର ସ୍କ୍ରିପ୍ଟ କେବଳ ସେହିମାନେ ହିଁ ଲେଖିବେ,ଯେଉଁମାନେ ମାଟିରେ ରହି କାମ କରିବା ଜାଣିଛନ୍ତି ।ଡିଜିଟାଲ୍ ବିପ୍ଳବ ସୂଚନା ପ୍ରସାରଣର ମାଧ୍ୟମ ହୋଇପାରେ,କିନ୍ତୁ ତାହା କେବେ ବି ଜନସେବା ଓ ତୃଣମୂଳ ସଂଗ୍ରାମର ବିକଳ୍ପ ହୋଇପାରିବ ନାହିଁ।

ରମ୍ଭା,ଗଂଜାମ, ମୋ-୯୦୭୮୭୮୧୬୫୧

# ଯକ୍ଷ୍ମା ବିରୋଧରେ ଲଢ଼େଇ ନେଇ ସଚେତନତା

"

**୨୦୧୫ ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମଣରେ ୨୧ପ୍ରତିଶତ ହ୍ରାସ ଦେଖା ଦେଇଛି ଯାହା ବିଶ୍ୱ ଗତି ତୁଳନାରେ ପ୍ରାୟ ଦୁଇଗୁଣ ହ୍ରାସ। ଏହାସହିତ ଚିକିତ୍ସା ସଫଳତା ହାର ୯୨ପ୍ରତିଶତରେ ପହଞ୍ଚିଛି । ଏହି ଗତିକୁ ବଜାୟ ରଖିବା ପାଇଁ ଆଗୁଆ ମାମଲା ଚିହ୍ନଟ, ଚିକିତ୍ସା ଏବଂ ରୋଗୀ ସମର୍ଥନ ଉପରେ ତୀବ୍ର ଧ୍ୟାନ କେନ୍ଦ୍ରିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଖଣି ଓ ଶିଳ୍ପ କ୍ଷେତ୍ର, ବୃତ୍ତିଗତ ଧୂଳିକଣା ସଂସ୍ପର୍ଶ, ପ୍ରବାସୀ ଓ ଆଦିବାସୀ ଜନସଂଖ୍ୟା, କୁପୋଷଣ, ସହରାଞ୍ଚଳ ବସ୍ତି, ସହ-ରୋଗ, ତମାଖୁ ଓ ମଦ୍ୟପାନ ଏବଂ ଅନୌପଚାରିକ ତଥା ଶ୍ରମିକ ବସତି ସମେତ ଅନେକ ଯକ୍ଷ୍ମା ବିପଦ କାରକ ଉପସ୍ଥିତ ଥିବାରୁ ଝାଡ଼ଖଣ୍ଡ ଓ ଓଡ଼ିଶାକୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବରେ ଗ୍ରହଣ କରାଯାଇଛି ।**

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସଂସଦର ମୌସୁମୀ ଅଧିବେଶନ ଅବସରରେ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ସାଂସଦମାନଙ୍କ ସହ ଆଲୋଚନା କରିଥିଲେ। ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ସରକାରଙ୍କ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ନିରନ୍ତର ଯୋଗାଯୋଗ ଅଂଶବିଶେଷ ଭାବେ ସାଂସଦମାନଙ୍କ ସହିତ ଏହି ଆଲୋଚନା ହୋଇଥିଲା । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏବଂ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।'ଯକ୍ଷ୍ମା ମୁକ୍ତ ଭାରତ ପାଇଁ ସାଂସଦଙ୍କ ପ୍ରୟାସ' ଶୀର୍ଷକରେ ଅନୁଷ୍ଠିତ ଏହି ଆଲୋଚନାରେ ଉଭୟ ରାଜ୍ୟର ଲୋକସଭା ଓ ରାଜ୍ୟସଭା ସାଂସଦମାନେ ଦଳମତ ନିର୍ବିଶେଷରେ ବୈଠକରେ ଯୋଗ ଦେଇଥିଲେ । ଏହା ରାଜନୈତିକ ନେତୃତ୍ୱ, ସାମାଜିକ ଅଂଶଗ୍ରହଣ ଏବଂ ଶେଷ ସୋପାନରେ ସେବା ପ୍ରଦାନ ମାଧ୍ୟମରେ ଯକ୍ଷ୍ମା ବିରୋଧରେ ଲଢ଼େଇକୁ ସୁଦୃଢ଼ କରିବା ପାଇଁ ଏକ ସମାନ ପ୍ରତିବଦ୍ଧତାକୁ ବ୍ୟକ୍ତ କରିଥିଲା।

ବୈଠକରେ ସଦ୍ୟ ସମାପ୍ତ ୧୦୦-ଦିନିଆ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଯକ୍ଷ୍ମା ନିରାକରଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଅଭିଯାନକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ, ମାର୍ଚ୍ଚ ୨୪, ୨୦୨୬ ରେ ଆରମ୍ଭ ହୋଇଥିଲା। ସାରା ଦେଶର ପ୍ରାୟ ୧.୫୮ ଲକ୍ଷ ଉଚ୍ଚ ବିପଦପୂର୍ଣ୍ଣ ଗ୍ରାମ ଏବଂ ସହରାଞ୍ଚଳ ୱାର୍ଡକୁ ଏଥିରେ ସାମିଲ କରାଯାଇଥିଲା ଏବଂ ଜୁଲାଇ ୨୦୨୬ରେ ଶେଷ ହୋଇଥିଲା।

ଅଭିଯାନ ସମୟରେ, ୨.୨ କୋଟିରୁ ଅଧିକ ଅସୁସ୍ଥ ବ୍ୟକ୍ତିଙ୍କର ଯାଞ୍ଚ କରାଯାଇଥିଲା, ୭ ଲକ୍ଷରୁ ଅଧିକ ନୂତନ ଯକ୍ଷ୍ମା ମାମଲା ଚିହ୍ନଟ କରାଯାଇଥିଲା ଏବଂ ୧.୯୭ ଲକ୍ଷ ଯକ୍ଷ୍ମା ମାମଲା ଚିହ୍ନଟ କରାଯାଇଥିଲା।

ଡବ୍ଲ୍ୟୁଏଚ୍ଓ ଗ୍ଲୋବାଲ୍ ଟିବି ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତ ଯକ୍ଷ୍ମା ନିରାକରଣରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ୨୦୧୫ ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମଣରେ ୨୧ପ୍ରତିଶତ ହ୍ରାସ ଦେଖା ଦେଇଛି ଯାହା ବିଶ୍ୱ ଗତି ତୁଳନାରେ ପ୍ରାୟ ଦୁଇଗୁଣ ହ୍ରାସ । ଏହାସହିତ ଚିକିତ୍ସା ସଫଳତା ହାର ୯୨ପ୍ରତିଶତରେ ପହଞ୍ଚିଛି । ଏହି ଗତିକୁ ବଜାୟ ରଖିବା ପାଇଁ ଆଗୁଆ ମାମଲା ଚିହ୍ନଟ, ଚିକିତ୍ସା ଏବଂ ରୋଗୀ ସମର୍ଥନ ଉପରେ ତୀବ୍ର ଧ୍ୟାନ କେନ୍ଦ୍ରିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଖଣି ଓ ଶିଳ୍ପ କ୍ଷେତ୍ର, ବୃତ୍ତିଗତ ଧୂଳିକଣା ସଂସ୍ପର୍ଶ, ପ୍ରବାସୀ ଓ ଆଦିବାସୀ ଜନସଂଖ୍ୟା, କୁପୋଷଣ, ସହରାଞ୍ଚଳ ବସ୍ତି, ସହ-ରୋଗ, ତମାଖୁ ଓ ମଦ୍ୟପାନ ଏବଂ ଅନୌପଚାରିକ ତଥା ଶ୍ରମିକ ବସତି ସମେତ ଅନେକ ଯକ୍ଷ୍ମା ବିପଦ କାରକ ଉପସ୍ଥିତ ଥିବାରୁ ଝାଡ଼ଖଣ୍ଡ ଓ ଓଡ଼ିଶାକୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବରେ ଗ୍ରହଣ କରାଯାଇଛି । ୧୦୦ ଦିନିଆ ଅଭିଯାନ ସମୟରେ, ଝାଡ଼ଖଣ୍ଡରେ ୧୬,୭୫୪ ଜଣ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା, ଏମାନଙ୍କ ମଧ୍ୟରେ ୪,୫୭୪ ଜଣ ଲକ୍ଷଣହୀନ ରୋଗୀ ଥିଲେ। ଅନ୍ୟପକ୍ଷେ ଓଡିଶାରେ ୧୫,୨୬୮ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା, ଯେଉଁମାନଙ୍କ ମଧ୍ୟରେ ୩,୫୧୪ ଜଣ ଲକ୍ଷଣହୀନ ରୋଗୀ ଥିଲେ। ରାଜ୍ୟଗୁଡ଼ିକ ବିପଦପୂର୍ଣ୍ଣ ଜନସଂଖ୍ୟାର ସ୍କ୍ରିନିଂ ଏବଂ ଯତ୍ନକୁ ବ୍ୟାପକ କରିବା ପାଇଁ ଲକ୍ଷ୍ୟବଦ୍ଧ ରଣନୀତି ଗ୍ରହଣ କରିଥିଲେ । ଏଥିରେ ସହରାଞ୍ଚଳ ବସ୍ତି, ନିର୍ମାଣ ସ୍ଥଳ, ପ୍ରବାସୀ କ୍ଲଷ୍ଟର ଏବଂ ଖଣି ଅଞ୍ଚଳରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନ୍ତର୍ଭୁକ୍ତ । ଭାରତର ଯକ୍ଷ୍ମା କାର୍ଯ୍ୟକ୍ରମର ପ୍ରଯୁକ୍ତିବିଦ୍ୟା ପ୍ରସାରଣ ଏହି ପ୍ରୟାସଗୁଡ଼ିକୁ ଆହୁରି ମଜଭୁତ କରିଛି। ଦଶନ୍ଧି ପୂର୍ବେ କିଛି ଶହ ମେସିନରୁ ୯ ହଜାରରୁ ଅଧିକ ମେସିନକୁ ଆଣବିକ ପରୀକ୍ଷଣ କ୍ଷମତା




ବିସ୍ତାରିତ ହୋଇଛି । ଅନ୍ୟପଟେ ପ୍ରାୟ ୩ ହଜାର ଏଆଇ ସକ୍ଷମ ହ୍ୟାଣ୍ଡହେଲ୍ଡ ଏକ୍ସ-ରେ ୟୁନିଟ୍ ଏବେ କ୍ଷେତ୍ରରେ ସକ୍ରିୟ ମାମଲା ଖୋଜିବାକୁ ସମର୍ଥନ କରୁଛନ୍ତି ।ଶ୍ରୀ ନଡ୍ଡା ଯକ୍ଷ୍ମା ମୁକ୍ତ ଭାରତର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ରାଜନୈତିକ ଏବଂ ପ୍ରଶାସନିକ ସକ୍ରିୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଭାରତର ତ୍ୱରିତ ଯକ୍ଷ୍ମା ନିରାକରଣ ରଣନୀତିର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଅଭିନବ ମାମଲା ଖୋଜିବା ରଣନୀତି, ପ୍ରାରମ୍ଭିକ ନିର୍ଣ୍ଣୟ, ରୋଗୀ-କୈନ୍ଦ୍ରିକ ଯତ୍ନ ଏବଂ ଜନ ଭାଗୀଦାରୀ ଉପରେ ଆଲୋକପାତ କରିଥିଲେ। ସେ ସାଂସଦମାନଙ୍କୁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ କେନ୍ଦ୍ର ସହ ସମ୍ପର୍କ ସ୍ଥାପନ କରି ଯକ୍ଷ୍ମା ସେବାର ଉପଲବ୍ଧତା ଏବଂ ଗୁଣବତ୍ତା ସମୀକ୍ଷା କରିଥିଲେ । ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ପାଇଁ ପ୍ରୟାସକୁ ସମର୍ଥନ କରି ସେମାନଙ୍କ ନିର୍ବାଚନମଣ୍ଡଳୀରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଯକ୍ଷ୍ମା ନିରାକରଣ ଏକ ନିରନ୍ତର ଜନ ଆନ୍ଦୋଳନରେ ପରିଣତ ହେବା ନିଶ୍ଚିତ କରିବା ପାଇଁ ସେ ନିରନ୍ତର ଜନସାଧାରଣଙ୍କ ସମ୍ପୃକ୍ତି ଏବଂ ସାମାଜିକ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଅଂଶଗ୍ରହଣକାରୀ ସାଂସଦମାନେ ସଚେତନତା ଓ ଅପବାଦ ହ୍ରାସ ଅଭିଯାନକୁ ବ୍ୟାପକ କରିବା ଉପରେ ଜୋର ଦେଇଥିଲେ । ବିଶେଷକରି ବିପଦ ଘେରରେ ଥିବା ଜନସଂଖ୍ୟା ମଧ୍ୟରେ ପ୍ରାରମ୍ଭିକ ଚିହ୍ନଟ ପାଇଁ ଶିବିରକୁ ପ୍ରୋତ୍ସାହିତ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ଜିଲ୍ଲା ଓ ବ୍ଲକ ସ୍ତରରେ ଯକ୍ଷ୍ମା ସେବାର ସହାୟକ ତଦାରଖକୁ ସୁଦୃଢ଼ କରିବା ପାଇଁ ସେମାନେ ନିଜ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସାଂସଦମାନେ ଯକ୍ଷ୍ମା ଦ୍ୱାରା ପ୍ରଭାବିତ ଲୋକଙ୍କୁ ପୋଷଣ ସହାୟତା, ମାନସିକ ସାମାଜିକ ଏବଂ ଜୀବିକା ସହାୟତା ପ୍ରଦାନ କରିବା ପାଇଁ ସମାଜ ଓ ସଂଗଠନଗୁଡ଼ିକୁ ସଂଗଠିତ କରିବାକୁ ମଧ୍ୟ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଏହାଦ୍ୱାରା ଯକ୍ଷ୍ମା ସେବା ପ୍ରତି ରୋଗୀ-କୈନ୍ଦ୍ରିକ ଦୃଷ୍ଟିକୋଣକୁ ସୁଦୃଢ଼ କରିବା ସମ୍ଭବ ହୋଇପାରିବ ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ବିଭିନ୍ନ ରାଜ୍ୟର ସାଂସଦମାନଙ୍କ ସହିତ ଏକାଧିକ ପର୍ଯ୍ୟାୟରେ ବୈଠକ କରୁଛନ୍ତି । ଏହି ବୈଠକ ତାହାର ଏକ ଅଂଶବିଶେଷ । ଏଭଳି ବୈଠକ ଆୟୋଜନର ଉଦ୍ଦେଶ୍ୟ ହେଉଛି ସାମୂହିକ ଉତ୍ତରଦାୟିତ୍ୱ ଏବଂ ଏକ ସମ୍ପୂର୍ଣ୍ଣ ସରକାରୀ ଦୃଷ୍ଟିକୋଣକୁ ମଜବୁତ କରିଥାଏ।

ଶ୍ରୀ ନଡ୍ଡା ବିଶ୍ୱାସ ପ୍ରକଟ କରି କହିଥିଲେ, ସାଂସଦ, ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସମାଜର ନିରନ୍ତର ସହଯୋଗ ସହିତ ଯକ୍ଷ୍ମା ନିରାକରଣ ଦିଗରେ ଅଗ୍ରଗତିକୁ ଆହୁରି ତ୍ୱରାନ୍ୱିତ ହେବ । ଏହି ୧୦୦ ଦିନିଆ ଅଭିଯାନର ସମାପ୍ତି ତୃଣମୂଳ ସ୍ତରରେ ଗଭୀର ଏବଂ ନିରନ୍ତର କାର୍ଯ୍ୟ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ।

ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ଝାଡ଼ଖଣ୍ଡ ଓ ଓଡ଼ିଶାରେ ଦୁର୍ବଳ ଏବଂ ପ୍ରାଥମିକତାପ୍ରାପ୍ତ ଜନସଂଖ୍ୟା ମଧ୍ୟରେ ଯକ୍ଷ୍ମା ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସ୍ୱତନ୍ତ୍ର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏଥିରେ ଖଣି ଓ ଶିଳ୍ପ କ୍ଷେତ୍ର, ପ୍ରବାସୀ ଓ ଆଦିବାସୀ ସମ୍ପ୍ରଦାୟ, ସହରୀ ବସ୍ତି, କୁପୋଷଣ ଏବଂ ପୂର୍ବ ବ୍ୟାଧିର ଶିକାର ଲୋକମାନଙ୍କୁ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଥିଲେ । ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆରାଧନା ପଟ୍ଟନାୟକ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ୯ହଜାରରୁ ଅଧିକ ଯନ୍ତ୍ରାଂଶର ପ୍ରୟୋଗ ଏବଂ ୩ ହଜାର ଏଆଇ ଆଧାରିତ ଏକ୍ସ-ରେ ୟୁନିଟ୍ ର ଉପଯୋଗ ସମ୍ପର୍କରେ ସୂଚନା ଦେଇଥିଲେ ।(ପିଆଇବି)

## ମଠ ମନ୍ଦିର ଜମିର ଧାନ ପଞ୍ଜୀକରଣ ନିର୍ଦ୍ଦେଶ ଦେବାକୁ ଦାବି

ଶେରଗଡ,୧୯।୮ (ନିପ୍ର)ଶେରଗଡ ବ୍ଲକ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ମଠାଧୀଶ ଓ ଟ୍ରଷ୍ଟି ମାନେ ମହନ୍ତ ପରମାନନ୍ଦ ଦାଶ ଗୋସ୍ୱାମୀଙ୍କ ନେତୃତ୍ୱରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ସରକାର ମଠ ମନ୍ଦିରମାନଙ୍କ ଜମି ଗୁଡିକ ମଣ୍ଡି ପାଇଁ ରୋକଠୋକ ମନା କରିଛନ୍ତି। ମଠାଧୀଶ ଟ୍ରଷ୍ଟି ମାନେ କହିବା କଥା ହେଲା ଆମ୍ଭ ମଠ ମନ୍ଦିର ମାନଙ୍କରେ ଯାହା ଧାନ ଆଦାୟ ହେଉଛି ଆମ୍ଭେ ସେ ଧାନ କୁଆଡେ ନେବୁ। ବର୍ଷ ଯାକର ଯାହା ଧାନ ଆଦାୟ ହେଉଛି ତାହା ଆମେ ମଣ୍ଡିରେ ଦେଇ ଯାହା ଟଙ୍କା ଆସୁଥିଲା ତାକୁ ଆମ୍ଭେ ମନ୍ଦିର ପରିଚାଳନା ରେ ଲଗାଉଥିଲୁ।ସରକାର ମଠ ମନ୍ଦିର ମାନଙ୍କ ଜମିର ରେଜିଷ୍ଟ୍ରେସନ ବନ୍ଦ କରିଦେବା ଦ୍ୱାରା ମଠ ମନ୍ଦିରମାନଙ୍କର ବିଶେଷ କ୍ଷତି ହେବ। ଏଣୁ ସରକାର ମଠାଧୀଶ ଓ ଟ୍ରଷ୍ଟି ମାନଙ୍କ କଥା ଚିନ୍ତା କରି ଆମ ମଠ ମନ୍ଦିର ମାନଙ୍କ ଜମି ପଞ୍ଜିକରଣ ପାଇଁ ନିର୍ଦ୍ଦେଶ ଦିଅନ୍ତୁ।ଏକଥା ସରକାର ଏବଂ କୃଷି ମନ୍ତ୍ରୀକୁ ଅବଗତ କରିବାକୁ ମଠାଧୀଶ ଓ ଟ୍ରଷ୍ଟିମାନେ ପରିବହନ ମନ୍ତ୍ରୀ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ଜେନା ଏକଥାକୁ ଗୁରୁତର ଭାବେ ନେବି ବୋଲି କହିଛନ୍ତି।

## ରାୟଗଡା ସହରରେ ଗଲା କିଛି ମାସ ଧରି ପାଇପ ମିଟର ଚୋରି

ରାୟଗଡା:୧୯/୮(ନି:ପ୍ର) ରାୟଗଡା ସହରରେ ଗଲା କିଛି ମାସ ଧରି ପାଇପ ମିଟର ଚୋରି ହେବାରେ ଲାଗିଛି। ରାୟଗଡାର ବିଭିନ୍ନ ଅଞ୍ଚଳରୁ ଲଗାତର ଭାବେ ପାଇପ ମିଟର ଚୋରି ହେବାରେ ଲାଗିଛି। ଖବର ନେବାରେ ଜଣା ପଡିଛିଯେ ସହର ର ରୋହିତ କଲୋନୀ ଅଞ୍ଚଳରୁ ଅଧିକାଂଶ ଘରୁ ଏହି ପାଇପ ମିଟର ଚୋରି ହୋଇଯାଇଥିବା ଅଞ୍ଚଳବାସୀ କହିଛନ୍ତି। ଅନୁରୂପ ଭାବେ ଇନ୍ଦିରା ନଗର ୨ୟ ଲାଇନ ନିବାସୀ ଅବସରପ୍ରାପ୍ତ ପ୍ରଧାପକ ବିନୋଦ କୁମାର ପାତ୍ରଙ୍କ ର ମଧ୍ୟ ପାଇପ ମିଟର ଚୋରି ହୋଇଯାଇଛି। ଏନେଇ ସେ ପାଇପ ମିଟର ଚୋରି ହୋଇଥିବା କାରଣରୁ ସେ ଏନେଇ ରାୟଗଡା ଥାନାରେ ଏକ ମାମଲାରୁଜୁ କରିଥିବା କରିଛନ୍ତି। ସେହିପରି ଭାବେ ଇନ୍ଦିରା ନଗର ୨ୟ ଲାଇନରେ ରହୁଥିବା ଲଡୁକିଶୋର ସାହୁଙ୍କ ଘରୁ ମଧ୍ୟ ପାଇପ ମିଟର ଚୋରି ଯାଇଥିବା କହିଥିବା ବେଳେ, ଦିବାକର ମହାନ୍ତି, ଶଙ୍କର ପାଲ, ଏବଂ ଅନ୍ୟ ଘର ଗୁଡିକରୁ ମଧ୍ୟ ଚୋରି ହୋଇଥିବା ଶୁଣିବାକୁ ମିଳିଛି।କିନ୍ତୁ ଏହି ଚୋରି ଏହି ଦୁଇ ଅଞ୍ଚଳରେ ସିମିତ ହୋଇ ରହିନାହିଁ, ସହରର ଅନ୍ୟ କେତେକ ଅଞ୍ଚଳରୁ ମଧ୍ୟ ଚୋରି ଯାଇଥିବା ଅଞ୍ଚଳବାସୀ କହିଛନ୍ତି।

କିନ୍ତୁ ବିଡମ୍ବନାର ବିଷୟ ଏହି ପାଇପ ମିଟର ଚୋରି ଘଟଣାରେ କେହି ପୋଲିସ ରେ ମାମଲା ରୁଜୁ କରିନଥିବା କହିଛନ୍ତି ଶ୍ରୀ ସାହୁ। ଅବସରପ୍ରାପ୍ତ ପ୍ରାଧାପକ ଶ୍ରୀ ପାତ୍ର କହିଛନ୍ତି ଯେ, କାଳେ ବିଭାଗ ଆମ ଉପରେ ଦୋସାରୋପ କରି କହିପାରେ ଯେ, ମିଟରକୁ ଟାମ୍ପୋରିଙ୍ଗ କରିବା ଭଳି ଅସଦ ଉପାୟ ଅବଲମ୍ବନ ବେଳେ ଏପରି ହୋଇଛି, ତେଣୁ ସେହି ଦୋଷାରୋପ ବିରୋଧରେ ଏହି ମାମଲାର ନକଲ ଏକ ପ୍ରମାଣ, ତେଣୁ ଥାନାରେ ମାମଲା ରୁଜୁ କରି ଏହି ପ୍ରମାଣ ରଖିଛି। ଏହି ଚୋରି ପଛରେ ଏକ ରାକେଟ ସକ୍ରିୟ ଭାବେ କାମ କରୁଥିବା ଲୋକେ ଅନୁମାନ କରୁଛନ୍ତି। କାରଣ ଏହି ପାଇପ ମିଟରରେ ତମ୍ବା ଆଉ ପିତଳ ଧାତୁ ରହିଥିବାରୁ ଏହାକୁ ୫୦୦ ଟଙ୍କାରେ ବିକ୍ରି କରି ମଲାମାଲ ହେଉଥିବା କୁହାଯାଉଛି। କିନ୍ତୁ ଏମାନେ ଚୋରି କଲାପରେ କାହାକୁ ବିକ୍ରି କରୁଛନ୍ତି ତାହା ତଦନ୍ତ ସାପେକ୍ଷ। କିନ୍ତୁ ସିସିଟିଭି କ୍ୟାମେରା ଦେଖି ଲୋକେ କେତେକଙ୍କୁ ଦେଖିଥିଲା ଭଳି ଲାଗୁଛି ବୋଲି କହୁଥିବା ଆଲୋଚନା ହେଉଛି। ପୋଲିସରେ ମାମଲା ରୁଜୁ ହେବାପରେ ଏହି ପାଇପ ମିଟର ଚୋରିରେ ସକ୍ରିୟ ଭାବେ ଲିପ୍ତଥିବା ଏବଂ ବେଆଇନ ଭାବେ ଏହାକୁ କିଣି ଏହି ଅସାମାଜିକଙ୍କୁ କିଏ ପ୍ରୋତ୍ସାହିତ କରୁଛି ତାହା ତଦନ୍ତ ସାପେକ୍ଷ।

## ମିନି ଷ୍ଟାଡିୟମ କେବେ ହେବ, ଅବହେଳିତ ପଲଟଣ ପଡିଆ

କଣ୍ଟିଲୋ,୧୯।୮ (ନିପ୍ର): କଣ୍ଟିଲୋ ଗ୍ରାମ ଉପକଣ୍ଠରେ ଥିବା ଐତିହାସିକ ପଲଟଣ ପଡିଆ ଅବହେଳିତ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରାୟ ୫ ଏକରରୁ ଉର୍ଦ୍ଧ୍ୱ ପରିମିତ ଅଞ୍ଚଳ ବିଶିଷ୍ଟ ପାର୍କରେ ବାଉଣ୍ଡରୀ ନିର୍ମାଣ ହୋଇନାହିଁ। କେବଳ ସମ୍ମୁଖ ଭାଗରେ କିଛି ଅଂଶ ବାଉଣ୍ଡରୀ ଓ ଗେଟ ନିର୍ମାଣ ହୋଇଛି



ମାତ୍ର ଅନ୍ୟ ତିନି ପାର୍ଶ୍ୱ ରେ ବାଉଣ୍ଡରୀ ନାହିଁ। ଆଲୋକ ବ୍ୟବସ୍ଥା ନାହିଁ। ଫଳରେ ପ୍ରତ୍ୟହ ଏଠି ସଞ୍ଜ ନଇଁଲେ ମଦ୍ୟପଙ୍କ ଭିଡ ଜମୁଛି। ପଡିଆ ସାରା ମଦ ବୋତଲ, ଗ୍ଲାସ,ପାଉଚ, ଆଦି ପ୍ଲାଷ୍ଟିକ ଆବର୍ଜନା ପଡିବା ନିତିଦିନିଆ ଘଟଣା ରେ ପରିଣତ ହୋଇଛି। ଗ୍ରାମ ଯୁବକମାନେ ପ୍ରତିଦିନ ଏହି ପଡିଆକୁ କ୍ରିକେଟ, ଫୁଟବଲ ଓ ଅନ୍ୟାନ୍ୟ ଖେଳ ପାଇଁ ଏଠାକୁ ଆସିଥାନ୍ତି ଓ ସକାଳ ସନ୍ଧ୍ୟାରେ ଅଞ୍ଚଳ ଲୋକେ ମର୍ନିଙ୍ଗ ୱାକ ତଥା ବେୟାମ ନିମନ୍ତେ ଭିଡ ଜମାଇଥାନ୍ତି। ଏଠି ବିଭିନ୍ନ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାଛଡା ରାଜନୈତିକ ସଭା ସମିତି ହେବାସହ ବିଶିଷ୍ଟ ବ୍ୟକ୍ତିଙ୍କ ଆଗମନ ସମୟରେ ଏହି ପଡିଆରେ ଅବତରଣ କରିଥାନ୍ତି। ତେବେ ଏକମାତ୍ର କ୍ରୀଡାଯୋଗ୍ୟ ପଡିଆକୁ ଏପର୍ଯ୍ୟନ୍ତ ପୂର୍ଣାଙ୍ଗ ରୂପ ଦିଆଯାଇ ପାରିନାହିଁ। ଫଳରେ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି ଓ ତେବେ ଐତିହାସିକ ପଲଟନ ପଡିଆ ଭିତ୍ତିଭୂମି ଉନ୍ନତି କରାଗଲେ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି।

## ଯୁବ ମତଦାତା ସାକ୍ଷରତା ସଚେତନତା ଶିବିର

ଭବାନୀପାଟଣା, ୧୯/୮ (ନି.ପ୍ର)- ନୂତନ ଯୁବପିଢିକୁ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ କରିବା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଏକ ନୂତନ ଯୁବ ମତଦାତା ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ସ୍ଥାନୀୟ ଭବାନୀପାଟଣା ତହସିଲଦାର ଖିରୋଦ ଚନ୍ଦ୍ର ନାଗ ଏବଂ ରେଭେନ୍ୟୁ ଅଫିସର କାର୍ତ୍ତିକ ସୁନା ମହାବିଦ୍ୟାଳୟରେ ଉପସ୍ଥିତ ଥିବା ୨୪୦ ଜଣ ଛାତ୍ରଛାତ୍ରୀ ଯୁବ ମତଦାତା ରୂପେ ବୟସ ସୀମା ପୂରଣ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବାକୁ ଥିବା ବେଳେ ସେମାନଙ୍କୁ ସଚେତନ କରାଇ ମତଦାନ ସାକ୍ଷରତାର ବାର୍ତ୍ତା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ସ୍ୱାଗତ ଅଭିଭାଷଣ ଦେବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଯୁବ ପିଢିର ଅଂଶଗ୍ରହଣ ଉପରେ ଯୋର ଦେଇଥିଲେ। ଏହି ଶିବିରକୁ ଅଧାପକ ପ୍ରତାପ ଚନ୍ଦ୍ର ଦାଶ ପରିଚାଳନା କରି ଉପସ୍ଥିତ ଅତିଥି ଓ ନବ ଯୁବ ମତଦାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟା ରିଲିଫ୍ ବଣ୍ଟନ ଦାୟିତ୍ୱ ତହସିଲଦାରଙ୍କୁ ହସ୍ତାନ୍ତର

ଭଦ୍ରକ,୧୯।୮ (ନିପ୍ର): ଜିଲ୍ଲାରେ ଚାଲୁଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାନ୍ଦବାଲି ବ୍ଲକ୍‌ରେ ଅଗଷ୍ଟ ବନ୍ୟା-୨୦୨୬ ସମ୍ପର୍କିତ ରିଲିଫ୍ ସାମଗ୍ରୀର ବଣ୍ଟନ ଓ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ଚାନ୍ଦବାଲି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ବ୍ୟବସ୍ଥା ୧୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଚାନ୍ଦବାଲି ତହସିଲଦାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ରିଲିଫ୍ କାର୍ଯ୍ୟ ପରିଚାଳନା କରିବେ। ଏଥିସହିତ ଚାନ୍ଦବାଲି ବିଡିଓଙ୍କୁ ସମ୍ପୃକ୍ତ କାର୍ଯ୍ୟକାରୀ ଦାୟିତ୍ୱ ତହସିଲଦାରଙ୍କୁ ହସ୍ତାନ୍ତର କରିବା ସହ ସମସ୍ତ ବନ୍ୟା ସମ୍ପର୍କିତ କାର୍ଯ୍ୟର ସୁଚାରୁ ରୂପେ ପରିଚାଳନା ପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛିବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ ଓ ଦ୍ରୁତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# ସୋନଗଡ଼ ନଈ ବଢ଼ି ଖୋଲୁଛି ଆଡ଼ିବନ୍ଧ ଦୁର୍ନୀତିର ଚିତ୍ର

## ଆଡ଼ିବନ୍ଧ ନିର୍ମାଣର ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ

ବଲାଙ୍ଗିର,୧୯।୮ (ନିପ୍ର): ବନ୍ୟା ପାଣିରୁ ଚାଷ ଜମିକୁ ସୁରକ୍ଷା ଦେବା ପାଇଁ ଆଡ଼ିବନ୍ଧ ନିର୍ମାଣ କାମ ଚାଲିଛି। ସୋନଗଡ ନଦୀରେ କିନ୍ତୁ ବନ୍ୟା ପାଣି କୁ ସୁରକ୍ଷା ଦେବା ବଦଳ ରେ କେଉଁଠି କାମ ସରିବାର ୫ ମାସ ପରେ ପଥର ଧସିପଡୁଛି ତ ଆଉ କେଉଁଠି କାମ ନ ସରି ଧୋଇ ହୋଇ ଯାଉଛି ଆଡିବନ୍ଧ। ତେବେ ସୋନଗଡ଼ ନଦୀର ପ୍ରଥମ ବନ୍ୟା ହିଁ ଦେଖାଇ ଦେଉଛି ଆଡ଼ିବନ୍ଧ ଦୁର୍ନୀତିର ଚିତ୍ର। ଏନ୍ ଏଚ୍ ୨୬ ସୋନଗଡ଼ ନଦୀ ବ୍ରିଜରୁ ରେଳ ବ୍ରିଜକୁ ନିର୍ମାଣ ହୋଇଥିବା ଆଡ଼ିବନ୍ଧ ଧୋଇ ହୋଇ ଯାଉଥିବାର ଚିତ୍ର ସାମ୍ନାକୁ ଆସିବା ପରେ ଚନ୍ଦ୍ରପୁରରୁ ଜରାସିଂହା ପର୍ଯ୍ୟନ୍ତ ତିଆରି ଚାଲିଥିବା ଆଡ଼ିବନ୍ଧ କାମ ସରିବା ପୂର୍ବରୁ କିଭଳି ଭୁଶୁଡି ପଡ଼ିଛି ତାର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଦେଓଗାଁ ବ୍ଲକ ରେଳ ବ୍ରିଜ ରୁ ଜରାସିଂହା ବ୍ରିଜ ଓ ସାଲେପାଲି କୃଷ୍ଣ ମହାନ ଜୋର ପର୍ଯ୍ୟନ୍ତ ସୋନଗଡ଼ ନଦୀର ବାମ ପାର୍ଶ୍ୱରେ ବନ୍ୟା ନିୟନ୍ତ୍ରଣ ପାଇଁ ଆଡ଼ିବନ୍ଧ ନିର୍ମାଣ ଚାଲିଛି। ଏହି ଆଡ଼ିବନ୍ଧ ନିର୍ମାଣ ରେ ପଥର ପେଚିଙ୍ଗ କାମ ହୋଇଥିବା ବେଳେ ଘାସ ଜାଗା



କାମ ବାକି ରହିଛି। ଏପରି କି ଆଡ଼ିବନ୍ଧ ର କିଛି ସ୍ଥାନରେ ପଥର କାମ ମଧ୍ୟ ବାକି ରହିଛି। ହେଲେ ଚଳିତ ବର୍ଷ ର ପ୍ରଥମ ବନ୍ୟାରେ ଆଡ଼ିବନ୍ଧ ଧୋଇ ହୋଇ ଭୁଶୁଡ଼ି ପଡ଼ିଥିବା ବେଳେ ପଥର ନଈ ପାଣି ରେ ଭାସି ଯାଇଥିବା ଜରାସିଂହା ଗାଁ ଲୋକେ ଅଭିଯୋଗ କରିଛନ୍ତି। ତେବେ ଜରାସିଂହା ପଥର ଘାଟ ନିକଟରେ ନିର୍ମାଣ ହୋଇଥିବା ଆଡ଼ିବନ୍ଧ କୁ ଦେଖିଲେ ବାରି ହେଉଛି କିଭଳି ଆଡ଼ିବନ୍ଧ ନିର୍ମାଣ ହୋଇଛି। ଏହି ସ୍ଥାନ ରେ ଆଡ଼ିବନ୍ଧ ଟି ଭୁଶୁଡ଼ି ପଡ଼ିଥିବା ରୁ ୪୦ ଫୁଟ ଲମ୍ବ ର ମାଟି ଅଧା ଧସି ପଡ଼ିଛି। ତେବେ ଆଡ଼ିବନ୍ଧ ଟି ଭୁଶୁଡ଼ି ପଡ଼ିବା ପରେ ବଡ ବନ୍ୟା ଆସିଲେ କିଭଳି ବନ୍ୟା ପାଣି କୁ ନିୟନ୍ତ୍ରଣ କରିବ ତାକୁ ନେଇ ସନ୍ଦେହ ଦେଖାଦେଇଛି। ତେବେ ଏହି ଆଡ଼ିବନ୍ଧ ଟି କେତେ ଟଙ୍କା ରେ ନିର୍ମାଣ ହେଉଛି କେତେ ଲମ୍ବା ହେବ ସେନେଇ ଏକ ସୂଚନା ଫଳକ ନିର୍ମାଣ କରିବା କଥା ହେଲେ ତାହା ବି ଦେଖିବାକୁ ମିଳିନି କାମ ଚାଲିଥିବା ସ୍ଥାନରେ। ପ୍ରାୟ ୪ରୁ ୫ କୋଟି ଟଙ୍କାରେ ଚାଲିଥିବା ଏହି କାମ ରେ ବ୍ୟାପକ ଭାବରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ତେବେ ଏନେଇ କାମ ତଦାରଖ କରୁଥିବା ଯନ୍ତ୍ରୀଙ୍କୁ ପଚାରିବାରୁ କିଛି ଧୋଇ ନେଇଛି, କାମ ଚାଲୁଥିଲା ନଦୀରେ ବେଶି ପାଣି ଆସିବାରୁ ଟିକେ ଧୋଇ ନେଇଛି। ଧୋଇ ନେଇଥିବା ସ୍ଥାନ ଦେଖି କାମ କରି ଦିଆଯିବ ବୋଲି ବହୁ ହାଲୁକା ଭାବରେ କହିଥିଲେ। ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଭିଜିଲାନ୍ସ ତଦନ୍ତ କରିବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

## ତିନି ଦିନ ହେବ ନାକେଦମ୍ କରୁଛି ୩୦ ଟିକିଆ ହାତୀପଲ

ବଲାଙ୍ଗୀର, ୧୯/୮ (ନିପ୍ର) :ସଇଁତଳା ଅଞ୍ଚଳରେ ଗତ ତିନିଦିନ ହେବ ନାକେଦମ କରି ଚାଲିଛନ୍ତି ୩୦ ଟିକିଆ ହାତୀପଲ। କଳାହାଣ୍ଡି ଅଞ୍ଚଳରୁ ତେଲ ନଦୀ ପାର ହୋଇ ଏହି ହାତୀପଲ ସଇଁତଳା ବ୍ଲକର ଘୁନସର ଗାଁ ଅଞ୍ଚଳକୁ ପ୍ରବେଶ କରିଥିଲେ। ହାତୀପଲ ଗାଁ ନିକଟରେ ଘୂରି ବୁଲିବା ସହ ଚାଷ ଜମିରେ ପଶି ଅନେକ ଚାଷୀଙ୍କ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହାପରେ ଗୋଟିଏ ଦିନ ଧରି ଜାତୀୟ ରାଜପଥ ୨୬ ନିକଟ ମହଗାଁ ଅଞ୍ଚଳର



ଏକ ନର୍ସରୀରେ ହାତୀପଲ ରହିଥିଲେ। ଗତ ରାତିରେ ପୁଣି ଲାନ୍ଥ ନଦୀ ପାର ହୋଇ ସଇଁତଳା ରେଞ୍ଜର ବାଦିପଡ଼ା ଗାଁ ନିକଟସ୍ଥ ଏକ ଛୋଟ ଜଙ୍ଗଲରେ ହାତୀପଲ ପ୍ରବେଶ କରିଛନ୍ତି। ହାତୀଙ୍କ ଗତିବିଧି ଯୋଗୁଁ ଆଖପାଖ ଗାଁର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ହାତୀପଲକୁ ଜନବସତିଠାରୁ ଦୂରେଇବା ପାଇଁ ସଇଁତଳା ରେଞ୍ଜର ଅନେକ ବନ କର୍ମଚାରୀ ଲଗାତାର ପ୍ରୟାସ ଜାରି ରଖିଛନ୍ତି। ରାତି ତମାମ ବିଭିନ୍ନ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ହାତୀ ଥିବା ଅଞ୍ଚଳକୁ ନଯିବା ଏବଂ ରାତିରେ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ କୁହାଯାଉଛି। ସଇଁତଳା ରେଞ୍ଜର ଠଣ ସୁନ୍ଦର ଧରୁଆଙ୍କ କହିବା ଅନୁସାରେ, ହାତୀପଲର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ଏବଂ ଲୋକଙ୍କ ସୁରକ୍ଷା ପାଇଁ କର୍ମଚାରୀମାନେ ନିୟୋଜିତ ଅଛନ୍ତି।

## ମୃତ ନିରଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍

ହିଞ୍ଜିଳିକାଟୁ,୧୯।୮ (ନିପ୍ର); ଗୁଜରାଟ ରାଜ୍ୟର ସୁରଥ ସୂତାକଳରେ କାମ କରୁଥିବା ବେଳେ ଶନିବାର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତ ଶ୍ରମିକ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ଖରିଡା ଗ୍ରାମର ନିର ବେହେରା (୫୦)। ମୃତ ନିରଙ୍କ ମରଶରୀର ପୈତୃକ ଗ୍ରାମ ଖରିଡା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଖବର ପାଇ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର, ସହକାରୀ ଶ୍ରମ ଅଧିକାରୀ ଓ କିଛି ଜନ ପ୍ରତିନିଧି ଖରିଡା ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ହିଞ୍ଜିଳି ବିଧାୟକ, ବିରୋଧିଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ହିଞ୍ଜିଳି ବିଜେଡିର ଏକ ୫ ଜଣିଆ ଟିମ୍ ଖରିଡା ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ଯାଜପୁର,୧୯।୮ (ନିପ୍ର); ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରୋ ଓ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ତରପଦା ଓ ଜୟନ୍ତରା ପଂଚାୟତ ର ବିଭିନ୍ନ ବନ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ କଥା ହୋଇଥିଲେ। ଉକ୍ତ ପରିଦର୍ଶନ ସମୟରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସିଡିପିଓ ଶାନ୍ତିଲତା ସେଠୀ ଉପସ୍ଥିତ ଥିଲେ। ଏହାସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍, ରନ୍ଧା ଖାଦ୍ୟର ମାନ ଓ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରାହ୍ନରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ



ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶିଶୁ ଓ ପରିବାରଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ ରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବନ୍ୟାରେ ଧାମନଗର ବେହାଲ, ରିଲିଫ୍ ନେଇ ବିପନ୍ନଙ୍କ ଅସନ୍ତୋଷ


ଧାମନଗର,୧୯।୮ (ନିପ୍ର);ଚଳିତ ବର୍ଷର ଚତୁର୍ଥ ବନ୍ୟାରେ ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ଘରଦ୍ୱାରରେ ବନ୍ୟାଜଳ ପଶିଥିବା ବେଳେ ଅନେକ ପରିବାର ଖାଦ୍ୟ, ପଲିଥିନ୍ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ସମସ୍ୟା ଓ ରିଲିଫ୍ ବଣ୍ଟନର ସ୍ଥିତି ଅନୁଧ୍ୟାନ କରିଛି ବିଜେଡିର ଏକ ପ୍ରତିନିଧି ଦଳ।ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ଼. ଅରୁଣ ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଦୋବଲ, ବୟାଙ୍ଗଡିହ, କୋଠାର, ଭଟସାହି ଓ ନଦୀଗାଁ ଅଞ୍ଚଳ ପରିଦର୍ଶନ କରିଥିଲେ। ଗେଙ୍ଗୁଟି ନଦୀବନ୍ଧରେ ବନ୍ୟା ବିପନ୍ନଙ୍କୁ ଭେଟି ସେମାନଙ୍କ ଦୁଃଖ, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ। ବିପନ୍ନଙ୍କ ଅଭିଯୋଗ ଅନୁଯାୟୀ, କେତେକ ପରିବାରକୁ ମାତ୍ର ୨୦୦ ଗ୍ରାମ ଚୁଡ଼ା ଓ ୫ଟି ବିସ୍କୁଟ୍ ଦିଆଯାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ପଲିଥିନ୍ ମଧ୍ୟ ଆବଶ୍ୟକତା ଅନୁସାରେ ମିଳୁନାହିଁ। ରନ୍ଧା ଖାଦ୍ୟ ଠିକ୍ ଭାବେ ପହଞ୍ଚୁନଥିବା ଏବଂ ସରକାରୀ ଖାଦ୍ୟ ବିକ୍ରି ହେଉଥିବା ନେଇ ମଧ୍ୟ ଗୁରୁତର ଅଭିଯୋଗ ଆସିଥିବା ଡ଼. ସାହୁ କହିଛନ୍ତି। ତେବେ ଏସବୁ ଅଭିଯୋଗର ସ୍ୱାଧୀନ ସତ୍ୟାପନ ହୋଇନାହିଁ।

ବନ୍ୟା ପରିସ୍ଥିତିକୁ ନେଇ ଡ଼. ଅରୁଣ ସାହୁ ସରକାରଙ୍କୁ ଟାର୍ଗେଟ କରି 'ବନ୍ୟା ଟୁରିଜିମ୍' ବନ୍ଦ କରିବାକୁ ଦାବି କରିବା ସହ ବନ୍ୟା ବିପନ୍ନ ଚାଷୀଙ୍କୁ ତୁରନ୍ତ ସହାୟତା ଏବଂ କୃଷି ଋଣ ଛାଡ଼ କରିବାକୁ କହିଛନ୍ତି।

ବନ୍ୟା ବିପନ୍ନଙ୍କ ଅଭିଯୋଗ ନେଇ ଆଗାମୀ ବିଧାନସଭା ଅଧିବେଶନରେ ଧାମନଗରର ବନ୍ୟା ପ୍ରସଙ୍ଗକୁ ଦୃଢ଼ତାର ସହ ଉଠାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପରିଦର୍ଶନରେ ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପ୍ରଦୀପ ମଲ୍ଲିକ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ବିଦ୍ୟୁତ ଲତା ନାୟକ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଧାମନଗର ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ମୁସ୍ତାଫପୁର ସରପଞ୍ଚ ଜିସନାରା ବିବି, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନ ରଞ୍ଜନ ମହାକୁଡ଼, ବୈଦେହୀ ବେହେରା, ସୁଦୀପ୍ତ ଖଟୁଆ, ଧାମନଗର ନଗର ସଭାପତି ବିଜୟ କେତନ ସାହୁ ଓ ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସଭାପତି, ଛାମୁଆ ସଂଗଠକ ଓ ବନ୍ୟା ବିପନ୍ନମାନେ ଉପସ୍ଥିତ ଥିଲେ।

## ଏସଆଇଆର ପ୍ରକ୍ରିୟାରୁ ବାଦ୍ ଦେବାକୁ ଷଡ଼ଯନ୍ତ୍ର : ଅଭିଯୋଗ ଆଣିଲେ ଶତାଧିକ ବାସିନ୍ଦା

ଭଦ୍ରକ,୧୯।୮ (ନିପ୍ର): ଏବେ ଚାଲିଛି ଏସଆଇଆର ବା ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟା। କିନ୍ତୁ ଏହି ପ୍ରକ୍ରିୟାରେ କେତେକ ସଂପୃକ୍ତ ଥିବା ଅଧିକାରୀ ନିଜ ଇଚ୍ଛାମୁତାବକ କାର୍ଯ୍ୟ କରୁଥିବାର ଅଭିଯୋଗ ଆସୁଛି। ଫଳରେ ବହୁ ଯୋଗ୍ୟ ମତଦାତା ନିଜର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରରୁ ବଂଚିତ ହେବାର ସମ୍ଭାବନା ଦେଖାଦେଇଛି। ଏନେଇ ବହୁ ଅଭିଯୋଗ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିୟମିତ ପହଂଚିବାରେ ଲାଗିଛି। ଏହାର ଏକ ଉଦାହରଣ ମଙ୍ଗଳବାର ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଶତାଧିକ ଅଭିଯୋଗକାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଭଦ୍ରକ ପୌରାଂଚଳର ୨୪ ଓ ୨୫ ନମ୍ବର ୱାର୍ଡ଼ର ଶତାଧିକ ସ୍ଥାୟୀ ବାସିନ୍ଦା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ(ଏସପି) ମନୋଜ ରାଉତଙ୍କୁ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଭେଟି ଚାଲିଥିବା ସଂଶୋଧନ ପ୍ରକ୍ରିୟାର ୭ ନମ୍ବର



ଫର୍ମ ମୂଳେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିଜ ଅଭିଯୋଗରେ ସେମାନେ ଦର୍ଶାଇଛନ୍ତିଯେ; ପ୍ରଚଳିତ ପ୍ରକ୍ରିୟାର ନିୟମ ଅନୁସାରେ ଜଣେ ବ୍ୟକ୍ତି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରି ପାରିବ ନାହିଁ। କିନ୍ତୁ ବିଶ୍ୱସ୍ତ ସୂତ୍ରର ତଥ୍ୟ ଅନୁଯାୟୀ ଦେଖିବାକୁ ମିଳୁଛି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଭିନ୍ନ ମତାଦର୍ଶ ପୋଷଣ କରି ଦଶରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ସେମାନଙ୍କ ସ୍ଥାୟୀ ବାସିନ୍ଦାକୁ ନେଇ ଅଭିଯୋଗ ଦାଖଲ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ ଓ ଶତାଧିକ ମତଦାତାଙ୍କୁ ନିଜ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରରୁ ବଂଚିତ କରିବାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହାକୁ ପ୍ରଶାସନ କିପରି ଅନୁମତି ଦେଉଛି ତାହା ଏକ ପ୍ରଶ୍ନବାଚୀ। ଏସପି ଶ୍ରୀ ରାଉତ ଅଭିଯୋଗକାରୀଙ୍କୁ ଆଶ୍ୱସନା ଦେଇଥିଲେ। କହିଥିଲେ ଯେ; ମିଥ୍ୟା ଅଭିଯୋଗକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ଏହାବ୍ୟତୀତ ସେମାନଙ୍କୁ ସ୍ଥାନୀୟ ପୁରୁଣାବଜାର ଥାନାରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ନାମରେ ଅଭିଯୋଗପତ୍ର ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ପରେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ପହଂଚି ଅନୁରୂପ ଅଭିଯୋଗ କରିବା ସହ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ପ୍ରକ୍ରିୟାରେ କୌଣସି ଜଣେ ବି ବାସ୍ତବ ମତଦାତା ନିଜ ଗଣତାନ୍ତ୍ରୀକ ଅଧିକାରରୁ ବଂଚିତ ହେବେ ନାହିଁ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୨୫ ନମ୍ବର କାଉନସିଲର ସେକ ସାହିଲ କାଦ୍ରୀ, ୨୪ ନମ୍ବର ୱାର୍ଡ଼ରେ ପାରିଷଦଙ୍କ ପ୍ରତିନିଧି ଖାଲିଦ ହୁସେନ ଶାହା, ରାଜେନ୍ଦ୍ର ପ୍ରସାଦ ଯେନା, ବିଜୟ ବାରିକ, ଏନାମୁଲ ହକ୍, ସୁଲେମାନ ଖାନ, ଫୈଜାଉଦ୍ଦିନ ଖାନ, ସେକ ନୁର ମହମ୍ମଦଙ୍କ ସମେତ ଶତାଧିକ ୱାର୍ଡ଼ବାସୀ ଉପସ୍ଥିତ ଥିଲେ।

## ବୌଦ୍ଧ କଣ୍ଟାମାଳ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ,୧୯।୮(ନିପ୍ର); ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଭା ଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୮୮ ଗୋଟି ବ୍ୟକ୍ତିଗତ ଓ ୦୬ ଟି ଗୋଷ୍ଠୀଗତ ଏଭଳି ମୋଟ ୯୪ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ୨୭ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୦୪ ଜଣ ଅସହାୟଙ୍କୁ ୨୫୦୦୦ ଟଙ୍କା ତତ୍କାଳ ସହାୟତା ରେଡ୍ କ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଣ୍ଟାମାଳ ପଞ୍ଚାୟତ ପ୍ରାଙ୍ଗଣରେ ଏକ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮୯ ଜଣ ଦିବ୍ୟାଙ୍ଗ ରେଜିଷ୍ଟ୍ରେସନ କରିଥିଲେ। ଏମାନଙ୍କ ମଧ୍ୟରୁ ଭିନ୍ନକ୍ଷମ ସାର୍ଟିଫିକେଟ- ୮୬ଜଣ, ଭିନ୍ନକ୍ଷମ ଭତ୍ତା ୦୬ ଜଣ ,ବିଧବା ଭତ୍ତା ୦୫ , ଫ୍ରୀ ବସ ପାସ ୧୨ ଜଣ ଓ ହୁଇଲ ଚେୟାର ୦୩ ଜଣଙ୍କୁ ପ୍ରଦାନ କରାଯାଇଥିଲା। ବିଡ଼ିଓ ସାକ୍ଷୀ ରେଡ୍ଡୀ ଜୟଶ୍ରୀ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ସୁଶ୍ରୀ ରଶ୍ମୀ ରେଖା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା।

## ଇସ୍କନର ଅଦିନିଆ ରଥଯାତ୍ରା ଓ କୁସଂସ୍କାର ସେବା ଭାରତୀୟ ସଂସ୍କୃତିର ପରିପନ୍ଥୀ

ଭଦ୍ରକ,୧୯।୮(ନିପ୍ର): ଇସ୍କନ ସଂସ୍ଥାର ଅଦିନିଆ ରଥଯାତ୍ରାକୁ ଓଡ଼ିଶା ରାଜ୍ୟ ତଥା ରାଷ୍ଟ୍ର ପକ୍ଷରୁ ଘୋର ବିରୋଧ କରି ଏହାକୁ ବନ୍ଦ କରିବା ନିମନ୍ତେ ଦେଶ ତଥା ବିଦେଶରେ ରହୁଥିବା ଇସ୍କନ ସଂସ୍ଥାକୁ ଅନୁରୋଧ କରାଯାଉଥିଲେ ହେଁ ତାହା ଏବଧି ସଫଳ ହୋଇ ପାରୁନାହିଁ। ଏହା ରାଷ୍ଟ୍ରିୟ ସଂସ୍କୃତିର ଘୋର ବିରୋଧି। ଆମ ସଂସ୍କୃତିରେ ବିଭିନ୍ନ ଦେବାଦେବୀଙ୍କ ପୂଜା ଆରାଧନା ତିଥି ଅନୁସାରେ ହୋଇ ଆସୁଅଛି। ଏକ କୃଷି ପ୍ରଧାନ ଦେଶରେ ତିଥି ଉପରେ ଗୁରୁତ୍ୱ ଦିଆଯାଇ ଆସୁଛି। ସେ ଦୃଷ୍ଟିରୁ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ବିଶ୍ୱ ବ୍ରହ୍ମାଣ୍ଡର ମାଲିକ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦ୍ୟ ଯାତ୍ରା ପାଳନ କରାଯାଇଥାଏ। ଆମ ଦେଶ ତଥା ରାଜ୍ୟରେ ଅଧିକାଂଶ ଓଡ଼ିଆ ଇସ୍କନ ସଂସ୍ଥାରେ ସାମିଲ ଥାଇ ଏହି ଅଦିନିଆ ରଥଯାତ୍ରାକୁ ସ୍ୱୀକାର କରୁଥିବା ଘୋର ପରିତାପର ବିଷୟ। ଏସବୁବ୍ୟତିତ ଏବେ ପଶ୍ଚିମବଙ୍ଗସ୍ଥିତ ଦୀଘା ଠାରେ ମମତା ବାନାର୍ଜୀଙ୍କ ଦ୍ୱାରା ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକଗଣ ପାଦରେ ଜୋତାପିନ୍ଧି ପ୍ରଭୁଙ୍କ ଭୋଗ ସାମଗ୍ରୀ ରନ୍ଧନ କରୁଥିବା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶ ପାଇଛି। ରନ୍ଧନ ସାମଗ୍ରୀ ମଧ୍ୟ ଅପାତ୍ରରେ ବ୍ୟବହାର କରାଯାଉଥିବା କୁହାଯାଉଛି। ଏହାକୁ ଓଡ଼ିଶାର ଅଗଣିତ ଶ୍ରୀଜଗନ୍ନାଥ ଭକ୍ତଭକ୍ତା ଘୋର ବିରୋଧ କରୁଛନ୍ତି।

**AFFIDAVIT**

By virtue of an affidavit no 2671 dated 19/08/2016 Sworn before the Executive Magistrate,Champua ,I Mohini Naik,D/o Ketu Naik, permanent Resident of Vill /Po-Uchabali,Ps-Baria,Dist -Keonjhar, 758044,Odisha, hereby changed my name from Mangali Naik(Old name )to Mohini Naik (New Name) Henceforth I shall be known as Mohini Naik for all purposes

S/D-Mohini Naik

# ନିଜ ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ କରିପାରିବେ ବରିଷ୍ଠ ନାଗରିକ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯।୮: ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ କହିଛନ୍ତି ଯେ 'ବରିଷ୍ଠ ନାଗରିକ ନିଜ ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ କରିପାରିବେ'। କୋର୍ଟ କହିଛନ୍ତି ଯେ ବଢ଼ୁଥିବା ବୟସର ଅର୍ଥ ଅସୁରକ୍ଷା ଓ ଅପମାନ ହେବା ଉଚିତ ନୁହେଁ, ସାରା ଜୀବନ ଗର୍ବର ସହ ବଞ୍ଚିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର। ଏ ବାବଦେ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ସେହି ଆଦେଶକୁ ଓଲଟାଇ ଦେଇଛନ୍ତି ଯେଉଁଥିରେ ପୁଅ ଓ ବୋହୂଙ୍କୁ ଘରୁ ବେଦଖଲ କରିବା ପାଇଁ ଟ୍ରିବ୍ୟୁନାଲ କୋର୍ଟଙ୍କ ଆଦେଶକୁ ରଦ୍ଦ କରାଯାଇଥିଲା। କୋର୍ଟ କହିଛନ୍ତି ଯେ ବୃଦ୍ଧଙ୍କ ଗାରିମା ପାଇଁ ପିଲାଙ୍କୁ ସମ୍ପତ୍ତିରୁ ବାହାର କରିବାକୁ ଆଦେଶ ଦେବା ଲାଗି ଟ୍ରିବ୍ୟୁନାଲ କୋର୍ଟଙ୍କ ଅଧିକାର ଅଛି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ପି.ଏସ.ନରସିମହା ଓ ଜଷ୍ଟିସ୍ ଆଲୋକ ଅରାଧେଙ୍କ ପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ଆଇନର ଉଦ୍ଦେଶ୍ୟ ବୟୋବୃଦ୍ଧଙ୍କ ଗାରିମା ଓ ସୁରକ୍ଷା ନିର୍ଦ୍ଧାରଣ କରିବା। ସଭ୍ୟସମାଜର ସ୍ତର ପ୍ରାୟ ଏହି କଥାରୁ ନିର୍ଦ୍ଧାରିତ ହୁଏ ସେ ନିଜ ବୟୋବୃଦ୍ଧଙ୍କୁ କିପରି ସମ୍ମାନ ଓ ସୁରକ୍ଷା ଦେଉଛନ୍ତି।ସୁପ୍ରିମକୋର୍ଟଙ୍କ ଏହି ରାୟ ଲକ୍ଷ୍ନୌର ବିକାଶ ନଗରସ୍ଥିତ ଆବାସୀୟ ଗୃହର ମାଲିକ ରବିକାନ୍ତ ଗୁପ୍ତାଙ୍କ ଦ୍ୱାରା ରୁଜୁ ଆବେଦନ ଉପରେ ଆସିଛି। ସେ ଆହ୍ଲାବାଦ ହାଇକୋର୍ଟରେ ସେହି ରାୟକୁ ଚ୍ୟାଲେଞ୍ଜ କରିଥିଲେ। ଯେଉଁଥିରେ ତାଙ୍କ ପୁଅ ଓ ବୋହୂଙ୍କ ବିରୋଧରେ ଗୃହୀତ ବେଦଖଲ ଆଦେଶକୁ ରଦ୍ଦ କରାଯାଇଥିଲା। ମାମଲା ସେତେବେଳେ ସାମ୍ନାକୁ ଆସିଲା ଯେତେବେଳେ ରବିକାନ୍ତ ଗୁପ୍ତାଙ୍କ ୮୦ ବର୍ଷ ବୟସ୍କ ମାଆଙ୍କୁ କଥିତ ରୂପେ ଜୋରଜବରଦସ୍ତ ବୃଦ୍ଧାଶ୍ରମ ପଠାଇ ଦିଆଯାଇଥିଲା। ଏହା ପରେ ରବିକାନ୍ତ ୫ ଜୁନ ୨୦୨୨ରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୨୦୦୭ ଅଧିନିୟମ ଅନୁସାରେ ନିଜ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବାକୁ ଦାବି କରିଥିଲେ। ଉପ ବିଭାଗୀୟ ମାଜିଷ୍ଟ୍ରେଟ୍ ୧୫ ନଭେମ୍ବର ୨୦୨୨ର ଆଦେଶରେ କହିଥିଲେ ସମ୍ପତ୍ତି ରବିକାନ୍ତ ଗୁପ୍ତାଙ୍କ ସ୍ୱ ଅର୍ଜିତ ଓ ଏହା ଜାଣିବାକୁ ପାଇଲେ ଯେ ତାଙ୍କ ପୁଅ ଜେଜେମାଙ୍କୁ ଘରେ ରହିବାକୁ ଦେଉ ନଥିଲେ ଓ ଏଥି ପାଇଁ ଉପଦ୍ରବ କରୁଥିଲେ। ଏଣୁ ଜିଲ୍ଲା ମାଜିଷ୍ଟ୍ରେଟ୍ ପୁଅକୁ ସମ୍ପତ୍ତିରୁ ବେଦଖଲ ଆଦେଶ ଦେଇଥିଲେ। ଜିଲ୍ଲା ମାଜିଷ୍ଟ୍ରେଟ୍ ପରେ ୯ ଅଗଷ୍ଟ ୨୦୨୩ରେ ତାଙ୍କ ପୂର୍ବ ଆଦେଶକୁ କାୟମ ରଖି ପୁଅ ତାଙ୍କ ପତ୍ନୀଙ୍କୁ ଘର ଖାଲି କରି ଦାୟିତ୍ୱ ରବିକାନ୍ତ ଗୁପ୍ତାଙ୍କୁ ନ୍ୟସ୍ତ କରିବାକୁ ଆଦେଶ ଦେଇଥିଲେ। ଏହା ପରେ ରବିକାନ୍ତଙ୍କ ପୁଅ ଓ ବୋହୂ ଆହ୍ଲାବାଦ ହାଇକୋର୍ଟରେ ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ପୂର୍ବର ଏକ ଆଦେଶ ଉଦାହରଣ ଦେଇ କହିଥିଲେ ଯେ ମାତା-ପିତା ଓ ବରିଷ୍ଠ ନାଗରିକଙ୍କ ଭରଣ-ପୋଷଣ ଓ କଲ୍ୟାଣ ଅଧିନିୟମ ଅନୁସାରେ ଅଧିକାରୀଙ୍କୁ ବେଦଖଲ ଆଦେଶ ଗୃହୀତ କରିବାର ଅଧିକାର ନାହିଁ। ଏଣୁ ମାମଲାରେ ହାଇକୋର୍ଟ ଏସଡିଏମ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ରାୟକୁ ଖାରଜ କରିଦେଇଥିଲେ। ଏହା ପରେ ମାମଲା ଯେତେବେଳେ ସୁପ୍ରିମକୋର୍ଟକୁ ପହଞ୍ଚିଲା ସେତେବେଳେ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିଦେଇଛନ୍ତି।

## ମହୁଆଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି



କୋଲକାତା, ୧୯।୮: ତୃଣ ମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରାଙ୍କୁ ପିଛା ଛାଡୁନି ସମସ୍ୟା। ନଦିଆ ଜିଲ୍ଲା କୃଷ୍ଣନଗରସ୍ଥିତ ତୃତୀୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଏକ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। କୋର୍ଟରେ ହାଜର ହେବା ପାଇଁ ତାଙ୍କୁ ଅନେକ ସମନ ଜାରି ହୋଇଥିଲା। ତେବେ ସେ ହାଜର ନ ହେବାରୁ ଶେଷରେ କୋର୍ଟ ଗିରଫ ୱାରେଣ୍ଟ ଜାରି କରିଛନ୍ତି। କଥିତ ଆପତ୍ତିଜନକ ବୟାନ ଲାଗି କୋର୍ଟ ଏହି ୱାରେଣ୍ଟ ଜାରି କରିଛନ୍ତି। ଅଭିଯୋଗରେ ମହୂଆ ମୋଇତ୍ରାଙ୍କ ବିରୋଧରେ ମହିଳାଙ୍କ ସମ୍ମାନକୁ ଠେସ୍ ପହଞ୍ଚାଇବା, ପୃଥକ-ପୃଥକ ସମୁଦାୟ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା, ଲୋକଙ୍କ ଧାର୍ମିକ ଭାବନାକୁ ଆହତ କରିବା ଓ ଅପରାଧିକ ଧମକ ଦେବା ଆଦି ଅଭିଯୋଗ କରାଯାଇଛି, ଯାହା ଦ୍ୱାରା ଶାନ୍ତି ଭଙ୍ଗ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏ ବାବଦେ କୋର୍ଟ ଅନେକବାର ମହୂଆଙ୍କୁ ସମନ ଜାରି କରିଥିଲା, ହେଲେ ମହୂଆ ଟାଳି ଚାଲିଥିଲେ। ଏହା ପରେ କୋର୍ଟ ଗିରଫ ୱାରେଣ୍ଟ ଜାରି କରିବାକୁ ନିଷ୍ପତ୍ତି ନେଇଥିଲେ।ପୋଲିସ ଅନୁସାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ) ଧାରା ୨୨୭ରେ ମାମଲା ରୁଜୁ ହୋଇଥିଲା। କୋର୍ଟରେ ଏହି ମାମଲାର ଶୁଣାଣି କାଳରେ ମହୂଆଙ୍କୁ ଅନେକବାର ସମନ କରାଯାଇଥିଲା।

## ଜାମ୍ମୁ-କାଶ୍ମୀର ଭାରତର ଗୁରୁତ୍ୱପୂର୍ଣ୍ଣ ଅଂଶ: ଆମେରିକା ରାଷ୍ଟ୍ରଦୂତ



ଶ୍ରୀନଗର, ୧୯।୮: ଜାମ୍ମୁ-କାଶ୍ମୀର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଛନ୍ତି ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର। ବୁଧବାର ପ୍ରଥମ ଥର ପାଇଁ ଶ୍ରୀନଗର ଗସ୍ତରେ ଆସିଥିବା ଗୋର ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ସାକ୍ଷାତ୍ କରିଥିଲେ। ଏହି ସାକ୍ଷାତ୍ ପରେ ସେ ଆମେରିକାର ଜାମ୍ମୁ-କାଶ୍ମୀର ସମ୍ପର୍କିତ ଯାତ୍ରା ପରାମର୍ଶକୁ ପୁନର୍ବିଚାର କରାଯାଇପାରେ ବୋଲି ସଙ୍କେତ ଦେଇଛନ୍ତି। ଗୋର କହିଛନ୍ତି, ଜାମ୍ମୁ-କାଶ୍ମୀର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଅଞ୍ଚଳର ବର୍ତ୍ତମାନ ସ୍ଥିତିକୁ ନେଇ ଆମେରିକା ନଜର ରଖିଛି। ଏହାକୁ ଆଧାର କରି ଆମେରିକା ନିଜର ଯାତ୍ରା ପରାମର୍ଶରେ ପରିବର୍ତ୍ତନ ଆଣିବା ନେଇ ବିଚାର କରିବ ବୋଲି ସେ କହିଛନ୍ତି। ଏହି ବିବୃତି ଭାରତ-ଆମେରିକା ସମ୍ପର୍କ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ଶ୍ରୀନଗର ଗସ୍ତ ସମୟରେ ଗୋର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରିଥିଲେ। ଏହା ଗୋରଙ୍କ ଭାରତରେ ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନେବା ପରେ ଜାମ୍ମୁ-କାଶ୍ମୀରକୁ ପ୍ରଥମ ଗସ୍ତ। ତାଙ୍କ ଗସ୍ତକୁ ନେଇ ଅଞ୍ଚଳର ସୁରକ୍ଷା ସ୍ଥିତି, ପର୍ଯ୍ୟଟନ ଓ ଆମେରିକାର ଯାତ୍ରା ପରାମର୍ଶ ନେଇ ଆଲୋଚନା ଗୁରୁତ୍ୱ ପାଇଛି। ବର୍ତ୍ତମାନ ଜାମ୍ମୁ-କାଶ୍ମୀର ସମ୍ପର୍କରେ ଆମେରିକାର ଯାତ୍ରା ପରାମର୍ଶରେ ନାଗରିକଙ୍କୁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବାକୁ କୁହାଯାଇଛି।

## ୨୩୪ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଉପହାର
## ସରକାରୀ କାର୍, ୭୫ ହଜାର ଟଙ୍କାର ସ୍ୱତନ୍ତ୍ର ଭତ୍ତା



ଚେନ୍ନାଇ, ୧୯।୮: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି.ଯୋଶେଫ ବିଜୟ ରାଜ୍ୟର ୨୩୪ ବିଧାୟକଙ୍କ ପାଇଁ ଏକ ବଡ଼ ଉପହାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ, ପ୍ରତ୍ୟେକ ବିଧାୟକଙ୍କୁ ଏକ ସରକାରୀ କାର, ମାସିକ ଇନ୍ଧନ ଏବଂ ରକ୍ଷଣାବେକ୍ଷଣ ଭତ୍ତା ଏବଂ ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା କଭରେଜ୍ ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଶାସକ ଦଳ ଏବଂ ଅନ୍ୟ ବିଧାୟକ ଖୋଲାଖୋଲି ଭାବରେ ସ୍ୱାଗତ କରିଛନ୍ତି। ବିଧାୟକମାନଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀରେ ସାଧାରଣ ସେବା କାର୍ଯ୍ୟକୁ ସହଜ କରିବା ପାଇଁ ପ୍ରତ୍ୟେକଙ୍କୁ ଏକ ସରକାରୀ ଗାଡ଼ି ଯୋଗାଇ ଦିଆଯିବ। ଡ୍ରାଇଭର, ଇନ୍ଧନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ ସରକାର ପ୍ରତି ମାସରେ ୭୫ ହଜାର ଟଙ୍କାର ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବେ। ସରକାରୀ କାର୍ଯ୍ୟ ପରିଚାଳନା ପାଇଁ ଜଣେ ସଚିବଙ୍କୁ ନିଯୁକ୍ତି ଦେବା ପାଇଁ ଅତିରିକ୍ତ ୨୫ ହଜାର ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯିବ। ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କଭର ୫ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ବିଜୟ ବିଧାନସଭାରେ ଖର୍ଚ୍ଚକୁ ଯଥାର୍ଥ ବୋଲି କହିଛନ୍ତି। ସାଧାରଣ ସମସ୍ୟାର ସମାଧାନ ପାଇଁ ବିଧାୟକମାନଙ୍କୁ ବାରମ୍ବାର ସେମାନଙ୍କ ନିର୍ବାଚନମଣ୍ଡଳୀ ଗସ୍ତ କରିବାକୁ ପଡ଼େ। ଅନେକ ବିଧାୟକ ସାଧାରଣ ପୃଷ୍ଠଭୂମିରୁ ଆସିଛନ୍ତି ଏବଂ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ଶାସନ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ଆବଶ୍ୟକ ବୋଲି ସେ କହିଛନ୍ତି।

## ତେଲେଙ୍ଗାନାରେ ପ୍ରିନ୍ସପାଲ୍‌ଙ୍କୁ ହତ୍ୟା
### ୨୭ ଥର ଛୁରୀ ଭୁସିଥିଲେ ୨ ଛାତ୍ର



ନୂଆଦିଲ୍ଲୀ, ୧୯।୮: ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲାରେ ୨ ଜଣ ଦଶମ ଶ୍ରେଣୀ ଛାତ୍ର ସେମାନଙ୍କ ସ୍କୁଲର ନିର୍ଦ୍ଦେଶକ ଓ ପ୍ରିନ୍ସପାଲଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅଟକ ରହିଛନ୍ତି। ଅଗଷ୍ଟ ୧୨ ତାରିଖରେ କୋଣ୍ଡାମଲ୍ଲେପଲ୍ଲି ମଣ୍ଡଳର ନାଗାର୍ଜୁନ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସପାଲ ଓ ନିର୍ଦ୍ଦେଶକ କେ ରୁପା ରେଡ୍ଡୀଙ୍କର ତାଙ୍କ ବାସଭବନରେ ମୃତ୍ୟୁ ହୋଇଥିଲା। ତାଙ୍କ ଶରୀରରେ ୨୭ଟି ଛୁରାମାଡ଼ ହୋଇଥିଲା। ପୁଲିସ ଅନୁଯାୟୀ ଛାତ୍ରମାନେ ରୂପା ରେଡ୍ଡୀଙ୍କୁ ଟଙ୍କା ପାଇଁ ହତ୍ୟା କରିଛନ୍ତି। ରୂପା ରେଡ୍ଡୀ ତାଙ୍କ ସ୍ୱାମୀ ରାଜେନ୍ଦର ରେଡ୍ଡୀଙ୍କ ସହ ରହନ୍ତି। ହତ୍ୟା ସମୟରେ ରାଜେନ୍ଦର ହାଇଦ୍ରାବାଦରେ ତାଙ୍କ କାର୍ଯ୍ୟସ୍ଥଳରେ ଥିଲେ। ଦମ୍ପତି ମଧ୍ୟ ହାଇଦ୍ରାବାଦରେ ଏକ ଘର କିଣିଥିଲେ। ସେମାନଙ୍କ ପୁଅ ଅଭିନବ ରେଡ୍ଡୀ ଇଞ୍ଜିନିୟରିଂ ପଢୁଛନ୍ତି। ଦମ୍ପତି ୩ ଦିନିଆ ଛୁଟି କାଟିବା ପାଇଁ ହାଇଦ୍ରାବାଦ ଯାଇଥିଲେ। ତେବେ ରାଜେନ୍ଦ୍ର ରେଡ୍ଡୀ କାମ ପାଇଁ ହାଇଦ୍ରାବାଦରେ ଥିବାବେଳେ ଅଗଷ୍ଟ ୧୦ ତାରିଖରେ ରୂପା ରେଡ୍ଡୀ ଏକାକୀ କୋଣ୍ଡାମଲ୍ଲେପଲ୍ଲି ଫେରିଥିଲେ। ରୂପା ରେଡ୍ଡୀ ସେଦିନ ସ୍କୁଲ୍ ଯାଇଥିଲେ ଏବଂ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ସ୍କୁଲରେ ରହିଥିଲେ। ତେବେ ଏହାର ପରଦିନ ସେ ସ୍କୁଲ୍ ଆସିନଥିଲେ। ରାଜେନ୍ଦ୍ର ତାଙ୍କ ସହ ଫୋନରେ ଅଭିଯୋଗ କରିଥିଲେ। ପୁଲିସ ଅଫିସର୍ ରୂପାଙ୍କ ଘର ନିକଟରେ ପହଞ୍ଚିଥିଲେ ଏବଂ ପଡ଼ୋଶୀଙ୍କ ସହ ତାଙ୍କ ଘରେ ପଶି ରୂପାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ପୁଲିସ ଏହି ମାମଲାରେ ରୂପା ରେଡ୍ଡୀଙ୍କ ସ୍ୱାମୀଙ୍କ ସମେତ ୫୦ରୁ ଅଧିକ ଲୋକଙ୍କୁ ଜେରା କରିଛି। ପୁଲିସ ସିସିଟିଭି ଯାଞ୍ଚ ପରେ ଏହି ଘଟଣାରେ ଜଡ଼ିତ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା କରିଥିଲା। ଜେରା ସମୟରେ ସେମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଟଙ୍କା ବୋଲି ସେମାନେ କହିଛନ୍ତି। ପୁଲିସ ଅନୁଯାୟୀ ୨ ଜଣ ମାସ୍କ ଓ ହୁଡି ପିନ୍ଧି ରୂପାଙ୍କ ଘରକୁ ଅଗଷ୍ଟ ୧୧ ତାରିଖରେ ପଶିଥିଲେ।

## ସୁନା ଖଣି ଧସି ୩୦ ମୃତ

ଜୋହାନ୍ସବର୍ଗ, ୧୯/୮: ସୁନା ଖଣିରେ ଅଘଟଣ। ଧସିଗଲା ଖଣି। ଚାପି ହୋଇ ରହିଗଲେ ଶ୍ରମିକ। ଏବେ ସୁଦ୍ଧା ୩୦ ଶ୍ରମିକ ମୃତ। ଏପରି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରୀୟ ଆଫ୍ରିକାର ପଶ୍ଚିମ ପ୍ରାନ୍ତରେ। ଏଠାରେ ଏକ ସୁନା ଖଣିରେ ଶ୍ରମିକମାନେ ଖନନ କରୁଥିବା ବେଳେ ଅଘଟଣ ଘଟିଥିବା ଜଣାପଡିଛି। ରିପୋର୍ଟ ଅନୁସାରେ, କେନ୍ଦ୍ରୀୟ ଆଫ୍ରିକାର ଆବା ପ୍ରାନ୍ତରେ ଏକ ବିରାଟ ସୁନା ଖଣି ରହିଛି । ଏଠାରୁ ସବୁଦିନ ସୁନା ଖନନ କରାଯାଏ । ତେବେଏଠାରେ ଶ୍ରମିକମାନେ କାମ କରୁଥିବା ବେଳେ ଏହା ଧସି ଯାଇଥିଲା । ଫଳରେ ୫୦ରୁ ଅଧିକ ଶ୍ରମିକ ଚାପି ହୋଇ ରହିଯାଇଥିଲେ । ସେମାନଙ୍କ ମଧ୍ୟରୁ ୩୦ ଜଣ ପ୍ରାଣ ହରାଇଥିବା ସ୍ଥାନୀୟ ପ୍ରଶାସନ କହିଛି ।

## ପତ୍ନୀ ବୁଶରା ବିବି ଓ ଭଉଣୀଙ୍କୁ ୯ ମାସ ପରେ ଜେଲରେ ଭେଟିଲେ ଇମ୍ରାନ ଖାନ

ଇସ୍ଲାମାବାଦ, ୧୯।୮: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ) ନେତା ଇମ୍ରାନ ଖାନ ରାୱଲ ପିଣ୍ଡି ଆଦିୟାଲା ଜେଲରେ ୯ ମାସର ଦୀର୍ଘ ବ୍ୟବଧାନ ପରେ ପ୍ରଥମ ଥର ନିଜ ପତ୍ନୀ ବୁଶରା ବିବି ଓ ଭଉଣୀଙ୍କୁ ଭେଟିଛନ୍ତି। ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ପ୍ରକଟ କରାଯିବା ପରେ ସବୁ ସପ୍ତାହରେ ପରିଜନଙ୍କୁ ଭେଟିବାକୁ ଅନୁମତି ପ୍ରଦାନ କରିବା ଯୋଗୁ ଏହା ସମ୍ଭବ ହୋଇଛି। ପାକିସ୍ତାନୀ ସମ୍ବାଦପତ୍ର 'ଡନ' ରିପୋର୍ଟ ଅନୁସାରେ ଇମ୍ରାନଙ୍କ ଭଉଣୀ ନୋରିନ ନିୟାଜୀ ଜେଲ କନଫରେନ୍ସ ରୂମରେ ପାଖାପାଖି ୧୫ ମିନିଟ୍ ପର୍ଯ୍ୟନ୍ତ ଇମ୍ରାନଙ୍କ ସହ କଥା ହୋଇଛନ୍ତି।ଏହି ସମୟରେ ନୋରିନ ଓ ଇମ୍ରାନ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆଇନଗତ ସ୍ଥିତି ନେଇ ଆଲୋଚନା କରିଛନ୍ତି।

## ଝାଡ଼ଖଣ୍ଡରେ ଅନିୟମିତତା ଅଭିଯୋଗରେ ୪୪ ନିଯୁକ୍ତି ପରୀକ୍ଷା ବାତିଲ

ରାଞ୍ଚି, ୧୯।୮: ନିଯୁକ୍ତି ପରୀକ୍ଷାରେ ଅନିୟମିତତାକୁ ନେଇ ଛାତ୍ର ଆନ୍ଦୋଳନ ଜାରି ରହିଥିବାବେଳେ ଝାଡ଼ଖଣ୍ଡ ସରକାର ୪୪ଟି ପରୀକ୍ଷା ବାତିଲ କରିବାର ତାଲିକା ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ସରକାର ୮ଟି ପୃଥକ୍ ବିଜ୍ଞପ୍ତି ଜାରି କରି ଏହି ପଦକ୍ଷେପ ସମ୍ପର୍କରେ ଜଣାଇଛନ୍ତି। ୨୦୧୪ରୁ ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍ସି) ଏବଂ ଆଉଟସୋର୍ସିଂ ସଂସ୍ଥା ଟିଏସ୍ଆର୍ ଡାଟା ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍ (ଟିଡିପିଏଲ୍) ଦ୍ୱାରା କରାଯାଇଥିବା ବିଭିନ୍ନ ପରୀକ୍ଷା ଏହି ତାଲିକାରେ ରହିଛି। ବାତିଲ ହୋଇଥିବା ପରୀକ୍ଷା ମଧ୍ୟରେ ଡ୍ରଗ୍ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ପ୍ରଫେସର, ଡେପୁଟି କଲେକ୍ଟର, ଦନ୍ତ ଚିକିତ୍ସକ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ସିଭିଲ୍ ଜଜ୍, ଆଡିସନାଲ ପବ୍ଲିକ୍ ପ୍ରସିକ୍ୟୁଟର ଓ ଫରେଷ୍ଟ ରେଞ୍ଜ୍ ଅଫିସର ପଦ ପାଇଁ ହୋଇଥିବା ନିଯୁକ୍ତି ପରୀକ୍ଷା ରହିଛି।

## ହର୍ମୁଜ୍ ଉପରେ ଟ୍ରମ୍ପଙ୍କ ଦାବିକୁ ପରିହାସ କଲା ଇରାନ
# ୭ ହଜାର ମାଇଲ ଦୂରରେ ବସି ଦେଖୁଥିବା ସ୍ୱପ୍ନ କେତେ ବାସ୍ତବ ?

ନୂଆଦିଲ୍ଲୀ, ୧୯।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହର୍ମୁଜ ପ୍ରଣାଳୀ ଉପରେ ଦାବି ପରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ସେ ଏହି ଗୁରୁତ୍ୱପୂର୍ଣ୍ଣ ପଥକୁ ନୂତନ ଆମେରିକା ଅଞ୍ଚଳ ଭାବରେ ଘୋଷଣା କରିଛନ୍ତି। ତାଙ୍କ ମନ୍ତବ୍ୟ ପରେ ଇରାନ ପକ୍ଷରୁ ତୀବ୍ର ଏବଂ କଠୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇରାନର ସର୍ବୋଚ୍ଚ ସୁରକ୍ଷା ପରିଷଦର ନୂତନ ସଚିବ ମୋହସେନ ରେଜାଇ ଟ୍ରମ୍ପଙ୍କ ଘୋଷଣାକୁ ଖୋଲାଖୋଲି ଭାବରେ ପରିହାସ କରି କହିଛନ୍ତି ଯେ ଏହି ରଣନୈତିକ ସମୁଦ୍ର ମାର୍ଗକୁ ପୁନଃ ଖୋଲିବାରେ ୱାସିଂଟନର ବିଫଳତା ଏବଂ ଏହା ଉପରେ ନିଜର କର୍ତ୍ତୃତ୍ୱର ଦାବି ମଧ୍ୟରେ ପାର୍ଥକ୍ୟ ୭ ହଜାର ମାଇଲ ଦୂରତା ଅପେକ୍ଷା ବହୁତ ଅଧିକ। ରେଜାଇ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ସହିତ ବିଶ୍ୱ ମାନଚିତ୍ରର ଏକ ଫଟୋ ରଖି କଟାକ୍ଷ କରି ଲେଖିଛନ୍ତି ଯେ କିଛି ସ୍ୱପ୍ନ ବାସ୍ତବତାଠାରୁ ବହୁତ ଦୂରରେ ଥାଏ। ସେ ପାରସ୍ୟ ଉପସାଗରରେ ଆମେରିକା ପରବର୍ତ୍ତୀ ଯୁଗର ପ୍ରାଧାନ୍ୟକୁ ସ୍ୱାଗତ କରିବା ସହ ଟ୍ରମ୍ପଙ୍କ ଦାବିକୁ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ







ବିବାଦୀୟ ମାନଚିତ୍ର ପୋଷ୍ଟ କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଞ୍ଚଳ ଭାବରେ ଦର୍ଶାଇ ଜଳପଥକୁ କବଜା କରିବା ପାଇଁ ତାଙ୍କର ସାମ୍ପ୍ରତିକ କୂଟନୈତିକ ଧମକକୁ ଦୋହରାଇଥିଲେ। ଏହା ଅନ୍ତର୍ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା।

## ଅଭିଷେକ ବାନାର୍ଜୀଙ୍କ ପିଏଙ୍କ ତଦନ୍ତ ରେକର୍ଡ ଯାଞ୍ଚ କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୮: ସୁପ୍ରିମକୋର୍ଟ ବୁଧବାର ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ବ୍ୟକ୍ତିଗତ ସହାୟକ ସୁମିତ ରୟଙ୍କ ବିରୋଧରେ ଚାଲିଥିବା ଏକ ତଦନ୍ତ ରେକର୍ଡ ଯାଞ୍ଚ କରିବାକୁ ରାଜି ହୋଇଛନ୍ତି। ଏକ ଜମି ଦଖଲ ମାମଲାରେ ରୟଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ମଧ୍ୟ କୋର୍ଟ ଆସନ୍ତା ସପ୍ତାହରେ କରିବେ ବୋଲି ଧାର୍ଯ୍ୟ କରିଛନ୍ତି। କୋର୍ଟ ଅଗଷ୍ଟ ୬ ତାରିଖରେ ରୟଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଥିଲେ। ପଶ୍ଚିମବଙ୍ଗ ପୁଲିସ କୋର୍ଟଙ୍କୁ କହିଛି ଯେ ରୟ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହୋଇଥିଲେ ମଧ୍ୟ ତଦନ୍ତରେ ସହଯୋଗ କରୁନାହାନ୍ତି। ପୁଲିସ ତଦନ୍ତ ରେକର୍ଡ କୋର୍ଟରେ ଦାଖଲ କରି କହିଛି ଯେ ଏହି ମାମଲାରେ ତଦନ୍ତ ରେକର୍ଡର ଏହା କେବଳ ଏକ କ୍ଷୁଦ୍ର ଅଂଶ । କୌଣସି ଆଦେଶ ଦେବା ପୂର୍ବରୁ କୋର୍ଟ ଏହି ରେକର୍ଡଗୁଡ଼ିକୁ ଯାଞ୍ଚ କରନ୍ତୁ ବୋଲି ରାଜ୍ୟ ପକ୍ଷ ଅନୁରୋଧ କରିଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ କହିଛନ୍ତି, ' ଆମେ ଏହାକୁ ଯାଞ୍ଚ କରିବୁ ଏବଂ ଆସନ୍ତା ସପ୍ତାହରେ ମାମଲାର ଶୁଣାଣି କରିବୁ। ରାଜ୍ୟ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ୍ ତୁଷାର ମେହଟା କହିଥିଲେ, ମୁଁ ରେକର୍ଡଗୁଡ଼ିକୁ ଯାଞ୍ଚ କରିଛି ଏବଂ କହିପାରିବି ଯେ ଏହା ବିସ୍ତୃତ ରେକର୍ଡର ଏକ କ୍ଷୁଦ୍ର ଅଂଶ। ତେବେ ରାୟଙ୍କ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ କହିଛନ୍ତି, ତାଙ୍କ ମହକିଲ ତଦନ୍ତରେ ସହଯୋଗ କରୁଛନ୍ତି।

## ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ: ୯ ବାଂଲାଦେଶୀ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ, ୧୯।୮ : ପଶ୍ଚିମବଙ୍ଗରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। କୋଲକାତାର ବ୍ୟସ୍ତବହୁଳ ଏବଂ ଘନ ଜନବସତି ଅଞ୍ଚଳ ନ୍ୟୁ ମାର୍କେଟରେ ଅବସ୍ଥିତ ଫ୍ରି ସ୍କୁଲ ଷ୍ଟ୍ରିଟ ନିକଟରେ ଥିବା ଏକ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ନଅ ଜଣ ବାଂଲାଦେଶୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେମାନେ ଚିକିତ୍ସା ପାଇଁ କୋଲକାତା ଆସିଥିଲେ। ଏହି ଘଟଣାରେ ଛଅ ଜଣ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଅନେକ ଦମକଳ ଗାଡ଼ି ନିଆଁ ଲିଭାଇବାରେ ନିୟୋଜିତ ଅଛନ୍ତି। ପଶ୍ଚିମବଙ୍ଗ ଅଗ୍ନିଶମ ବିଭାଗର ମୁଖ୍ୟାଳୟ ନିକଟରେ ଅଗ୍ନକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ମାତ୍ରେ, ଚାରୋଟି ଦମକଳ ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଏକ ବିପର୍ଯ୍ୟୟ ପରିଚାଳନା ଦଳ ମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଯୋଗ ଦେଇଥିଲା। ହୋଟେଲଟି ଏକ ସଂକୀର୍ଣ୍ଣ ଅଞ୍ଚଳରେ ଥିବାରୁ ଅଗ୍ନିଶମ ଗାଡ଼ି ପହଞ୍ଚିବାରେ ଅସୁବିଧା ହୋଇଥିଲା। ଘନ କଳା ଧୂଆଁ ଯୋଗୁଁ ଅଗ୍ନିଶମ କର୍ମଚାରୀମାନେ ସିଡ଼ି ଚଢ଼ିବାରେ କଷ୍ଟକର ହୋଇପଡ଼ିଥିଲା। ଭୋର ପ୍ରାୟ ୩ଟା ସମୟରେ ହୋଟେଲରେ ନିଆଁ ଲାଗିଥିଲା। ହୋଟେଲରେ ଲୋକେ ଗଭୀର ନିଦରେ ଶୋଇଥିଲେ, ଯାହା ଫଳରେ ଅନେକ ଲୋକ କୋଠା ଭିତରେ ଫସି ରହିଥିଲେ। ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ଯେ ଅଗ୍ନିକାଣ୍ଡଟି ଏୟାର-କଣ୍ଡିସନରରେ ବିସ୍ଫୋରଣ ଯୋଗୁଁ ହୋଇଥାଇପାରେ, ଯଦିଓ ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ମଧ୍ୟାହ୍ନ ଭୋଜନ ଖାଇ ୨୦ରୁ ଅଧିକ ଛାତ୍ର ହସ୍ପିଟାଲରେ ଭର୍ତ୍ତି

ପାଟନା, ୧୯।୮: ବିହାରର ନାଳନ୍ଦା ଜିଲ୍ଲାର ଏକ ସରକାରୀ ସ୍କୁଲରେ ମଙ୍ଗଳବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ୨୦ରୁ ଅଧିକ ଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ନୁର୍ସରାଇ ଥାନା ଅଞ୍ଚଳର ପାରାସିର ମଧ୍ୟମା ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଅସୁସ୍ଥ ଛାତ୍ରମାନଙ୍କୁ ବିହାର ଶରିଫ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିଭିଲ୍ ସର୍ଜନ ଡାକ୍ତର ଜୟ ପ୍ରକାଶ ସିଂହ ହସ୍ପିଟାଲ ପରିଦର୍ଶନ କରି ଛାତ୍ରମାନଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ସମସ୍ତ ପିଲା ବିପଦମୁକ୍ତ ଥିବା ଡାକ୍ତର ସିଂହ କହିଛନ୍ତି। ପ୍ରଧାନଶିକ୍ଷକ ଶୈଳେନ୍ଦ୍ର କୁମାର ସିଂହ କହିଛନ୍ତି ଯେ, ନିର୍ଦ୍ଧାରିତ ମେନୁ ଅନୁଯାୟୀ ଏକ ଏନଜିଓ ଦ୍ୱାରା ସୋୟାବିନ୍ ଭାତ ସହିତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇଥିଲା।

## ଉପସାଗରୀୟ ଦେଶଗୁଡ଼ିକୁ ଇରାନର ଚେତାବନୀ

ତେହରାନ, ୧୯।୮: ଆମେରିକା-ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଇରାନର ସଶସ୍ତ୍ର ବାହିନୀ ଉପସାଗରୀୟ ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛି। ଆମେରିକାର ସାମରିକ ଅଭିଯାନରେ କୌଣସି ପ୍ରକାର ସହାୟତା କିମ୍ବା ସୁବିଧା ଯୋଗାଇଲେ, ତାହାକୁ ଆମେରିକାର ସାମରିକ କାର୍ଯ୍ୟରେ ଅଂଶଗ୍ରହଣ ବୋଲି ଧରାଯିବ ଏବଂ ସମ୍ପୃକ୍ତ ଦେଶକୁ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ କହିଛି। ଇରାନର ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଷ୍ଟାଫ୍ ଅଲି ଅବଦୋଲ୍ଲାହି ବୁଧବାର ଏହି ଚେତାବନୀ ଦେଇଥିବା ଇରାନୀ ସମ୍ବାଦ ସଂସ୍ଥା 'ମେହର' ରିପୋର୍ଟ କରିଛି। ଅବଦୋଲ୍ଲାହି କହିଛନ୍ତି, ଆକ୍ରମଣକାରୀ ଆମେରିକାକୁ ଯେକୌଣସି ପ୍ରକାର ସହାୟତା କିମ୍ବା ସୁବିଧା ଦେବା ଆମେରିକାର ସାମରିକ ଅଭିଯାନରେ ସାମିଲ ହେବା ସହ ସମାନ। ପାରସ୍ୟ ଉପସାଗର ସୀମାକୁ ଲାଗିଥିବା ଦେଶଗୁଡ଼ିକ ପୂର୍ବରୁ ଆମେରିକାକୁ ନିଜ ଅଞ୍ଚଳ ଇରାନ ବିରୋଧରେ ବ୍ୟବହାର କରିବାକୁ ଦେବେ ନାହିଁ ବୋଲି ବିଭିନ୍ନ ସମୟରେ କହିଛନ୍ତି।

## ସିଏନଜି ଷ୍ଟେସନରେ ଗ୍ୟାସ୍ ଟାଙ୍କି ଫାଟି ୩ ମୃତ

ନୂଆଦିଲ୍ଲୀ, ୧୯।୮: ଦିଲ୍ଲୀର ଟିକରି କଲନରେ ଆଜି ଏକ ସିଏନଜି ଷ୍ଟେସନରେ ରହସ୍ୟଜନକ ଭାବେ ଏକ ଟ୍ରକର ଗ୍ୟାସ୍ ଟାଙ୍କି ଫାଟିଯିବା ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି। ୩ ମୃତକ ହେଉଛନ୍ତି ସିଏନଜି ଷ୍ଟେସନର କର୍ମଚାରୀ ଏବଂ ସେମାନଙ୍କ ମଧ୍ୟରୁ ଜଣେ ଗ୍ୟାସ୍ ଟାଙ୍କି ବିସ୍ଫୋରଣ ସମୟରେ ଗ୍ୟାସ୍ ଟାଙ୍କିରେ ଗ୍ୟାସ୍ ଭର୍ତ୍ତି କରୁଥିଲେ। ସେହିପରି ଟ୍ରକ୍ ଡ୍ରାଇଭର ଏବଂ ପାଖରେ ଠିଆ ହୋଇଥିବା ଅନ୍ୟ ବ୍ୟକ୍ତିମାନେ ବିସ୍ଫୋରଣ ଯୋଗୁ ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ୩.୩୭ ସମୟରେ ବିସ୍ଫୋରଣ ଖବର ମିଳିଲା ବୋଲି ଦିଲ୍ଲୀ ଅଗ୍ନି ସେବା ପକ୍ଷରୁ କୁହାଯାଇଛି।

## ଚୀନ୍‌ରେ ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ ୧୯।୮; ପୁଣି ଭୂକମ୍ପରେ ଥରିଲା ଚୀନ। ବୁଧବାର ସ୍ଥାନୀୟ ସମୟ ସକାଳ ୫:୩୬ ସମୟରେ ଉତ୍ତର-ପଶ୍ଚିମ ଚୀନର କିଙ୍ଗହାଇ ପ୍ରଦେଶରେ ଏକ ଭୂକମ୍ପ ଅନୁଭୂତ ହୋଇଥିଲା। ଚୀନ୍ ଭୂମିକମ୍ପ ନେଟୱାର୍କସ୍ ସେଣ୍ଟର ଅନୁଯାୟୀ, ଭୂକମ୍ପର ତୀବ୍ରତା ୫.୬ ଥିଲା। ଏହାର କେନ୍ଦ୍ରସ୍ଥଳ କିଙ୍ଗହାଇର ହାଇକ୍ସି ପ୍ରଦେଶରେ ଭୂମି ତଳେ ପ୍ରାୟ ୧୦ କିଲୋମିଟର ଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ୩୭.୮୧ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୯୫.୬୩ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା। ଭୂକମ୍ପର ଗଭୀରତା କମ୍ ଥିବାରୁ, ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା।

### ପେଟିଏମ୍ କରାଇବାର ଆଳ ଦେଖାଇ

# ମହିଳା ଚା'ଦୋକାନୀଙ୍କ ଆକାଉଣ୍ଟରୁ ୯୦ ହଜାର ଲୁଟ୍

ବେତନଟୀ: ପେଟିଏମ କରାଇବାର ଆଳ ଦେଖାଇ ମହିଳା ଚା' ଦୋକାନୀଠାରୁ ୯୦ ହଜାର ଲୁଟ୍ ହୋଇଛି । ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଛକରେ । ଉକ୍ତ ଛକରେ ଚା' ଦୋକାନ କରିଥିବା ଜନୈକା ଅସହାୟ ବିଧବା ମହିଳାଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ୯୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚଳୁ କରିବାପରେ ଠକାମୀର ଶୀକାର ମହିଳାଙ୍କ ଶାଶୂଙ୍କ ଆକାଉଣ୍ଟ ନମ୍ବରରେ ମଧ ପେ-ଟିଏମ ଖୋଲିବାକୁ ପୁନର୍ବାର ଆସିଥିବା ଦୁଇଜଣ ଆନ୍ତଃଜିଲ୍ଲା ଠକଙ୍କୁ କାବୁକରି ଉତ୍ତମ ମଧ୍ୟମ ଦେବାପରେ ପୁଲିସ ଜିମା ଦିଆଯାଇଛି । ପରେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତମାନେ ସମସ୍ତ ଟଙ୍କା ଫେରାଇଛନ୍ତି । ଅଭିଯୁକ୍ତ ମାନେ ହେଲେ ବାଲେଶ୍ୱର ସହର ୧୨ନମ୍ବର ୱାର୍ଡ ଦାମୋଦରପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ଦେବୀପ୍ରସାଦ ସେଠୀ(୨୩) ଏବଂ ସେହି ବାଲେଶ୍ୱର ସହର ଗୋଳାପୋଖରୀ ଅଞ୍ଚଳର ଶେଖ ଇମ୍ରାନଙ୍କ ପୁଅ ଶେଖ ଆୟାନ(୧୮) । ସୂଚନା ମୁତାବକ ଦାନ୍ତିଆମୁହାଁ ଛକରେ ସ୍ୱର୍ଗତ ବିକାଶ ପାତ୍ରଙ୍କ ସ୍ତ୍ରୀ ଚାନ୍ଦିନୀ ପାତ୍ର ନିଜର ଶାଶୂ, ଶ୍ୱଶୁରଙ୍କ ସହିତ ଚା' ଦୋକାନ କରିଥିବା ବେଳେ ଦୈନିକ ଶହଶହ ଗ୍ରାହକ ତଥା ପଥଚାରୀ ଏଠାରେ ଅଟକିଥାଆନ୍ତି । ତେବେ ଅଭିଯୁକ୍ତ ଦ୍ୱୟ କିଛିଦିନ ପୂର୍ବରୁ ଦାନ୍ତିଆମୁହାଁ ଛକସ୍ଥିତ ଚାନ୍ଦିନୀ ପାତ୍ରଙ୍କ ଦୋକାନକୁ ଚା'ପିଇବାକୁ ଯାଇଥିଲେ । ଚଳିତମାସ ୧୩ତାରିଖରେ ଦେବୀପ୍ରସାଦ ନିଜକୁ ପେ-ଟିଏମ ସଂସ୍ଥାର ସେଲ୍ସ ଏକଜିକ୍ୟୁଟିଭ ବୋଲି ପରିଚୟ ଦେଇ ଚାନ୍ଦିନୀଙ୍କ ନାମରେ ପେ-ଟିଏମ ଖୋଲିଦେବାର ପ୍ରତିଶ୍ରୁତି ମଧ ଦେଇଥିଲା । ଚାନ୍ଦିନୀ ବିଶ୍ୱାସରେ ନିଜର ବ୍ୟାଙ୍କର ଆକାଉଣ୍ଟ ନମ୍ବର ଏବଂ ଆଧାରକାର୍ଡ ଦେବାସହିତ ମୋବାଇଲକୁ ଆସିଥିବା ଓଟିପି ମଧ ଦେଇଥିଲେ । ଏହାପରେ ଦେବୀପ୍ରସାଦ ଚାନ୍ଦିନୀଙ୍କ ନାମରେ ପେ-ଟିଏମ ମଧ ଖୋଲିଦେଇଥିଲେ । ତେବେ ଚଳିତମାସ ୧୪ ତାରିଖରେ ୫ହଜାର ଟଙ୍କା, ୧୫ ତାରିଖରେ ୩୦ହଜାର ଟଙ୍କା ଏବଂ ୧୭ତାରିଖରେ ୫୫ହଜାର ଟଙ୍କା ଏବଂ ୧୮ତାରିଖରେ ଶହେ ଏକଟଙ୍କା ଲେଖାଏଁକରି ଦୁଇଥରରେ ୨ଶହ ୨ଟଙ୍କା ଏହିପରି ସର୍ବମୋଟ ୫ଥରରେ ୯୦ହଜାର ୨ଶହ ୨ଟଙ୍କା ଚାନ୍ଦିନୀ ପାତ୍ରଙ୍କ ଆକାଉଣ୍ଟରୁ ଅନଲାଇନ ଟ୍ରାଞ୍ଜାକ୍ସନ ମାଧ୍ୟମରେ ଟଙ୍କା ଉଠାଯାଇଥିଲା । ଏନେଇ ଚାନ୍ଦିନୀ ପାତ୍ରଙ୍କ ମନରେ ସନ୍ଦେହଜାତ ହୋଇଥିବା ବେଳେ ନିଜର ଶାଶୂଙ୍କ ନାମରେ ଆଉଏକ ପେ-ଟିଏମ ଖୋଲିବେ ବୋଲି କହିବାପରେ ଦେବୀପ୍ରସାଦ ନିଜର ସହଯୋଗୀ ସହିତ ମଙ୍ଗଳବାର ଅପରାହ୍ନରେ ଦାନ୍ତିଆମୁହାଁ ଛକସ୍ଥିତ ଚାନ୍ଦିନୀ ପାତ୍ରଙ୍କ ଚା'ଦୋକାନରେ ପହଞ୍ଚିଥିଲେ । ଏହାପରେ ଚାନ୍ଦିନୀ ଆଖପାଖ ଦୋକାନୀମାନଙ୍କୁ ଡାକିବା ପରେ ପାଟିତୁଣ୍ଡ ହୋଇଥିଲା । ଏହାପରେ ଆଖପାଖରୁ ଲୋକମାନେ ଏକଜୁଟ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଦୁଇ ଠକ ଯୁବକଙ୍କୁ ଠକି ନେଇଥିବା ୯୦ହଜାର ଟଙ୍କା ଫେରସ୍ତ ନଦେବା ପର୍ଯ୍ୟନ୍ତ ପୁଲିସକୁ ହସ୍ତାନ୍ତର କରିବେ ନାହିଁ ବୋଲି କହିବା ପରେ ଉତ୍ତେଜନା ଅଧିକ ବଢିଥିଲା । ଏହାପରେ ଉତ୍ତେଜିତ ଲୋକଙ୍କୁ ବୁଝାସୁଝାକରି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଦୁଇ ଯୁବକଙ୍କୁ ଫାଣ୍ଡିକୁ ଆଣି ପଚରାଉଚରା କରୁଛନ୍ତି । ଦେବୀପ୍ରସାଦଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ ବାଲେଶ୍ୱର ଟାଉନଥାନା ଅଧୀନ ପରମିଟ ଘାଟ ଫାଣ୍ଡିରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିବା ପୁଲିସ ପାଖରେ ସୂଚନା ଦେଇଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଉଭୟ ଦେବୀପ୍ରସାଦ ଏବଂ ଶେଖ ଆୟାନ ବଡଜାମବଣି ଫାଣ୍ଡିରେ ଅଟକ ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ସାପ କାମୁଡ଼ାରେ ମହିଳା ମୃତ

କଣ୍ଟିଲୋ(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ହରିସୁବୁଦ୍ଧି ପାଟଣା ଗ୍ରାମର କୁମ ନାଏକ(୬୩)ଙ୍କର ସାପ କାମୁଡାରେ ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି । ରାତିରେ ଖାଇପିଇ ସାରି ସେ ଘରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ବିଷର ଜ୍ୱାଳା ଅସହ୍ୟ ହେବାରୁ ପରିବାରବର୍ଗ ତାଙ୍କୁ ସଙ୍ଗେ ସଙ୍ଗେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ମହିଳାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ମୃତକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବେଆଇନ ମଦ ଜବତ: ଜଣେ ଗିରଫ

ନିରାକାରପୁର(ନିପ୍ର): ଖୋରଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ଦ୍ୱାରା ବେଆଇନ ମଦ ଚାଲାଣ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତାଲାପଡ଼ା-ମିରିଗଡ଼ାୟଣୀ ରୋଡ୍‌ରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବେଆଇନ ମଦ ସହ ଗୋଟିଏ ସ୍କୁଟି ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନିରାକାରପୁର ଥାନା କେସ୍ ନଂ- ୨୮୨/୨୮ ଅବକାରୀ ମାମଲାରେ ଅସିତ ସାମନ୍ତରାୟ (୫୨)ଙ୍କଠାରୁ ୪୮ ବୋତଲ କିଙ୍ଗଫିସର ବିୟର (ମୋଟ ୩୧ ଲିଟର ୨୦୦ ମିଲିଲିଟର ମଦ) ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି । ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା । ପୁଲିସ ବେଆଇନ ମଦ ଓ ବ୍ୟବହୃତ ସ୍କୁଟିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

## ମଦ ପିଇବାକୁ କେନ୍ଦ୍ରକରି ଦୁଇ ଯୁବକ ମାର୍‌ପିଟ: ଜଣେ ଗୁରୁତର

ଆସିକା(ନିପ୍ର): ଆସିକା କଲେଜ ଛକରେ ମଦ ପିଇବାକୁ କେନ୍ଦ୍ର କରି ଦୁଇ ଯୁବକ ମଧ୍ୟରେ ମାରପିଟ ହୋଇ ଜଣେ ଗୁରୁତର ହୋଇଛନ୍ତି । ଗତକାଲି ରାତ୍ର ୮ଘଣ୍ଟା ସମୟରେ ଆସିକା କୋଟିନଡ଼ା ଥାନା ଅଧୀନ କଲେଜ ଛକଠାରେ ମଦ ପିଇବକୁ କେନ୍ଦ୍ରକରି ପ୍ରତାପ କୁମାର ସିୟ ଓ କାଳିଆ ନାହାକ ମଧ୍ୟରେ ସାଧାରଣ କଥାକୁ ନେଇ ବାଚସା ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଉଗ୍ରରୂପ ଧାରଣ କରିଥିଲା । ହଠାତ କାଳିଆ ନାହାକ ଉତକ୍ଷିପ୍ତ ହୋଇ ସେ ପିଉଥିବା ଏକ ବିୟର ବୋତଲ ଭାଙ୍ଗି ଅତର୍କିତ ଭାବେ ପ୍ରତାପ ସିୟକୁ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ପ୍ରତାପର ହାତ, ଡେଣା ଶରୀରର ବିଭିନ୍ନ ଅଂଶରେ ଗୁରୁତର ଆଘାତ ହୋଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରତାପ ଘଟଣା ସ୍ଥଳରେ ପଡ଼ି ରହିଥିଲା ବେଳେ ସେଠାରେ ଉପସ୍ଥିତ କିଛି ଯୁବକ ପ୍ରତାପକୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରେ ପ୍ରାଥମିକ ଚିକିତ୍ସାପରେ ଅବସ୍ଥା ଗୁରୁତର ହେବାରୁ ପ୍ରତାପକୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି । ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଚଳାଇଛି । ପ୍ରକାଶ ଥାଉକି କଲେଜ ଛକ ଅଞ୍ଚଳରେ ଅସାମାଜିକଙ୍କ ଉପଦ୍ରବ ଦିନକୁ ଦିନ ବଢୁଛି ।

## ନିଶା ଚକୋଲେଟ୍ ଖୁଆଇ ୩ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ !

ରାଇରଙ୍ଗପୁର: ନିଶା ଚକୋଲେଟ୍ ଖୁଆଇ ୩ ଛାତ୍ରୀଙ୍କୁ ଅପହରଣ ପାଇଁ ଉଦ୍ୟମ ହୋଇଥିବା ଜଣାପଡିଛି । ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅଞ୍ଚଳର ଏକ ସ୍କୁଲ ପରିସରରୁ ତିନି ଜଣ ପ୍ରାଥମିକ ସ୍କୁଲ ଛାତ୍ରୀଙ୍କୁ ନିଶା ଚକୋଲେଟ ଦେଇ ଅପହରଣ ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟ ପରିସରରେ ପିଲାମାନେ ଖେଳୁଥିବା ସମୟରେ ଏକ ସ୍କୁଟିରେ ତିନି ଜଣ ଯୁବକ ଆସି ପହଞ୍ଚିଥିଲେ । ସେମାନେ ବଳପୂର୍ବକ ତିନି ଜଣ ଛାତ୍ରୀଙ୍କୁ ନିଶା ଯୁକ୍ତ ଚକୋଲେଟ୍ ଖୁଆଇବାକୁ ଚେଷ୍ଟା କରିଥିଲେ । ଛାତ୍ରୀମାନେ ଏହାକୁ ଖାଇବାକୁ ମନା କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ଚକୋଲେଟ ଖାଇବା ପରେ ତିନି ଜଣଯାକ ଛାତ୍ରୀ ଅଚେତ ହୋଇ ପଡ଼ିଥିଲେ । ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଲୋକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ସହାୟତାରେ ତୁରନ୍ତ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ଗୁରୁତର ହେବାରୁ ପରେ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାକୁ ନେଇ ତିରିଂ ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଫେରାର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଛାନଭିନ୍ ଚଳାଇଛି ପୋଲିସ ।

## ଜଗତସିଂହପୁର ଡାକ୍ତରଖାନାରୁ ଚୋରି ବାଇକ ଯାଜପୁରରୁ ଉଦ୍ଧାର: ୨ ଗିରଫ



ଜଗତସିଂହପୁର : ଜଗତସିଂହପୁର ଡାକ୍ତରଖାନା ପରିସରରୁ ଏକ ବାଇକ ଚୋରି ଘଟଣାର ଖୁଲାସା କରିଛି ଜଗତସିଂହପୁର ପୋଲିସ । ଚୋରି ବାଇକକୁ ଯାଜପୁର ଧର୍ମଶାଳାରୁ ପୋଲିସ ଉଦ୍ଧାର କରିଛି । ଏଥିସହ ୨ ଜଣଙ୍କୁ ପୋଲିସ ଗିରଫ କରିଛି । ଜଗତସିଂହପୁର ଡାକ୍ତରଖାନା ପରିସରରୁ ଚୋରି ବାଇକକୁ ଯାଜପୁର ଧର୍ମଶାଳାରେ ବିକ୍ରି କରା ଯାଇଥିଲା । ପୁଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତକୁ ତିର୍ତ୍ତୋଲରୁ ଗିରଫ କରିଥିଲା । ଏଥିସହ ଚୋରି ବାଇକ କିଣି ଫସିଛନ୍ତି ଧର୍ମଶାଳାର ଜଣେ ଯୁବକ । ୩ ଟି ବାଇକ ଉଦ୍ଧାର ହୋଇଥିବା ବେଳେ ଆଉ ଦୁଇ ଅଭିଯୁକ୍ତ ଫେରାର ରହିଥିବା କହିଛନ୍ତି ଜଗତସିଂହପୁର ଏସଡିପିଓ ।

## ଗଛରୁ ଖସିପଡି ବୃଦ୍ଧଙ୍କ ମୃତ୍ୟୁ

ଖଣ୍ଡପଡ଼ା(ନିପ୍ର): ଖଣ୍ଡପଡା ବ୍ଲକର କୋସକା ପଞ୍ଚାୟତ ଅଧୀନ ମଧୁପୁର ଗ୍ରାମର ଅକ୍ଷୟ ସୁବୁଦ୍ଧି (୬୪) ନିଜ ବାରି ପଛ ପାର୍ଶ୍ୱରେ ଥିବା ଏକ ପଣସ ଗଛରେ ଚଢ଼ି ପଣସ ତୋଳୁଥିବା ସମୟରେ ଅସାବଧାନତା ବଶତଃ ସେ ତଳକୁ ଖସି ପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ପରିବାରବର୍ଗ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ନିମନ୍ତେ ପ୍ରଥମେ ନିକଟସ୍ଥ ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ଭାପୁର(ନିପ୍ର): ଭାପୁର ବଜାର ଉପରେ ଭରସାମ୍ୟ ହରାଇ ବାଇକରୁ ଖସିପଡି ଚାଳକ ଗୁରୁତର ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ, ଖଣ୍ଡପଡା ବ୍ଲକ କୁସୁମତରା ଗ୍ରାମର ଅରୁଣ କୁମାର ନାୟକ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଭାପୁର ବଜାର ଉପରେ ବାଇକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ । ଖବରପାଇ ଭାପୁର ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ପୀଡିତ ଯୁବକଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଆଶୁ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲ ପଠାଯାଇଥିଲା ।

## ୬୦ କେଜି ଗଞ୍ଜେଇ ଜବତ: ୨ ଯୁବକ ଗିରଫ

କଟକ: ଗଞ୍ଜେଇ ଚାଲାଣ ଅଭିଯୋଗରେ ପଞ୍ଜାବ ଲୁଧିଆନାର ଦୁଇ ଯୁବକ ଗିରଫ ହୋଇଛନ୍ତି । ୬୦ କେଜି ଗଞ୍ଜେଇ ଜବତ୍ କଲା ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ୟୁନିଟ ୱାନ କଟକ । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ସୁମନ ମୁଣ୍ଡା ଛକ ନିକଟରୁ ଜବତ୍ କଲା ଅବକାରୀ ଟିମ୍ । ଏକ ପିକଅପ ଭ୍ୟାନରେ ଚାଲାଣ ବେଳେ ଧରିଲା ଅବକାରୀ ଟିମ୍ । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬ ଲକ୍ଷରୁ ଅଧିକ । କନ୍ଧମାଳରୁ ପଞ୍ଜାବ ଲୁଧିଆନାକୁ ଚାଲାଣ ପାଇଁ ଯାଉଥିଲା ଗଞ୍ଜେଇ । ପଞ୍ଜାବ ଲୁଧିଆନା ଜିଲ୍ଲା ଶିମଲାପୁରୀ ଥାନା ଅର୍ନ୍ତଗତ ସତଗୁରୁ ନଗର ଅଞ୍ଚଳର ଅନିକେତ ଓ ଜସଦୀପ ସିଂ ଗିରଫ ହୋଇଛନ୍ତି । ଉଭୟଙ୍କ ବୟସ ୨୪ ବର୍ଷ ହୋଇଥିବା ଜଣାପଡିଛି ।

### ଆମ୍ବୁଲାନ୍ସ ସେବା ପାଲଟିଛି ପ୍ରହସନ

# ୨ ମହିଳା ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଖଣ୍ଡପଡ଼ା(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀକାଳୀନ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଅକାଳରେ ରୋଗୀମାନେ ମୃତ୍ୟୁବରଣ କରୁଥିବା ଜଣାପଡିଛି । ଘଟଣାକ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଙ୍ଘାପଡ଼ା ଗ୍ରାମର ଭରତ ନାଏକଙ୍କ ପତ୍ନୀ ଦର୍ପଣୀ ନାଏକ (୬୦) ଓ ସେହି ଗ୍ରାମର ଅହଲ୍ୟା ବେହେରା (୬୨) ବୁଧବାର ହଠାତ ଅସୁସ୍ଥତା ଅନୁଭବ କରିବାରୁ ଉଭୟଙ୍କ ପରିବାରବର୍ଗ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ସେବା ଉପରେ ପ୍ରଥମେ ନିର୍ଭର କରିଥିଲେ । ମାତ୍ର ଠିକଣା ସମୟରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ନ ହେବା ଓ ବହୁ ବିଳମ୍ବରେ ରୋଗୀଙ୍କ ସଂପର୍କୀୟମାନେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଦର୍ପଣୀଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ମହିଳାଙ୍କ ମୃତ୍ୟୁରେ ପରିବାରବର୍ଗ ଭାଙ୍ଗି ପଡିଥିବା ବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ସେବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମୋଟାମୋଟି ଭାବେ ଜରୁରୀକାଳୀନ ପରିସ୍ଥିତିରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାସ କରୁଥିବା ଜନସାଧାରଣ ମୌଳିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି । ଏ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସେହିପରି ଅନ୍ୟ ଏକ ଘଟଣାକ୍ରମେ ସିଙ୍ଘାପଡ଼ା ଗ୍ରାମର ଅହଲ୍ୟା ବେହେରା (୬୧) ଅସୁସ୍ଥ ଥିବା ବେଳେ ଠିକଣା ସମୟରେ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହୋଇ ମୃତ୍ୟୁ ମୁଖରେ ପଡିଥିବା ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବାର ପ୍ରଚଳନ ନେଇ ଆଖପାଖ ଅଞ୍ଚଳର ବାସିନ୍ଦାମାନେ ବର୍ଷ ବର୍ଷ ଧରି ଦାବିକରି ଆସୁଥିଲେ ହେଁ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳ ସେଥିପ୍ରତି ଦୃଷ୍ଟି ନଦେବା ଦୁଃଖର ବିଷୟ । ଉପରୋକ୍ତ ୨ଟି ଘଟଣାକୁ ନଜରରେ ରଖି ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଯାତ୍ରୀଙ୍କଠାରୁ ଅଧିକ ଟଙ୍କା ଆଦାୟ ଅଭିଯୋଗର ଷ୍ଟେସନ ଭେଣ୍ଡରଙ୍କୁ ଜରିମାନା କଲା ରେଳ ବିଭାଗ

ଜଟଣୀ(ନିପ୍ର): ସୋସିଆଲ ମିଡିଆରେ ଯାତ୍ରୀଙ୍କଠାରୁ ଅଧିକ ଟଙ୍କା ଆଦାୟ ସମ୍ପର୍କିତ ଅଭିଯୋଗ ଆସିବାର ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ଜଣେ ଷ୍ଟେସନ ଭେଣ୍ଡରଙ୍କୁ ଜରିମାନା କରି ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ଡିଭିଜନ ଯାତ୍ରୀମାନଙ୍କ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୧୯ ଅଗଷ୍ଟ ୨୦୨୬ରେ ବ୍ରହ୍ମପୁର ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ଜଣେ ଯାତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ଅଭିଯୋଗ କରିଥିଲେ ଯେ ଜଣେ ଭେଣ୍ଡର ଏକ ପ୍ୟାକେଜ୍ ପାନୀୟ ଜଳ ବୋତଲ ପାଇଁ ନିର୍ଦ୍ଧାରିତ ମୂଲ୍ୟ ବଦଳରେ ୨୦ ଟଙ୍କା ଆଦାୟ କରି ଅଧିକ ଟଙ୍କା ନେଉଛନ୍ତି । ଏହି ଅଭିଯୋଗରେ ଡିଜିଟାଲ୍ ପେମେଣ୍ଟର ପ୍ରମାଣ ମଧ୍ୟ ସାମିଲ ଥିଲା, ଯାହାକୁ ରେଲୱେ ସେବା, ଏବଂ ରେଲ ମଦଦ ଭଳି ସରକାରୀ ରେଳବାଇ ଅଭିଯୋଗ ହ୍ୟାଣ୍ଡେଲଗୁଡ଼ିକୁ ଅବଗତ କରାଯାଇଥିଲା । ଏହି ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଡିଆରଏମ ଡି. ସୁନୀଲ ଏବଂ ସିନିୟର ଡିସିଏମ/ଖୋର୍ଦ୍ଧା ଅନିଲ କୁମାର ଏସ.ଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାରୋଡ଼ ଡିଭିଜନ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ତଦନ୍ତ କରିବା ପାଇଁ ସ୍ଥାନୀୟ ଷ୍ଟେସନ ପରିଚାଳନା ଦଳକୁ ନିୟୋଜିତ କରିଥିଲେ । ଘଟଣାର ସତ୍ୟାସତ୍ୟ ଯାଞ୍ଚ ହେବା ପରେ କ୍ୟାଟରିଂ ନିୟମାବଳୀ ଉଲ୍ଲଂଘନ କରିବା ଏବଂ ଯାତ୍ରୀଙ୍କଠାରୁ ଅଧିକ ମୂଲ୍ୟ ଆଦାୟ କରିବା ଅପରାଧରେ ସମ୍ପୃକ୍ତ ଷ୍ଟେସନ ଠିକାଦାରଙ୍କ ଉପରେ ତୁରନ୍ତ ୮,୦୦୦ (ଆଠ ହଜାର ଟଙ୍କା) ର ଜରିମାନା ସ୍ଲିପ୍ କରାଯାଇଥିଲା । ଯାତ୍ରୀଜଣକ ଅନଲାଇନରେ ଅଭିଯୋଗ ପୋଷ୍ଟ କରିବାର ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ଏହି ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଥିଲା । ଅନିଲ କୁମାର ଏସ. ପୁନର୍ବାର ସ୍ପଷ୍ଟ କରିଛନ୍ତି ଯେ ପୂର୍ବତଟ ରେଳପଥ ରେଳ ଷ୍ଟେସନଗୁଡ଼ିକରେ କ୍ୟାଟରିଂ ସାମଗ୍ରୀ, ପ୍ୟାକେଜ୍ଡ ପାନୀୟ ଜଳ କିମ୍ବା ଅନ୍ୟ କୌଣସି ସୁବିଧା ପାଇଁ ଅଧିକ ଟଙ୍କା ଆଦାୟ କରିବା ବିରୁଦ୍ଧରେ 'ଜିରୋ-ଟଲରାନ୍ସ' (ଶୂନ୍ୟ ସହନଶୀଳତା) ନୀତି ଅବଲମ୍ବନ କରେ । ସେବା କ୍ଷେତ୍ରରେ କୌଣସି ଅନିୟମିତତା ବିଷୟରେ ରିପୋର୍ଟ କରିବା ପାଇଁ 'ରେଲ୍ ମଦଦ୍' ଭଳି ସରକାରୀ ଅଭିଯୋଗ ମାଧ୍ୟମ ବ୍ୟବହାର ଜାରି ରଖିବାକୁ ଯାତ୍ରୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି, ଯାହା ଦ୍ୱାରା ସମସ୍ତଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସୁଖଦ ଯାତ୍ରା ଅନୁଭୂତି ସୁନିଶ୍ଚିତ ହୋଇପାରିବ ।

### ପାଠ୍ୟପୁସ୍ତକ ତ୍ରୁଟି ମାମଲା

## କ୍ରାଇମବ୍ରାଞ୍ଚରେ ହାଜର ହେଲେ ୨ ପ୍ରିଣ୍ଟିଙ୍ଗ ପ୍ରେସ ମାଲିକ

କଟକ(ନିପ୍ର): ପାଠ୍ୟପୁସ୍ତକରେ ତ୍ରୁଟି ଓ ଅନିୟମିତତାକୁ ନେଇ ଚାଲିଥିବା ତଦନ୍ତ ମାମଲାରେ ୨ ଜଣ ପ୍ରିଣ୍ଟିଙ୍ଗ ପ୍ରେସ ମାଲିକ କ୍ରାଇମବ୍ରାଞ୍ଚରେ ହାଜର ହୋଇଛନ୍ତି । ଜଗନ୍ନାଥ ପ୍ରିଣ୍ଟର ଏବଂ ନୀଳକଣ୍ଠ ପ୍ରିଣ୍ଟରର ମାଲିକ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇ ନିଜ ପକ୍ଷ ରଖିଥିବା ଜଣାପଡ଼ିଛି । ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ମୁଦ୍ରଣ ପ୍ରକ୍ରିୟାରେ କାହାର କାହାର ଭୂମିକା ରହିଥିଲା, ସେନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି । ସୂଚନା ଅନୁସାରେ, ପୁସ୍ତକ ପ୍ରସ୍ତୁତି ସହ ଜଡ଼ିତ ୨୦୦ରୁ ଅଧିକ ବ୍ୟକ୍ତି କ୍ରାଇମବ୍ରାଞ୍ଚର ସ୍କାନରରେ ରହିଛନ୍ତି । ଏହି ସମସ୍ତ ବ୍ୟକ୍ତିଙ୍କ ଭୂମିକା ଏବଂ ଦାୟିତ୍ୱ ନେଇ ତଦନ୍ତକାରୀ ଟିମ୍ ଖୋଳତାଡ଼ କରୁଛି । ଜଗନ୍ନାଥ ଓ ନୀଳକଣ୍ଠ ପ୍ରିଣ୍ଟରର ମାଲିକ କ୍ରାଇମବ୍ରାଞ୍ଚରେ ହାଜର ହେବା ପରେ ପାଠ୍ୟପୁସ୍ତକ ଛାପା ସମ୍ପର୍କିତ ବିଭିନ୍ନ ଦିଗରେ ପଚରାଉଚରା କରାଯାଇଥାଇପାରେ । ପୁସ୍ତକରେ ତ୍ରୁଟି କିପରି ରହିଗଲା, ଏହାର ମୁଦ୍ରଣ ପୂର୍ବରୁ କେଉଁ ସ୍ତରରେ ଯାଞ୍ଚ କରାଯାଇଥିଲା ଏବଂ ପ୍ରିଣ୍ଟିଂ ପ୍ରକ୍ରିୟାରେ କେଉଁମାନେ ଜଡ଼ିତ ଥିଲେ, ସେନେଇ ତଦନ୍ତ ଚାଲିଛି । ଏହି ମାମଲାରେ ପୂର୍ବତନ ଏସସିଇଆରଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇଥିଲା । ପରେ ସେ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି । ତାଙ୍କ ଗିରଫ ପରେ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ତ୍ରୁଟି ପଛରେ ଦାୟୀ ବ୍ୟକ୍ତିଙ୍କ ଭୂମିକାକୁ ନେଇ ତଦନ୍ତ ଆହୁରି ତୀବ୍ର ହୋଇଥିଲା । ଏବେ ୨ ପ୍ରିଣ୍ଟର ମାଲିକଙ୍କ ହାଜର ପରେ ମାମଲାର ତଦନ୍ତ କେଉଁ ଦିଗକୁ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି । ପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାରେ ସାମିଲ ଥିବା ୨୦୦ରୁ ଅଧିକ ବ୍ୟକ୍ତିଙ୍କ ମଧ୍ୟରୁ ଆଉ କାହାକୁ ତଦନ୍ତ ପରିସରକୁ ଅଣାଯିବ, ସେନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି ।

## ଚୋରି ସାମଗ୍ରୀର ପେଣ୍ଠସ୍ଥଳ କବାଡ଼ିଆ ଗୋଦାମ

ଭାପୁର(ନିପ୍ର): ଫତେଗଡ଼ ଥାନା ଅଂଚଳରେ ଚୋରି ସାମଗ୍ରୀ ସଂଗ୍ରହର ପେଣ୍ଠସ୍ଥଳ ପାଲଟିଛି କବାଡିଆ ଗୋଦାମ । ଭାପୁର ସଦର ମହକୁମାଠାରୁ ଆରମ୍ଭ କରି ବିଭିନ୍ନ ପଂଚାୟତଗୁଡିକରେ ଛତୁ ଫୁଟିଲା ଭଳି କବାଡିଆ ଗୋଦାମ ଖୋଲାଯାଇ ବର୍ତ୍ତମାନ ଲାଭଦାୟକ ବ୍ୟବସାୟର ରୂପରେଖ ନେଇଛି କବାଡିଆ ଗୋଦାମ । ଫଳରେ ନିଶାଡିମାନେ ଛୋଟ ବଡ ଚୋରି କରିବା ପାଇଁ ପଛାଉ ନାହାନ୍ତି । ଭାପୁର ବ୍ଲକ ଅଂଚଳରେ ବାଇକ, ସାଇକେଲ, ସରକାରୀ ସାଇନ ବୋର୍ଡ ପ୍ଲେଟ ଆଦି ଚୋରି ଦୈନନ୍ଦିନ ଘଟଣା ପାଲଟିଛି । ନିଶାଡିମାନେ ଛୋଟ ବଡ଼ ଚୋରିକରି କବାଡିଆ ଗୋଦାମରେ ତାହାକୁ ବିକ୍ରି କରି ନିଶା ଦ୍ରବ୍ୟ କିଣୁଥିବା ନଜିର ରହୁଛି । ପୋଲିସର କବାଡିଆ ଗୋଦାମରେ ଅଙ୍କୁଶ ରହୁ ନ ଥିବାରୁ ଚୋରି ସାମଗ୍ରୀର ପେଣ୍ଠସ୍ଥଳୀ ପାଲଟିଛି କବାଡିଆ ଗୋଦାମ । କବାଡିଆ ବେପାରୀମାନେ ଗାଁ ଗହଳିରୁ ସେ ଚୋରା ଜିନିଷ କିଣି ଗୋଦାମରେ ବିକ୍ରି କରିଥାନ୍ତି । ରାସ୍ତାକଡ଼ମାନଙ୍କରେ ସରକାରଙ୍କ ତରଫରୁ ଲୁହା ପ୍ଲେଟରେ ମରାଯାଇଥିବା ବିଭିନ୍ନ ସୂଚାଙ୍କଗୁଡିକୁ ରାତାରାତି ତାଡି ବିକ୍ରି କରୁଥିବା ଦେଖାଯାଉଛି । ତେଣୁ ପୋଲିସ କବାଡିଆ ଗୋଦାମ ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ଗାଁ ଗହଳିରୁ କେତେକାଂଶରେ ଚୋରି କମିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

### ରାଉରକେଲା ସର୍କିଟ ହାଉସ ଅସ୍ତ୍ରଶସ୍ତ୍ର ଜବତ ମାମଲା

# ପୋଲିସ ରିମାଣ୍ଡରେ ୩ ଅଭିଯୁକ୍ତ




ରାଉରକେଲା(ନିପ୍ର): ଅଗଷ୍ଟ ୧୪ ତାରିଖ ଦିନ ପାନପୋଷଠାରେ ଥିବା ରାଉରକେଲା ସର୍କିଟ ହାଉସରୁ ବେଆଇନ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ପୋଲିସ ପକ୍ଷରୁ ୭ ଅଭିଯୁକ୍ତଙ୍କୁ ଗିରଫ କରିଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣା ସମଗ୍ର ରାଜ୍ୟରେ ଚହଳ ପକାଇଥିଲା ବେଳେ ପୋଲିସ୍ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି । ପୂର୍ବରୁ ସର୍କିଟ ହାଉସର ଏକ କୋଠରୀରୁ ଏକ ପିସ୍ତଲ ଏବଂ ଜୀବନ୍ତ ଗୁଳି ଜବତ କରାଯାଇଥିଲା । ପରେ ଏହି ମାମଲାରେ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ପୋଲିସ୍ ପକ୍ଷରୁ ଚାଲିଥିବା ତଦନ୍ତର ଅଂଶ ସ୍ୱରୂପ, ଆଜି ଅଧିକ ପଚରାଉଚରା ପାଇଁ ତିନି ଅଭିଯୁକ୍ତ - ରାଜେଶ ସାହୁ , ବିକାଶ ଡୁଙ୍ଗରି ଏବଂ ସାଗର ସାହୁଙ୍କୁ ଦୁଇ ଦିନିଆ ରିମାଣ୍ଡରେ ଜେଲରୁ ଅଣାଯାଇଛି । ତଦନ୍ତକାରୀ ପୋଲିସ୍ ପକ୍ଷରୁ ଏବେ ଅଭିଯୁକ୍ତଙ୍କ ପାଇଁ କୋଠରୀ ବୁକ୍ କରାଯାଇଥିବା ବ୍ୟକ୍ତିଙ୍କ ସହିତ ମାମଲାର କୌଣସି ରାଜନୈତିକ ସମ୍ପର୍କ କିମ୍ବା ଅନ୍ୟାନ୍ୟ ପ୍ରଭାବଶାଳୀ ଲିଙ୍କ୍ ଅଛି କି ନାହିଁ ତାହା ଯାଞ୍ଚ କରାଯାଉଛି । ଅସ୍ତ୍ରଶସ୍ତ୍ର ଜବତ ସମ୍ପର୍କିତ ପରିସ୍ଥିତି ଉନ୍ମୋଚନ କରିବା ଏବଂ ମାମଲା ସହିତ ଜଡିତ ଅନ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତିନି ଅଭିଯୁକ୍ତଙ୍କୁ ବିସ୍ତୃତ ଭାବରେ ପଚରାଉଚରା କରିବ ବୋଲି ଆଶା କରାଯାଉଛି । ଏହି ଘଟଣାର ତଦନ୍ତ କରୁଥିବା ପାନପୋଷ ଏସଡିପିଓ ସୁଶାନ୍ତ କୁମାର ଦାସ କହିଥିଲେ ଯେ, ଅଗଷ୍ଟ ୧୧ ଓ ୧୩ ତାରିଖରେ ଜଣେ ବ୍ୟକ୍ତିଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ କେନ୍ଦ୍ର କରି ପୋଲିସ୍ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ସମୟରେ ଏହି ଘଟଣା ସାମ୍ନାକୁ ଆସିଥିଲା । ପୋଲିସର ତଦନ୍ତ ସମୟରେ ଅଭିଯୁକ୍ତ ବିକାଶ ଡୁଙ୍ଗରି ପାନପୋଷ ସର୍କିଟ ହାଉସ ନିକଟରେ ଥିବା ଖବର ପାଇବା ପରେ ଅଗଷ୍ଟ ୧୪ ତାରିଖ ଦିନ ତାକୁ ସର୍କିଟ୍ ହାଉସର ୧୦୭ ରୁମରୁ ଗିରଫ କରାଯିବା ସହ ତାର ସହଯୋଗୀକୁ ମଧ ସେଠାରୁ ଗିରଫ କରାଯାଇଥିଲା ବେଳେ ଆଉ ୨ ଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ । ବିକାଶ ଡୁଙ୍ଗରି ନିକଟରୁ ୨ଟି ପିସ୍ତଲ ୩ଟି ମ୍ୟାଗାଜିନ୍ ଏବଂ ୧୧ଟି ଜୀବନ୍ତ ଗୁଳି ଜବତ କରାଯାଇଥିଲା । ଏହି ଘଟଣାରେ ପୋଲିସ ଆଗକୁ ଯାଇ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ରାଜେଶ ସାହୁଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯିବା ସହ ସେଠାରୁ ଆଉ ଦୁଇଟି ପିସ୍ତଲ ଜବତ କରାଯାଇଥିଲା । ତେବେ ସମୁଦାୟ ୪ଟି ପିସ୍ତଲ ଜବତ୍ କରାଯାଇଥିଲା । ପୋଲିସ ପକ୍ଷରୁ ଅଭିଯୁକ୍ତ ବିକାଶ ଡୁଙ୍ଗରି, ରାଜେଶ ସାହୁ ଏବଂ ସାଗର ସାହୁଙ୍କୁ ରିମାଣ୍ଡରେ ଆଣି ଆଜି ରଘୁନାଥପାଲ୍ଲୀ ଥାନାରେ ପଚରାଉଚୁରା କରାଯିବା ସହ ଶାସକ ବିଜେପି ଦଳର ଜଣେ ଯୁବ ନେତାଙ୍କ ସମ୍ପୃକ୍ତି ଅଛି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଆଲୋଚନାର ବିଷୟ ହୋଇଛି । ଘଟଣାକୁ ନେଇ ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ଗାଲେରେ ଶ୍ରୀଲଙ୍କାକୁ ଧୋଇଦେଲା ଗିଲ୍ ବାହିନୀ

# ୧୬୫ ରନ୍‌ରେ ଜିତିଲା ପ୍ରଥମ ଟେଷ୍ଟ



ନୂଆଦିଲ୍ଲୀ, ୧୯/୮ : ଲଙ୍କା ଗଡ଼ରେ ଭାରତର ତାଣ୍ଡବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପୂର୍ବରୁ ପ୍ରଥମ ପରୀକ୍ଷାରେ ପାସ୍ ହୋଇଛି ଟିମ୍ ଇଣ୍ଡିଆ । ବ୍ୟାଟିଂ-ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଗାଲେରେ ଶ୍ରୀଲଙ୍କା କ୍ରିକେଟ୍ ଟିମକୁ ଧୋଇ ଦେଇଛି ଗିଲ୍ ବାହିନୀ । ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଭାରତ ବନାମ ଶ୍ରୀଲଙ୍କା ପ୍ରଥମ ଟେଷ୍ଟର ଫଳାଫଳ ଆସିଛି । ଭାରତ ଗାଲେ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନରେ ହରାଇଛି । ମ୍ୟାଚର ପରିଣାମ ପଞ୍ଚମ ଦିନରେ ଆସିଛି । ମାନବ ସୁଥାର ପଞ୍ଚମ ଦିନରେ ଘାତକ ବୋଲିଂ କରି ୬ ୱିକେଟ୍ ହାସଲ କରିଛନ୍ତି । ମ୍ୟାଚ୍‌ରେ ମାନବ ମୋଟ୍ ୧୦ଟି ୱିକେଟ୍ ଅକ୍ତିଆର କରିଛନ୍ତି । ବର୍ତ୍ତମାନ ପ୍ରଥମ ଟେଷ୍ଟ ଜିତି ଭାରତ ସିରିଜ ୧-୦ରେ ଆଗୁଆ ରହିଛି ।ଦୁଇଦେଶ ମଧ୍ୟରେ ଅଗଷ୍ଟ ୨୩ରୁ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ଏବେ ଟିମ୍ ଇଣ୍ଡିଆର ଲକ୍ଷ୍ୟ ରହିବ ୨-୦ରେ ସିରିଜ୍ ହ୍ୱାଇଟ୍‌ୱାସ୍ । ଭାରତ ପ୍ରଥମ ଇନିଂସରେ ୪୬୨ ରନ୍ କରିଥିଲା । ଭାରତ ଦ୍ୱିତୀୟ ଇନିଂସରେ ୧୯୩ ରନ୍ କରିଥିଲା । ଶ୍ରୀଲଙ୍କା ତାର ପ୍ରଥମ ଇନିଂସରେ ୨୮୪ ରନ୍ କରିଥିବାବେଳେ ଦ୍ୱିତୀୟ ଇନିଂସରେ ୨୦୬ ରନ୍ କରି ଅଲଆଉଟ୍ ହୋଇଛି । ଭାରତର ଏହା ୬୦୦ତମ ଟେଷ୍ଟ ମ୍ୟାଚ୍ ଯାହା ଦମଦାର ବିଜୟ ସହିତ ସରିଛି । ଶତକୀୟ ପାଳି ଖେଳିଥିବା ଦେବଦତ୍ତ ପାଡିକ୍କଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି । ଏହି ଦମଦାର ବିଜୟ ପରେ ଅଧିନାୟକ ଶୁଭମନ ଗିଲ କହିଛନ୍ତି, 'ଟେଷ୍ଟ କ୍ରିକେଟରେ ଆଗାମୀ ଗୋଟିଏ ବର୍ଷ ପାଇଁ ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବା ହେଉଛି ଚୂଡ଼ାନ୍ତ ଲକ୍ଷ୍ୟ । ୩୭୨ ରନର କଷ୍ଟକର ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ଲଞ୍ଚ ପର ସେସନରେ ୭୭.୪ ଓଭରରେ ୨୦୬ ରନରେ ଅଲଆଉଟ୍ ହୋଇଛି । ମାନବ ସୁଥାରର ଦ୍ୱିତୀୟ ଇନିଂସରେ ୫୫ ରନ୍ ଦେଇ ୬ ୱିକେଟ୍ ନେଇଛନ୍ତି । ତାଙ୍କ ଟେଷ୍ଟ କ୍ୟାରିୟରରେ ସେ ଦ୍ୱିତୀୟ ପାଞ୍ଚ ୱିକେଟ୍ ପୂରଣ କରିଛନ୍ତି । ମାନବ ସୁଥାର ପୁରା ମ୍ୟାଚରେ ମୋଟ୍ ୧୦ଟି ୱିକେଟ୍ ନେଇଛନ୍ତି । ତାଙ୍କ ସହିତ ଅଭିଜ୍ଞ ରବୀନ୍ଦ୍ର ଜାଡେଜା ଦ୍ୱିତୀୟ ଇନିଂସରେ ୧୬ ରନ୍ ଦେଇ ୨ ୱିକେଟ୍ ନେଇଛନ୍ତି । ବ୍ୟାଟିଂ ବିଭାଗ ଦେଖିବାକୁ ଗଲେ ଦେବଦତ୍ତ ପାଡିକ୍କଲ ପ୍ରଥମ ଇନିଂସରେ ୧୬୭ ରନ୍ କରିଥିଲେ । ଦ୍ୱିତୀୟ ଇନିଂସରେ ୪୪ ରନ୍ କରିଥିଲେ । ପ୍ରଥମ ଟେଷ୍ଟରେ ତାଙ୍କ ବ୍ୟାଟରୁ ୨୧୧ ରନ୍ ଆସିଥିଲା । ଦମଦାର ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

## ଦ୍ୱିତୀୟ ଦିନରେ ସିନିଅର ଫୁଟବଲ ଲିଗ୍

ତରଭା, ୧୯/୮(ନିପ୍ର): ତରଭା ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ଜିଲ୍ଲା କ୍ରୀଡାସଙ୍ଘ ସିନିଅର ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ କମସରା ଏଫସି ଫୁଟବଲ ଦଳ ଓ ତରଭା ମର୍ଣ୍ଣିଂ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇ କମସରା ଏଫସି ଦଳ ଟ୍ରାଇ ବ୍ରେକରେ ୩-୧ ଗୋଲରେ ତରଭା ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ମ୍ୟାଚ କମସରା ଏମଏମଏଫସି ଓ ବାଲି ଖମାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାଲିଖମାର ଦଳ କମସରା ଏମଏମଏଫସି ଦଳ ୩-୦ ଗୋଲରେ କମସରା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ଦ୍ୱିତୀୟ ଦିବସ ସେମି ଫାଇନାଲ ଉଦଘାଟନୀ ପ୍ରଥମ ମ୍ୟାଚରେ ବିଡିଓ ଶିବାନନ୍ଦ କର୍ମୀ ମୁଖ୍ୟଅତିଥି, ୱାର୍ଡ ସଭ୍ୟ ଆକବର ଅଲ୍ଲୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ।

## ଚାଷୀଙ୍କ ଧାନମଣ୍ଡି ସମସ୍ୟା ନେଇ ମନ୍ତ୍ରୀଙ୍କୁ ଭେଟିଲେ



**ନିରାକାରପୁର,୧୯/୮(ନିପ୍ର):** ଚଳିତ ଖରିଫ ଋତୁରେ ଖୋର୍ଦ୍ଧା ଜିଲ୍ଲାର ଚାଷୀ ଓ ଭାଗଚାଷୀମାନେ ଧାନମଣ୍ଡି ପଞ୍ଜିକରଣ ସମୟରେ ସମ୍ମୁଖୀନ ହେଉଥିବା ଜଟିଳତା ଓ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ପ୍ରଶାନ୍ତ ପାଇକରାୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏହି ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଆଲୋଚନା ସମୟରେ ଶ୍ରୀ ପାଇକରାୟ ଖୋର୍ଦ୍ଧା ଜିଲ୍ଲାର ଧାନମଣ୍ଡି ପଞ୍ଜିକରଣ, ଦଲିଲ୍ ଅନ୍ତର୍ଭୁକ୍ତ କରିବା, ଟୋକନ୍ ବ୍ୟବସ୍ଥା ଏବଂ ଆବଶ୍ୟକ କାଗଜପତ୍ର ଜନିତ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ଭାଗଚାଷୀମାନେ ଯେପରି ସରଳ ଉପାୟରେ ପଞ୍ଜିକରଣ କରିପାରିବେ ଏବଂ କୌଣସି ପ୍ରକୃତ ଚାଷୀ ଯେପରି ସରକାରୀ ଧାନ କ୍ରୟ ବ୍ୟବସ୍ଥାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜରୁରୀ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ।ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହିସବୁ ଅସୁବିଧାର ତୁରନ୍ତ ଓ ବ୍ୟବହାରିକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।






ଅନଲାଇନ ଚାଲୁଥିବା ଅଟୋଚାଳକ ମହାସଂଘ ପକ୍ଷରୁ ଧର୍ମଘଟ ଯୋଗୁଁ ମାଷ୍ଟର କ୍ୟାଣ୍ଟିନ ଛକ ଜାମ୍, ଯାତ୍ରୀ ଭୋଗିଲେ ନାହିଁ ନ ଥିବା ଅସୁବିଧା (ଫଟୋ-ଦିନଲିପି)




ଜଣେ ଅଟୋଚାଳକଙ୍କୁ ପୋଲିସର ନିର୍ଦ୍ଧୁମ ମାଡ଼(ବାମ), ପୋଲିସ ଉପରକୁ ଅଟୋଚାଳକଙ୍କ ଆଖିବୁଜା ଢେ଼ଲାମାଡ଼(ଡାହାଣ)

## ଜଟଣୀରେ ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ

ଭୁବନେଶ୍ୱର, ୧୯/୮(ନିପ୍ର): ଜଟଣୀଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି । ସୂଚନାଯୋଗ୍ୟ ଯେ, ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଂଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି। ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି । ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି । ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ ଅର୍ଥ ଯୋଗାଇ ଦିଆଯାଉଛି। ତେବେ, ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ । ସୂଚନାଯୋଗ୍ୟ ଯେ, ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି । ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

## ବରିଷ୍ଠ ନାଗରିକଙ୍କୁ ଅପହରଣ, ଜଟଣୀରୁ ଉଦ୍ଧାର

ପିପିଲି, ୧୯/୮(ନିପ୍ର): ବୁଧବାର ପୂର୍ବାହ୍ନରେ ସିନେମା ଷ୍ଟାଇଲରେ ଦୁର୍ବୃତ୍ତମାନେ ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ଗ୍ରାମର ସୂଚନା ଅଧିକାର କର୍ମୀ ତଥା ବରିଷ୍ଠ ନାଗରିକ ନୃସିଂହ ପରିଡାଙ୍କୁ ତାଙ୍କ ଘରୁ ଜୋର ଜବରଦସ୍ତି କାରଯୋଗେ ଅପହରଣ କରି ନେଇଥିଲେ। ଅପହରଣ ନେଇ ଥାନାରେ ଅଭିଯୋଗ କରିବା ପରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଞ୍ଚଳରୁ ନୃସିଂହଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ ଏହା ପୂର୍ବରୁ ଅଭିଯୁକ୍ତମାନେ ବନ୍ଧୁକମୁନରେ ନୃସିଂହଙ୍କୁ ଅପହରଣ କରି ୭ଲକ୍ଷ ଟଙ୍କା ଦାବି କରିଥିଲେ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭୂତଳ ବିଦ୍ୟୁତ ସଂଯୋଗ ଓ ଭିତ୍ତିଭୂମି ସୁଦୃଢ଼ୀକରଣ

**ବ୍ରହ୍ମପୁର, ୧୯/୮(ନିପ୍ର):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ଛତ୍ରପୁରରେ ୩.୪କିମି ଭୂତଳ ବିଦ୍ୟୁତ ସଂଯୋଗ ହୋଇଛି । ଏହି ପ୍ରକଳ୍ପ ଜିଲ୍ଲା ମୁଖ୍ୟାଳୟ ପାଇଁ ଭରସାଯୋଗ୍ୟ ଏବଂ ଗୁଣାତ୍ମକ ବିଜୁଳି ସଂଯୋଗ ସୁନିଶ୍ଚିତ କରେ । ନୂତନ ୧୧ କେଭି ଭୂତଳ ବିଦ୍ୟୁତ ନେଟୱର୍କ ପ୍ରମୁଖ ସରକାରୀ ଏବଂ ପ୍ରାଶାସନିକ କାର୍ଯ୍ୟାଳୟ ପାଇଁ ଭରସାଯୋଗ୍ୟ, ନିରବଚ୍ଛିନ୍ନ ଏବଂ ଝଡ଼ ତୋଫାନ ସମୟରେ ବିଦ୍ୟୁତ ସେବା ସୁନିଶ୍ଚିତ କରେ । ଏଥିରେ ସଂଯୁକ୍ତ ହୋଇଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍ ପି ଅଫିସ ଏବଂ ଛତ୍ରପୁରର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଅନ୍ତର୍ଭୁକ୍ତ । ସାଧାରଣ ପ୍ରଶାସନ କାର୍ଯ୍ୟାଳୟରେ ସେବା ପ୍ରଦାନ କରିବା ବ୍ୟତୀତ, ନୂତନ ଭୂତଳ ନେଟୱର୍କ ଛତ୍ରପୁରର ପ୍ରାୟ ୧,୦୦୦ ବାସିନ୍ଦାଙ୍କୁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଇଥାଏ ।

## ନିର୍ବାଚନୀ ସାକ୍ଷରତା ଓ ଯୁବ ଭୋଟର ପଞ୍ଜୀକରଣ ସଚେତନତା

ପୁରୀ,୧୮/୮(ନିପ୍ର): ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ରକୁ ସୁସ୍ଥ, ସୁଦୃଢ଼ ଓ କ୍ରିୟାଶୀଳ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଏଥିରେ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବ ଭୋଟରମାନେ ନିଶ୍ଚିତ ମତଦାନ କରିବାକୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି। ନିର୍ବାଚନୀ ସାକ୍ଷରତା ଓ ଯୁବ ଭୋଟର ପଞ୍ଜୀକରଣ" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ପକ୍ଷରୁ, ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଏଇଆରଓଙ୍କ ସହଯୋଗରେ ବୁଧବାର ଅପରାହ୍ନରେ ମହାବିଦ୍ୟାଳୟର ଗ୍ୟାଲେରୀ ହଲ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ଯୋଗ ଦେଇ ନିମାପଡା ବିଡ଼ିଓ ଅଭିଜିତ ଷଡଙ୍ଗୀମୁଖ୍ୟ ଏବଂ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ଜଣେ ଭୋଟର ହେବାକୁ ଯୋଗ୍ୟ। ତେବେ ନିଜ ବିଏଲଓଙ୍କ ମାଧ୍ୟମରେ ବା ଇସିଆଇର ଆପ ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରିବା ଆବଶ୍ୟକ।

## ଲଗାତାର ବଢ଼ି ଚାଲିଛି ଖାଦ୍ୟ ସାମଗ୍ରୀ ଦର

### ଚିନି ୨୦, ଚୁଡ଼ା ୧୦, ଆଜିଠୁ ବଢ଼ିବ ପନିର ଦର

**କଟକ, ୧୯/୮(ନିପ୍ର):** ବନ୍ୟା ସମୟରେ ଆକାଶଛୁଆଁ ଦରଦାମ୍। ଚିନ୍ତାରେ ସାଧାରଣ ଗ୍ରାହକ। ରାଜ୍ୟରେ ଗୋଟେପଟେ ବନ୍ୟା ବିପ୍ରାତ ଲାଗି ରହିଥିବାବେଳେ ଅନ୍ୟପଟେ ଅହେତୁକ ଭାବେ ବଢ଼ିଚାଲିଛି ଦୈନନ୍ଦିନ ଖାଦ୍ୟ ସାମଗ୍ରୀର ଦର। ବନ୍ୟା ବିପର୍ଯ୍ୟୟର ଏହି ଦୁର୍ଦ୍ଦିନରେ ଦରବୃଦ୍ଧି ସାଧାରଣ ଲୋକଙ୍କ ପାଇଁ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହୋଇଛି। ଗତ ଗୋଟିଏ ମାସ ମଧ୍ୟରେ ଚିନି କିଲୋପ୍ରତି ୨୦ ଟଙ୍କା ବୃଦ୍ଧି ପାଇ ୪୦ ଟଙ୍କାରୁ ବର୍ତ୍ତମାନ ୬୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ବନ୍ୟା ସମୟରେ ଚୁଡ଼ା ଦର ମଧ ୩୮ ଟଙ୍କାରୁ ବଢ଼ି ୪୫ ଟଙ୍କାରେ ପହଞ୍ଚିଛି। କେବଳ ଚିନି କି ଚୁଡ଼ା ନୁହେଁ, ବରଂ ଖାଇବା ତେଲ, ଡାଲି ଏବଂ ଚାଉଳ ଭଳି ସମସ୍ତ ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟ ମଧ ଅହେତୁକ ଭାବେ ବୃଦ୍ଧି ପାଇଛି। କଟକ ମାଲଗୋଦାମଠାରୁ ଆରମ୍ଭ କରି ସ୍ଥାନୀୟ ଖୁଚୁରା ଦୋକାନ ପର୍ଯ୍ୟନ୍ତ ସବୁଠି ସମାନ ଚିତ୍ର ଦେଖିବାକୁ ମିଳୁଛି। ବଜାରକୁ ହଜାରେ ଟଙ୍କା ଧରି ଗଲେ ମଧ ପରିବାର ପାଇଁ ଆବଶ୍ୟକୀୟ ଜିନିଷ ପତ୍ର ପୂରା ହୋଇପାରୁନାହିଁ। କିଛି ଉପାୟ ନପାଇ ଗ୍ରାହକମାନେ ବାଧ ହୋଇ ଅଧିକ ପରିମାଣରେ କିଣିବା ବଦଳରେ କମ୍ ଜିନିଷ କିଣି ଘରକୁ ଫେରୁଛନ୍ତି। ଶହ ଶହ ଲୋକ ବନ୍ୟା ପାଣି ଘେରରେ ଛଟପଟ ହେଉଥିବାବେଳେ ବଜାରରେ ଏଭଳି ଦର ନିୟନ୍ତ୍ରଣହୀନ ବୃଦ୍ଧି ସାଧାରଣ ଜନତାଙ୍କ ଜୀବନଯାତ୍ରାକୁ ଅତିଷ୍ଠ କରିପକାଇଛି। ଯଦି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ିଯିବ। ଗୁରୁବାର ଠାରୁ ପୁଣି ବଢ଼ିବ ଛେନା ଓ ପନିର ଦର। କ୍ଷୀର ଦର ବଢ଼ିବା ପରେ ଛେନା ଓ ପନିର ଦର ବଢ଼ାଇବାକୁ ନିଷ୍ପତ୍ତି ନେଇଛି ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ। ଫଳରେ ଆଗାମୀ ଦିନରେ ଖାଉଟିଙ୍କ ଉପରେ ପୁଣି ପଡ଼ିବ ଆର୍ଥିକ ବୋଝ।

# ୫ ଫୁଟ୍ ପାଣିରେ ଭାସୁଛି 'ବିକାଶ'

### ନିର୍ବାଚନୀ ପ୍ରତିଶ୍ରୁତି ନାଳ ପାଣିରେ, ୪ଶହ ଲୋକ ଜଳବନ୍ଦୀ



ରେଢ଼ାଖୋଲ, ୧୯/୮(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍‌ର ଘୋସରାମାଳ ପଞ୍ଚାୟତ ଅନ୍ତର୍ଗତ କମଳାନାଳୀ ଓ ବଡ଼ବିଲ ଗାଁର ଦୁର୍ଦ୍ଦଶା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଘୋସରାମାଳ ପଞ୍ଚାୟତଠାରୁ ଲାଣ୍ଡିମାଲ, ଧାତୁକିମାଲ ଦେଇ କମଳାନାଳି ଓ ବଡ଼ବିଲ ଗାଁ କୁ ଆର୍ ଡି ବିଭାଗ ପକ୍ଷରୁ ଯାଇଥିବା ରାସ୍ତା ଅଟକିଛି ଧାତୁକିମାଲ ଗାଁ ମୁଣ୍ଡରେ । ଆଗକୁ ଆଉ ଦୁଇ ଗାଁ କୁ ନାହିଁ ରାସ୍ତା । ଚମ୍ପାଳୀନାଳ ପାର ହୋଇ ଜିବାକୁ ପଡେ ତେଣୁ ଲୋକଙ୍କୁ ବାରମାସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପ୍ରତିବର୍ଷ ବର୍ଷାଦିନ ଆସିଲେ ଏହି ଦୁଇଟି ଗାଁ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡୁଛି। ଗ୍ରାମବାସୀଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ସାଜିଥିବା ଚମ୍ପାଳୀ ନାଳ ଉପରେ ୫ ଫୁଟରୁ ଅଧିକ ଉଚ୍ଚର ପାଣି ପ୍ରବାହିତ ହେଉଥିବା ବେଳେ, ଜୀବନକୁ ବାଜି ଲଗାଇ ଲୋକେ ଏହାକୁ ପାରି ହେବାକୁ ବାଧ ହେଉଛନ୍ତି। ୪ ଶହରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ଏହି ଦୁଇ ଗାଁର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବର୍ଷା ଦିନେ ଏହି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସଂଗ୍ରହ କିମ୍ବା ପିଲାଙ୍କ ପାଠପଢ଼ା – ସବୁକିଛି ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ଛାତ୍ରଛାତ୍ରୀମାନେ ପ୍ରତିଦିନ ଜୀବନ ବିପନ୍ନ କରି ନାଳ ପାରି ହୋଇ ସ୍କୁଲ୍‌କୁ ଯାଉଥିବା ବେଳେ କୌଣସି ରୋଗୀଙ୍କୁ ମେଡିକାଲ ନେବା ଅସମ୍ଭବ ହୋଇପଡୁଛି। ପ୍ରଶାସନିକ ଅବହେଳା ଓ ଭୋଟ ବର୍ଜନ ଚେତାବନୀ ଚମ୍ପାଳୀ ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାତ୍ର ବହୁ ଅଭିଯୋଗ ପରେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପ୍ରଶାସନର ଏହି ଉଦାସୀନ ମନୋଭାବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏଥର ଯଦି ସରକାର କିମ୍ବା ପ୍ରଶାସନ ସେମାନଙ୍କର ଏହି ଦାବି ନଶୁଣନ୍ତି, ତେବେ ଆଗାମୀ ନିର୍ବାଚନରେ ସମ୍ପୂର୍ଣ୍ଣ ଭୋଟ ବର୍ଜନ କରିବେ ବୋଲି କମଳାନାଳୀ ଓ ବଡ଼ବିଲ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମାଞ୍ଚଳର ମୌଳିକ ସୁବିଧା ପୂରଣ କରିବାରେ ବିଫଳ ହୋଇଥିବା ପ୍ରଶାସନ କେବେ ଏହି ଗ୍ରାମବାସୀଙ୍କ ଦୁଃଖ ବୁଝୁଛି, ତାହା ଏବେ ଦେଖିବାକୁ ବାକି ରହିଲା।

## ରାଜ୍ୟରେ ବଦଳିବ ସହରୀ ଚିତ୍ର

### 'ଓଡ଼ିଶା ଯାତ୍ରୀ' ବିସ୍ତାରରୁ ସୁଲଭ ଘର, ରାସ୍ତା-ଡ୍ରେନେଜ୍‌ରେ ବଡ଼ ଫୋକସ୍



**ଭୁବନେଶ୍ୱର, ୧୯/୮(ନିପ୍ର):** ରାଜ୍ୟର ସହରାଞ୍ଚଳ ବିକାଶ ଓ ନଗର ଯାତାୟାତ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବାକୁ ସରକାର ନେଇଛି ବଡ଼ ପଦକ୍ଷେପ। ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବା, ସହରୀ ଯାତାୟାତକୁ ସୁଗମ କରିବା ଓ ଲୋକଙ୍କୁ ଦୃଶ୍ୟମାନ ସୁବିଧା ଦେବା ଉପରେ ସରକାର ଗୁରୁତ୍ୱ ଦେଇଛି। ଖାରବେଳ ଭବନରେ ଆବାସ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନଗର ଉନ୍ନୟନ ଓ ଅର୍ବାନ୍ ମୋବିଲିଟି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ବିଭିନ୍ନ ଚାଲୁ ପ୍ରକଳ୍ପର ଅଗ୍ରଗତି ସହ ଅର୍ଥର ସମୟୋଚିତ ବ୍ୟବହାର ନେଇ ସମୀକ୍ଷା କରାଯାଇଥିଲା। ସହରୀ ଯାତାୟାତ ବ୍ୟବସ୍ଥାକୁ ନେଇ ମନ୍ତ୍ରୀ 'ଓଡ଼ିଶା ଯାତ୍ରୀ' ପଦକ୍ଷେପକୁ ରାଜ୍ୟର ଅନ୍ୟ ସହରଗୁଡ଼ିକରେ ବିସ୍ତାର କରିବା ଉପରେ ଜୋର ଦେଇଛନ୍ତି। ଯାତ୍ରୀଙ୍କୁ ଭରସାଯୋଗ୍ୟ ଯାତାୟାତ ସୁବିଧା ଦେବା ସହ ଡ୍ରାଇଭରମାନଙ୍କ ଜୀବିକାକୁ ସହାୟତା କରିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି।

## ଫୁଟ୍ ଓଭର ବ୍ରିଜ୍ ଉଦ୍‌ଘାଟିତ

ନିରାକାରପୁର,୧୯/୮(ନିପ୍ର): ଖୋରଧା ଜିଲ୍ଲା ଦେଇ ଯାଇଥିବା ୧୬ ନଂ ଜାତୀୟ ରାଜପଥର ରତାମାଟି ଛକଠାରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ନିର୍ମିତ ବହୁପ୍ରତୀକ୍ଷିତ ଫୁଟ୍ ଓଭର ବ୍ରିଜ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଓଭର ବ୍ରିଜ୍‌କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଖୋରଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/2026/ ତା.18.08.2026 ରିଖ

ଟେଣ୍ଡର ସଂ. 40266174A

ସାମଗ୍ରୀଗୁଡ଼ିକର ବିବରଣୀ : 60 କି.ଗ୍ରା. UIC/52 କି.ଗ୍ରା. ରେଲ୍ ସେକ୍ସନ୍ସ ଡିଆରହି : (RDSO) RDSO T 5919 Alt 2 ବିନିର୍ଦ୍ଦେଶ : (RDSO) IRS/T-31-2025, ଖଣ୍ଡ ସଂସ୍କରଣ ପାଇଁ ଫ୍ଲାଟ୍ ଟୋ (FLAT TOE) ସହିତ ଇଲାଷ୍ଟିକ୍ ରେଲ୍ କ୍ଲିପ୍ (ERC) MK-V ।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.26.08.2026 ରିଖ 1500 ଘଟିକାରେ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-378/R/26-27

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ